## ସଂକ୍ଷେପରେ

### ଛୁରି ଦେଖାଇ ଲୁଟ୍ ମାମଲା: ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୮ା୭(ସତ୍ୟଜିତ୍ ରାଉତ)



ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଅଞ୍ଚଳରେ ଛୁରୀ ଦେଖାଇ ଲୁଟ୍ ମାମଲାରେ ରବିବାର ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୨ର ବିଚାରପତି ପ୍ରିୟଦର୍ଶିନୀ ତ୍ରିପାଠୀ ରାୟ ପ୍ରକାଶ କରିଛନ୍ତି। ମାମଲାର ବିଚାର କରି ବିଚାରପତି ୬ଜଣଙ୍କ ସାକ୍ଷ୍ୟ ଓ ୧୨ଟି ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ପ୍ରକାଶ ବିଶୋଇ ଓରଫ ପାକଙ୍କୁ ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଅଭିଯୋଗକାରୀ ପ୍ରଦୀପ୍ତ କୁମାର ପରିଜା ଜାନୁଆରୀ ୧୭ ଅପରାହ୍ନ ୩ଟା ବେଳେ ପୁତୁରାଙ୍କ ସହ ପାଣ୍ଡରା ଛକ ନିକଟରେ ଛିଡା ହୋଇଥିବା ବେଳେ ଅପରାଧର ଶିକାର ହୋଇଥିଲେ। ଅଭିଯୁକ୍ତ ପ୍ରକାଶ ଜଣେ ସହଯୋଗୀଙ୍କ ସହ ସେଠାକୁ ଆସି ଉଭୟଙ୍କୁ ଏକ ଛୁରି ଦେଖାଇ ଭୟଭୀତ କରି ଧମକ ଦେଇଥିଲେ। ପରେ ପ୍ରଦୀପ୍ତଙ୍କଠୁ ମୋବାଇଲ ଓ ୭ ହଜାର ୫୦୦ ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ ପ୍ରଦୀପ୍ତଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ନିର୍ଦ୍ଧାରିତ ସମୟ ପୂର୍ବରୁ ଏହି ମାମଲାରେ ପୋଲିସ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ସୟଦ ମହମ୍ମଦ ଅନୱାର ଓ ଶ୍ରୀ ସମରେନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।

### ପଣ୍ଡିତଙ୍କୁ ଖଣ୍ଡାରେ ଆକ୍ରମଣ ଅଭିଯୋଗ

ବାରଙ୍ଗ,୨୮ା୭(ଲିଙ୍ଗରାଜ ରାଉତ)

ଘର ବାହାରେ ଥିବା ପାଇଖାନାକୁ ଶୌଚ ହେବାକୁ ଯାଇଥିବା ଜଣେ ବୃଦ୍ଧଙ୍କୁ ଶନିବାର ବିଳମ୍ବିତ ରାତିରେ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ରବିବାର ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ନନ୍ଦନକାନନ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ଏକ ଖଣ୍ଡା ଏବଂ କିଛି ଭଙ୍ଗା ଚୁଡ଼ି ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସ ଜଣେ ପଡ଼ୋଶୀ ମହିଳାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ପ୍ରକାଶ ଯେ, ନନ୍ଦନକାନନ ଥାନା ଅଧୀନ ମରିଚିଆ ଗ୍ରାମର ଗୋପାଳ ଦାସ(୭୦) ବାସ୍ତୁଶାସ୍ତ୍ରରେ ଜ୍ଞାନ ଥିବାରୁ ପଣ୍ଡିତ ଗୋପାଳ ଭାବେ ତାଙ୍କର ଅଞ୍ଚଳରେ ସୁନାମ ରହିଛି। ଗତ କିଛିଦିନ ହେବ ପଡ଼ୋଶୀଙ୍କ ସହ ତାଙ୍କ ପରିବାରର ମନାନ୍ତର ରହିଥିଲା। ଶନିବାର ବିଳମ୍ବିତ ରାତି ପ୍ରାୟ ୩ଟା ସୁଦ୍ଧା ଗୋପାଳ ଶୌଚ ହେବାକୁ ବାଡ଼ି ପଛପଟେ ଥିବା ଶୌଚାଳୟକୁ ଯାଇଥିଲେ। ଏହି ସମୟରେ ପଡ଼ୋଶୀ ଜଣେ ମହିଳା ତାଙ୍କ ମୁଣ୍ଡ ଏବଂ ହାତକୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ବୃଦ୍ଧଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଚିତ୍କାର କରି ଗୋପାଳ ଦୌଡ଼ି ଘରକୁ ପଳାଇ ଆସିଥିଲେ। ପରିବାର ଲୋକଙ୍କୁ ସବୁ କଥା କହିବା ପରେ ସେମାନେ ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ୩ ଜଣିଆ ଛତିଶଗଡ଼ୀ ମହିଳା ଗ୍ୟାଙ୍ଗ ଧରାପଡ଼ିଲା

## ବସ୍‌ରୁ ଚୋରି ଘଟଣା

ଭୁବନେଶ୍ୱର,୨୮ା୭(ସତ୍ୟଜିତ୍ ରାଉତ)



ନୟାପଲ୍ଲୀ ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ୩ ମହିଳା।

ରାଜଧାନୀରେ ବସ୍‌ରୁ ଚୋରି ମାମଲାରେ ୩ ଜଣ ଛତିଶଗଡ଼ୀ ମହିଳା ଗ୍ୟାଙ୍ଗକୁ ଧରିଛି କମିଶନରେଟ୍ ପୋଲିସ। ନୟାପଲ୍ଲୀ ଥାନା ପକ୍ଷରୁ ରବିବାର ଅଭିଯୁକ୍ତାମାନଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଛତିଶଗଡ ରାୟପୁର ପୁରାନି ବସ୍ତି ଥାନା ଅଞ୍ଚଳର ଛାୟା ପାତ୍ର (୪୫), ଲତା ସାଁଣ୍ଡୀ (୫୦) ଓ ଉଜାଲ୍ଲା ପତ୍ରି (୨୦)। ସେମାନଙ୍କଠାରୁ ୨୨ ହଜାର ୫୦୦ ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତାମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଖଣ୍ଡପଡା ଥାନା ଅଞ୍ଚଳର ଆଶ୍ରିତା ମହାରଣା ନିଜ ମା'ଙ୍କ ସହିତ ଶନିବାର ସକାଳୁ କଣ୍ଟିଲୋରୁ ବସ୍ ଯୋଗେ ଭୁବନେଶ୍ୱର ଆସିଥିଲେ। ସେମାନେ ବରମୁଣ୍ଡାରେ ଓହ୍ଲାଇବା ପରେ ଆଉ ଏକ ଘରୋଇ ବସ୍‌ରେ ଆସି ନୟାପଲ୍ଲୀ ନାବାର୍ଡ ପାଖରେ ଓହ୍ଲାଇଥିଲେ। ସେମାନେ ବରମୁଣ୍ଡାରୁ ଆସୁଥିବାବେଳେ ତିନି ଅଭିଯୁକ୍ତା ଜଣେ ୪ବର୍ଷର ଶିଶୁକନ୍ୟାକୁ ଧରି ଆଶ୍ରିତାଙ୍କ ମା'ଙ୍କ ନିକଟରେ ଠିଆ ହୋଇଥିଲେ। ପରେ ତାଙ୍କ ଭ୍ୟାନିଟ୍ ବ୍ୟାଗକୁ ଚୋରାଇ ନେଇଥିଲେ। ବ୍ୟାଗରେ ୨୫ ହଜାର ଓ କେତେକ ପ୍ରମାଣପତ୍ର ଥିଲା। ଏନେଇ ଆଶ୍ରିତାଙ୍କ ପକ୍ଷରୁ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୪୩/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ରବିବାର ତିନି ଅଭିଯୁକ୍ତାଙ୍କୁ ନାବାର୍ଡ ଛକ ନିକଟରେ ବୁଲାବୁଲି କରୁଥିବାବେଳେ ପୋଲିସ ଟିମ୍ କାବୁ କରିଥିଲା। ଅଭିଯୁକ୍ତମାନେ ଭୁବନେଶ୍ୱରରୁ ଚୋରି କରିବାକୁ ଆସି ବିଭିନ୍ନ ଅଞ୍ଚଳରେ ବନ୍‌ଜାରା ପରି ବସବାସ କରୁଥିଲେ। ସେମାନେ ଏଭଳି ଏକାଧିକ ଚୋରି ମାମଲାରେ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି।



ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଇଡ୍‌କୋ ଟାୱାର ସମ୍ମୁଖରେ ଏକ ଟ୍ରକ ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେବା ପରେ ଦୋକାନ ଆଡକୁ ମାଡ଼ିଯାଇଛି।

# ଓଡିଏମ୍‌ରେ ଛାତ୍ରସଂସଦର 'ଅଭିଷେକୋତ୍ସବ'




ଉତ୍ସବରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ, କମାଣ୍ଡିଙ୍ଗ୍ ଅଫିସର କର୍ଣ୍ଣେଲ ରୋହିତ୍ ସିଂ ଓ ଅନ୍ୟମାନେ।

ଭୁବନେଶ୍ୱର,୨୮ା୭ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଚଳିତ ଶିକ୍ଷାବର୍ଷ ପାଇଁ ଛାତ୍ର ସଂସଦର 'ଅଭିଷେକୋତ୍ସବ-୨୦୨୪'ଅନୁଷ୍ଠିତ ହୋଇଯାଇଛି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଭୁବନେଶ୍ୱର ୧୨୦ଅର୍ଦ୍ଧ-ସାମରିକ ବାଟାଲିୟନର ସେନା ମଡେଲ୍ କମାଣ୍ଡିଙ୍ଗ୍ ଅଫିସର କର୍ଣ୍ଣେଲ ରୋହିତ୍ ସିଂ ଯୋଗ ଦେଇ ଓଡିଏମ୍ ଛାତ୍ର-ସଂସଦର ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସମବେତ ଓଡିଏମ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ବିତ୍ତ ଏବଂ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଶିକ୍ଷା-ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷା ଡ.ସନ୍ଧ୍ୟାରାଣୀ ସ୍ୱାଇଁ, ଉପାଧ୍ୟକ୍ଷ ଡ.ରାଜେଶ କୁମାର ପାଢୀ ପ୍ରମୁଖ ଉପସ୍ଥିତ ରହି ନବନିର୍ବାଚିତ କ୍ୟାପ୍ଟେନ ଏବଂ ଭାଇସ୍-କ୍ୟାପ୍ଟେନଙ୍କୁ ବ୍ୟାଜ୍ ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ। ସ୍କୁଲ୍ ହେଡ ବଏ କୁନାଲ କୁମାର ସାହୁ, ହେଡ ଗର୍ଲ ଆଶ୍ରିତା ମହାପାତ୍ର, ଅହିଂସା ହାଉସ୍ କ୍ୟାପ୍ଟେନ ରୁଦାଲି ପଟ୍ଟନାୟକ, ମୈତ୍ରୀ ହାଉସ୍ କ୍ୟାପ୍ଟେନ ସମୀର ପ୍ରଧାନ, ପ୍ରୀତି ହାଉସ୍ କ୍ୟାପ୍ଟେନ ପ୍ରିୟାଂଶୁ ଖୁଣ୍ଟିଆ ଏବଂ ଶାନ୍ତି ହାଉସ୍ କ୍ୟାପ୍ଟେନ ଶିବା କାଷ୍ୟମ୍ ପ୍ରମୁଖ ମନୋନୀତ ହୋଇଥିଲେ।

ଏହି ଅବସରରେ ପ୍ରତ୍ୟେକ ହାଉସରେ କ୍ୟାବିନେଟ୍ ସଦସ୍ୟମାନେ ସତ୍ୟ,ନିରପେକ୍ଷ ଏବଂ ନିଷ୍ଠାର ସହ ନେତୃତ୍ୱ ନେବାର ଦକ୍ଷତାକୁ ପାଳନ କରିବେ ବୋଲି ଶପଥ ପାଠ କରିଥିଲେ।

ଏହି ଉପଲକ୍ଷେ ପୂର୍ବବର୍ଷ ଦାୟିତ୍ୱରେ କ୍ୟାପ୍ଟେନମାନେ ନବନିର୍ବାଚିତ କ୍ୟାପ୍ଟେନମାନଙ୍କୁ ବ୍ୟାଜ୍ ହସ୍ତାନ୍ତର କରିଥିଲେ। କର୍ଣ୍ଣେଲ୍ ରୋହିତ ସିଂ କ୍ୟାପ୍ଟେନ, ଭାଇସ୍-କ୍ୟାପ୍ଟେନ ଏବଂ ହାଉସ୍ ମାଷ୍ଟରମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଏକାଗ୍ରତର ସହ କାର୍ଯ୍ୟ କରିବାକୁ ଉଦବୋଧନ ଦେଇଥିଲେ। ପ୍ରତିଷ୍ଠାତା ଡ. ମୀନକେତନ ବ୍ୟକ୍ତିଗତ ତଥା ଜାତୀୟସ୍ତରରେ ନେତୃତ୍ୱ ନେବାର ଦକ୍ଷତା ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ଲିଡରମାନଙ୍କୁ ଆହ୍ୱାନ ଦେବା ସହ ସକାରାତ୍ମକ ଚିନ୍ତାଧାରା ନେଇ କାମ କଲେ ଜୀବନରେ ସଫଳତା ପାଇପାରିବେ ବୋଲି ଉତ୍ସାହିତ କରିଥିଲେ। ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

### ରାପରଙ୍କ ବିରୋଧରେ ନନ୍ଦନକାନନ ଥାନାରେ ଏତଲା

#### ନିର୍ଯାତନା, ଆକ୍ରମଣ ଅଭିଯୋଗ

ଭୁବନେଶ୍ୱର,୨୮ା୭(ସତ୍ୟଜିତ୍ ରାଉତ)

ଜଣେ ରାପର ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ନନ୍ଦନକାନନ ଥାନାରେ ରବିବାର ଏତଲା ଦିଆଯାଇଛି। ରାପର ଅଭିନବ ସିଂ ଏହି ଅଭିଯୋଗ କରିଛନ୍ତି। ତାଙ୍କୁ ନିର୍ଯାତନା, ଧମକ ଓ ଆକ୍ରମଣ କରାଯାଇଥିବା ଅଭିନବ ଏତଲାରେ ଦର୍ଶାଇଛନ୍ତି। ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ଓଲିଉଡ୍ ଅଭିନେତ୍ରୀ ମଧ୍ୟ ରହିଛନ୍ତି। ଏତଲା ଅନୁଯାୟୀ, ଅଭିନବଙ୍କୁ ସଂଘବଦ୍ଧ ଭାବେ ଭୁବନେଶ୍ୱରର ଏକ ଷ୍ଟୁଡିଓରେ ଶନିବାର ଅପରାହ୍ନରେ ଆକ୍ରମଣ କରାଯାଇଛି। ଏହି ଘଟଣା ବିଷୟରେ ଜଣାଇଲେ ମିଛ ନିର୍ଯାତନା ଆଦି ଅଭିଯୋଗ କରି ତାଙ୍କ ସମ୍ମାନହାନୀ କରିବେ ବୋଲି ଅଭିଯୁକ୍ତମାନେ ଧମକ ଦେଇଥିଲେ। ଅଭିନବ ଏନେଇ ଲାଲବାଗ୍ ଥାନାକୁ ଏତଲା ଦେବାକୁ ଯାଇଥିଲେ। ସେଠାକାର ପୋଲିସର ପରାମର୍ଶକ୍ରମେ ସେ ନନ୍ଦନକାନନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘଟଣା ସଂକ୍ରାନ୍ତରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ବୁଝାମଣା ଚାଲିଥିବା ନନ୍ଦନକାନନ ଥାନାଧିକାରିଣୀ ସମିତା ମିଶ୍ର କହିଛନ୍ତି।

### ଲଜ୍‌ରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବାରଙ୍ଗ,୨୮ା୭(ଲିଙ୍ଗରାଜ ରାଉତ)

ନନ୍ଦନକାନନ ବସ୍‌ଷ୍ଟାଣ୍ଡ ଭିତରେ ଥିବା ଏକ ଲଜ୍‌ରେ ରହୁଥିବା ଜଣେ ଯୁବକଙ୍କ ରବିବାର ସକାଳେ ମୃତ୍ୟୁ ଘଟିଛି। ମୃତକ ହେଲେ କଟକ ଜିଲା ଆଠଗଡ଼ ସୋଲାବନ୍ତ ଅଞ୍ଚଳର ପ୍ରଶାନ୍ତ କୁମାର ଗୁରୁ(୪୫)। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ପରିବାର ଲୋକେ ମୃତଦେହ ନେଇ ସତ୍କାର କରିଦେଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ପ୍ରଶାନ୍ତ ତାଙ୍କ ସ୍ତ୍ରୀ, ୨ ପୁଅ, ଶାଶୁ ଓ ଶ୍ୱଶୁରଙ୍କ ସହ ନନ୍ଦନକାନନ ବସ୍‌ଷ୍ଟାଣ୍ଡ ଭିତରେ ଥିବା ଏକ ଲଜ୍‌ରେ ଦୀର୍ଘ ୭ ମାସ ହେବ ରହିଆସୁଥିଲେ। ଏଠାରେ ରହି ସେ ରଘୁନାଥପୁର ନିକଟସ୍ଥ ଏକ ଆପାର୍ଟମେଣ୍ଟରେ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରନ୍ତି। ନନ୍ଦନକାନନ ରାସ୍ତା କଡ଼ରେ ବେଳେବେଳେ ସେ ଚଷମା ବିକ୍ରି କରିଥାନ୍ତି। ରବିବାର ସକାଳେ ତାଙ୍କର ଅକସ୍ମାତ୍ ମୃତ୍ୟୁ ଘଟିଥିବାବେଳେ ପରିବାର ଲୋକେ ତାଙ୍କ ମୃତଦେହକୁ ନିଜ ଗ୍ରାମକୁ ନେଇ ସତ୍କାର କରିଥିବା ଜଣାପଡ଼ିଛି। ପରିବାର ସହ ଏଠାରେ ରହି ଆସୁଥିବାବେଳେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ତାହା ସନ୍ଦେହ ଘେରରେ ରହିଛି।

### ନବନିର୍ମିତ ଘରୁ ୨ ଦେଶୀ ବୋମା ଜବତ, ଜଣେ ଗିରଫ




ଭୁବନେଶ୍ୱର,୨୮ା୭(ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗୁଳା ବସ୍ତିରେ ଏକ ନବର୍ନିମିତ ଘରେ ରବିବାର ପୋଲିସ ଟିମ୍ ଚଢ଼ାଉ ଦୁଇ ଦେଶୀ ବୋମା ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ସୁବ୍ରତ ପାତ୍ର (୨୪)ଙ୍କୁ ପୋଲିସ ଗିରଫ କରିଛି। ଏନେଇ ପୋଲିସ ଏକ୍ସପ୍ଲୋସିଭ୍ ସବଷ୍ଟାନ୍‌ସ ଆକ୍ଟ , ୧୯୦୮ର ଦଫା ୪/୫ ରେ ଏକ ମାମଲା (ନଂ.୪୯୪/୨୦୨୪) ରୁଜୁ କରି ଅଭିଯୁକ୍ତ ସୁବ୍ରତଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୁବ୍ରତ ବୋମା ରଖିଥିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ମିଳିବା ପରେ ଭରତପୁର ଥାନାର ଏକ ସ୍ପେଶାଲ ଟିମ୍ ଅତର୍କିତ ଚଢାଉ କରିଥିଲା। ବିସ୍ଫୋରକ ଦେଶୀ ବୋମାକୁ ସୁବ୍ରତ କୌଣସି ଆପରାଧିକ କାର୍ଯ୍ୟରେ ବ୍ୟବହାର କରିଥାନ୍ତେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

### ରାଜ୍ୟସ୍ତରୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା

ପୁରୁଣା ଭୁବନେଶ୍ୱର,୨୮ା୭(ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ଚାରୁକଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟସ୍ତରୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ବିଭିନ୍ନ କାହାଣୀ, ଓଡ଼ିଶାର ଐତିହ୍ୟ ଓ ପର୍ବ ପର୍ବାଣିକୁ ନେଇ ଚିତ୍ର ଅଙ୍କନ କରିଥିଲେ। ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଅଭିଲିପ୍ସା ମହାରଣା, ଆର୍ ସାଇ ସଂକଳ୍ପ, ଶ୍ରେୟାଂଶୀ ପୃଷ୍ଟି, ରିପ୍ସିତା ପରିଡ଼ା, ଦେବରାଜ ମିଶ୍ର, ଉପକନିଷ୍ଠ ବର୍ଗରେ ଶୁଭଶ୍ରୀ ମାଇତି, ସାଇ ସଂକଳ୍ପ ରଥ, ସ୍ୱାତୀ ସରମ ପୃଷ୍ଟି, ଆଦ୍ୟାଶା ନାୟକ, ଅନନ୍ୟା ଅନ୍ୱେଷା ରାଉତ, ସାଇ ପ୍ରତୀକ ଭୋଇ, ବରିଷ୍ଠ ବର୍ଗରେ ସୌମ୍ୟ ରଞ୍ଜନ ଜେନା, ସୋନିସ୍ମିତା ମିଶ୍ର, ସତ୍ୟମ ଶ୍ରୀ ସାହୁ, ମନଶା ଜେନା, ରଚିତ ଆର୍ୟମାନ ଦାସ ପ୍ରମୁଖ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ଉତ୍ସବ ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବହୁ ଚିତ୍ରଶିଳ୍ପୀ, କଳା ଶିକ୍ଷକ ଓ କଳାନୁରାଗୀ ଛାତ୍ରୀଛାତ୍ରମାନଙ୍କ ଚିତ୍ରର ପ୍ରଶଂସା କରିଥିଲେ।




ରାଜ୍ୟସ୍ତରୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତାରେ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

### ବିଶ୍ରାମ ନେଉଥିବାବେଳେ ନିଜ ଅଟୋରେ ଟଳିପଡ଼ିଲେ

ବାରଙ୍ଗ,୨୮ା୭(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ କଣ୍ଟାବାଡ଼ ମୁଖ୍ୟରାସ୍ତା ପାର୍ଶ୍ୱରେ ଏକ ଅଟୋ ଚାଳକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ନନ୍ଦନକାନନ ଥାନା ଅଧୀନ ପଦାସାହି ଗ୍ରାମର ମଙ୍ଗରାଜ ପରିଡ଼ା ଓରଫ ମଙ୍ଗୁ(୫୦)। ସେ ତାଙ୍କ ଅଟୋରେ ରବିବାର ବାରଙ୍ଗରୁ ଭଡ଼ାରେ ସାମଗ୍ରୀ ନେଇ କଣ୍ଟାବାଡ଼ ଆସୁଥିଲେ। କଣ୍ଟାବାଡ଼ଠାରୁ ଅଳ୍ପଦୂର ରାସ୍ତାପାର୍ଶ୍ୱରେ ଅଟୋ ରଖି ବିଶ୍ରାମ ନେଉଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଥିଲା। ତେବେ ମୃତ୍ୟୁର କାରଣ ଜାଣିବାକୁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗରେ ଆଇଆଇଏମ୍‌ସି ଆଗକୁ ବଢ଼ିବ

#### ଇମ୍‌କାର 'କନେକ୍ସନ୍ ୨୦୨୪'

ଭୁବନେଶ୍ୱର,୨୮ା୭(ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ର ପୁରାତନ ଛାତ୍ର ସଂସଦ (ଇମ୍‌କା) ଓଡ଼ିଶା ଶାଖାର ବାର୍ଷିକ ସମ୍ମିଳନୀ 'କନେକ୍ସନ-୨୦୨୪' ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାନର ୧୯୯୩ ମସିହା ପ୍ରଥମ ବ୍ୟାଚ୍‌ରୁ ୨୦୨୪ ବ୍ୟାଚ୍ ପର୍ଯ୍ୟନ୍ତ ପ୍ରାୟ ୨୦୦ ଛାତ୍ରୀଛାତ୍ର ଏକାଠି ହୋଇ ପୁରୁଣା ଦିନର ସ୍ମୃତିକୁ ତାଜା କରିଥିଲେ। ପ୍ରାରମ୍ଭରେ ଆଇଆଇଏମ୍‌ସିର ପୁରାତନ ଛାତ୍ର ତଥା ଗଜପତିର ପୂର୍ବତନ ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର ଦାସଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରୀଛାତ୍ର ନିଜ ପରିଚୟ ପ୍ରଦାନ କରିଥିଲେ। ଭାରତୀୟ ସୂଚନା ସେବା ଓ ରାଜ୍ୟ ସୂଚନା ସେବା କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଆଇଆଇଏମ୍‌ସି ଢେଙ୍କାନାଳର ନୂତନ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଯୋଗଦେଇ ଆଇଆଇଏମ୍‌ସି କିପରି ଆଗକୁ ବଢ଼ିବ ସେ ନେଇ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗ ଲୋଡ଼ିଥିଲେ। ଇମ୍‌କା କେୟାର ଫଣ୍ଡ୍‌ର ଅଧ୍ୟକ୍ଷ ନିତୀନ ପ୍ରଧାନ, ଇମ୍‌କାର ପୂର୍ବତନ ସଭାପତି ପ୍ରସାଦ ସାନ୍ୟାଲ, ଆଇଆଇଏମ୍‌ସି ଆୱାର୍ଡ ସଂଯୋଜକ ପୂଜା ମିଶ୍ର, ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ପ୍ରମୁଖ ଯୋଗଦେଇଥିଲେ। କନେକ୍ସନକୁ ରୋମାଞ୍ଚକର କରିବା ପାଇଁ ଏକ ଲକି ଡ୍ର କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହୋଇଥିଲା। ଏଥିସହ ଇମ୍‌କାର ନବନିର୍ବାଚିତ ପ୍ୟାନେଲକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ସଭାପତି ଭାବେ ସନ୍ଦୀପ କୁମାର ସେଠୀ, ଉପସଭାପତି ସଙ୍ଗୀତା ଅଗ୍ରୱାଲ ଓ ବ୍ୟୋମକେଶ ବିଶ୍ୱାଳ, ସାଧାରଣ ସମ୍ପାଦକ ଦତ୍ତାତ୍ରେୟ ନାୟକଙ୍କ ସମେତ ଅନ୍ୟ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସମସ୍ତେ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମକୁ କିଶନ ବରାଇ ସଂଯୋଜନା କରିଥିଲେ।



## ଶ୍ରୀଜଗନ୍ନାଥ ଓଡ଼ିଆ ଅସ୍ମିତାର ସର୍ବୋଚ୍ଚ ପରିଚୟ




ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ଅନ୍ୟ ଅତିଥିମାନେ।

#### ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ଭୁବନେଶ୍ୱର,୨୮ା୭(ଶର୍ମିଷ୍ଠା ପାଣିଗ୍ରାହୀ)

ଆଜି ଅନେକେ 'ଓଡ଼ିଆ ଅସ୍ମିତା'କୁ ରାଜନୈତିକ ଦୃଷ୍ଟିରୁ ଦେଖୁଥିବାବେଳେ ପ୍ରକୃତରେ ଓଡ଼ିଆ ଅସ୍ମିତା ଆମର ପ୍ରକୃତ ଓ ମୂଳଭିତ୍ତିର ପରିଚୟ। ଏ ଦୃଷ୍ଟିରୁ ଶ୍ରୀଜଗନ୍ନାଥ ଓଡ଼ିଆ ଅସ୍ମିତାର ସର୍ବୋଚ୍ଚ ପରିଚୟ ବୋଲି ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି। ରବିବାର ବୁଦ୍ଧ ମନ୍ଦିରଠାରେ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ରାଜ୍ୟସ୍ତରୀୟ ଆଲୋଚନାଚକ୍ର 'ଜଗନ୍ନାଥ ଓ ଓଡ଼ିଆ ଅସ୍ମିତା'ରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଲେ, ଆଜିର ଏ ଆଲୋଚନାର ନିଷ୍କର୍ଷ କିପରି ପରପିଢିକୁ ପ୍ରସାରିତ ହେବ, ତାହାକୁ ଚାହିଁ ଏବେ ଆମକୁ ପୋଥି, ପୁସ୍ତକ ଓ ସମ୍ବାଦପତ୍ର ପୃଷ୍ଠାର ଊର୍ଦ୍ଧ୍ୱକୁ ଯାଇ 'କ୍ଲାଉଡ୍'ର ସହାୟତା ନେବାକୁ ପଡ଼ିବ। ଅତିଥି ଭାବେ ପ୍ରତିଷ୍ଠାନର ମହାସଚିବ ନରେଶ ଚନ୍ଦ୍ର ଦାଶ, ରାଜ୍ୟ ସଭାପତି ସୁଦର୍ଶନ ନାୟକ, ସଂଗଠନ ସଚିବ କରୁଣାକର ପ୍ରଧାନ ଓ ସମ୍ମାନ ସଚିବ ପ୍ରସନ୍ନ କୁମାର ମହାପାତ୍ର ଯୋଗଦେଇ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପ୍ରକାଶନ ସଚିବ ଅସିତ ମହାନ୍ତି ଭିତ୍ତିପ୍ରବନ୍ଧ ଉପସ୍ଥାପିତ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ମହନ୍ତ ଶ୍ରୀରାମକୃଷ୍ଣ ଦାସ ମହାରାଜ ସଭାପତିତ୍ୱ କରିଥିଲେ। ପ୍ରଶାସନ ସଚିବ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ପ୍ରଦୀପ୍ତ କୁମାର ସାହୁ ଓ ସାଗରିକା ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଆଲୋଚନାଚକ୍ରରେ ୧୪ଟି ପ୍ରସଙ୍ଗରେ ବିଶିଷ୍ଟ ଗବେଷକ ଓ ଆଲୋଚକମାନେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଉପସ୍ଥାପିତ ପ୍ରବନ୍ଧଗୁଡ଼ିକୁ ନେଇ ଏକ ସ୍ୱତନ୍ତ୍ର ପୁସ୍ତକ ଯଥାଶୀଘ୍ର ପ୍ରକାଶ ପାଇବ ବୋଲି ପ୍ରକାଶନ ସଚିବ ଅସିତ ମହାନ୍ତି ଜଣାଇଥିଲେ। ସଦସ୍ୟ ରାଧେଶ୍ୟାମ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଲଜ୍‌ରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ବାରଙ୍ଗ,୨୮।୭(ଲିଙ୍ଗରାଜ ରାଉତ)- ନନ୍ଦନକାନନ ବସ୍‌ଷ୍ଟାଣ୍ଡ ଭିତରେ ଥିବା ଏକ ଲଜ୍‌ରେ ରହୁଥିବା ଜଣେ ଯୁବକଙ୍କ ରବିବାର ସକାଳେ ମୃତ୍ୟୁ ଘଟିଛି। ମୃତକ ହେଲେ କଟକ ଜିଲା ଆଠଗଡ଼ ସୋଲାବନ୍ତ ଅଞ୍ଚଳର ପ୍ରଶାନ୍ତ କୁମାର ଗୁରୁ(୪୫)। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ପରିବାର ଲୋକେ ମୃତଦେହ ନେଇ ସତ୍କାର କରିଦେଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ପ୍ରଶାନ୍ତ ତାଙ୍କ ସ୍ତ୍ରୀ, ୨ ପୁଅ, ଶାଶୁ ଓ ଶ୍ୱଶୁରଙ୍କ ସହ ନନ୍ଦନକାନନ ବସ୍‌ଷ୍ଟାଣ୍ଡ ଭିତରେ ଥିବା ଏକ ଲଜ୍‌ରେ ଦୀର୍ଘ ୭ ମାସ ହେବ ରହିଆସୁଥିଲେ। ଏଠାରେ ରହି ସେ ରଘୁନାଥପୁର ନିକଟସ୍ଥ ଏକ ଆପାର୍ଟମେଣ୍ଟରେ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରନ୍ତି। ନନ୍ଦନକାନନ ରାସ୍ତା କଡ଼ରେ ବେଳେବେଳେ ସେ ଚଷମା ବିକ୍ରି କରିଥାନ୍ତି। ରବିବାର ସକାଳେ ତାଙ୍କର ଅକସ୍ମାତ୍ ମୃତ୍ୟୁ ଘଟିଥିବାବେଳେ ପରିବାର ଲୋକେ ତାଙ୍କ ମୃତଦେହକୁ ନିଜ ଗ୍ରାମକୁ ନେଇ ସତ୍କାର କରିଥିବା ଜଣାପଡ଼ିଛି। ପରିବାର ସହ ଏଠାରେ ରହି ଆସୁଥିବାବେଳେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ତାହା ସନ୍ଦେହ ଘେରରେ ରହିଛି।

## ପଣ୍ଡିତଙ୍କୁ ଖଣ୍ଡାରେ ଆକ୍ରମଣ ଅଭିଯୋଗ

ବାରଙ୍ଗ,୨୮।୭(ଲିଙ୍ଗରାଜ ରାଉତ) ଘର ବାହାରେ ଥିବା ପାଇଖାନାକୁ ଶୌଚ ହେବାକୁ ଯାଇଥିବା ଜଣେ ବୃଦ୍ଧଙ୍କୁ ଶନିବାର ବିଳମ୍ବିତ ରାତିରେ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଥାନାରେ ଅଭିଯୋଗ ପରେ ନନ୍ଦନକାନନ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ଏକ ଖଣ୍ଡା ଏବଂ କିଛି ଭଙ୍ଗା ଚୁଡ଼ି ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସ ଜଣେ ପଡ଼ୋଶୀ ମହିଳାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ନନ୍ଦନକାନନ ଥାନା ଅଧୀନ ମରିଚିଆ ଗ୍ରାମର ଗୋପାଳ ଦାସ(୭୦)ଙ୍କ ପଡ଼ୋଶୀଙ୍କ ସହ କିଛିଦିନ ହେବ ମନାନ୍ତର ରହିଥିଲା। ଶନିବାର ରାତି ପ୍ରାୟ ୩ଟା ସୁଦ୍ଧା ଗୋପାଳ ଶୌଚ ହେବାକୁ ବାଡ଼ିକୁ ଯାଇଥିଲେ। ଏହି ସମୟରେ ପଡ଼ୋଶୀ ଜଣେ ମହିଳା ତାଙ୍କ ମୁଣ୍ଡ ଏବଂ ହାତକୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ବୃଦ୍ଧଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଚିତ୍କାର କରି ଗୋପାଳ ଦୌଡ଼ି ଘରକୁ ପଳାଇ ଆସିଥିଲେ।

# ଏମ୍‌ପିଙ୍କ ପ୍ରତିନିଧିଙ୍କୁ ଅନୁମତି ନ ମିଳିବାରୁ ହୋହଲ୍ଲା

**ଟିଗିରିଆ ପଞ୍ଚାୟତ ସମିତି ଅଧିବେଶନ**

- ଖବରଦାତାଙ୍କୁ ବାହାର କରିଦେଲେ ବିଡିଓ
- ଅଧ୍ୟକ୍ଷା ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ

ଟିଗିରିଆ, ୨୮।୭(ଜାଫର ଖାଁ)

ଟିଗିରିଆ ପଞ୍ଚାୟତ ସମିତିର ଷଷ୍ଠ ଅଧିବେଶନ ରବିବାର ସମିତିର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାଜପା ଏମ୍‌ପିଙ୍କ ପ୍ରତିନିଧିଙ୍କୁ ବସାଇ ନ ଦେବାରୁ ହୋହଲ୍ଲା ହୋଇଛି।

ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ବ୍ଲକ ପ୍ରତିନିଧି ଜଗଦୀଶ ମିଶ୍ର ଯୋଗଦେବାକୁ ଆସିଥିଲେ। ଏଥିରେ ବିଡିଓ ପ୍ରଣବ କୁମାର ବେହେରା ମଧ୍ୟ ଉପସ୍ଥିତ ଥିଲେ। ଏହି ସମୟରେ ବୈଠକରେ ବସିବା ପାଇଁ ଜଗତ୍‌ଦିଶଙ୍କଠାରୁ ଏମ୍‌ପିଙ୍କ ଚିଠି ବିଡିଓ ବେହେରା ମାଗିଥିଲେ। ମାତ୍ର ସେ ଦେଖାଇ ନ ପାରିବାରୁ ବିଡିଓ ତାଙ୍କୁ ବୈଠକରେ ଯୋଗଦେବାକୁ ଅନୁମତି ଦେଇ ନ ଥିଲେ। ସେହିପରି


ସଭାଗୃହ ବାହାରେ ଭାଜପା କର୍ମୀମାନେ ହୋ-ହଲ୍ଲା କରୁଛନ୍ତି।

ବୈଠକ ପାରମ୍ଭରୁ ବିଡିଓ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗୃହରୁ ଚାଲିଯିବାକୁ କହିଥିଲେ। ଏନେଇ ଭାଜପା କର୍ମୀମାନେ ବ୍ଲକ ପରିସରରେ ପାଟିତୁଣ୍ଡ କରିଥିଲେ। ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟାଙ୍କ ପ୍ରତିନିଧି କିପରି ବୈଠକରେ ବସିବେ ବୋଲି ସେମାନେ ପ୍ରତିବାଦ କରିଥିଲେ। ଏହାପରେ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ପହଞ୍ଚି ଯେଉଁମାନେ ଅସୁବିଧା ଯୋଗୁ ଆସିପାରିନାହାନ୍ତି ଓ ପ୍ରତିନିଧିଙ୍କୁ ପଠାଇଛନ୍ତି ସେମାନେ ମୋଠାରୁ ଅନୁମତି ନେଇଛନ୍ତି ବୋଲି କହିବା ସହ ଆଗାମୀ ଦିନରେ ଏ ଭଳି ହେବ ନାହିଁ ବୋଲି କହିଥିଲେ। ଏହାପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ଏହି ପ୍ରତିବାଦ ସମୟରେ ଭାଜପା ପକ୍ଷରୁ ଚିନ୍ମୟ ପ୍ରଧାନ, ତପନ ପ୍ରଧାନ, ଅମରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ରବିବାର ଛୁଟି ଦିନରେ ବୈଠକ ରଖାଯାଇଥିବାରୁ ସରକାରୀ ଅଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ଆୟୋଜିତ ବୈଠକରେ ବର୍ଷା ସମୟରେ ପାନୀୟ ଜଳ ଯୋଗାଣ, ବନ୍ୟା ପୂର୍ବରୁ ନଦୀବନ୍ଧ ମରାମତି, ସାପ କାମୁଡ଼ା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଗ୍ରାମରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ ଜଳୁ ନ ଥିବା ବେଳେ ବିଦ୍ୟୁତ୍ ବିଲ୍ ପଞ୍ଚାୟତ ଦେଉଥିବାରୁ ସରପଞ୍ଚମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ବୈଠକରେ ଅତିରିକ୍ତ ବିଡିଓ ଯାଜ୍ଞସେନୀ ଗୋଚ୍ଛାୟତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ନନ୍ଦ, ସମିତି ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ଚିନ୍ମୟ ମଲ୍ଲିକଙ୍କ ସହ ନିର୍ବାଚିତ ପ୍ରତିନିଧି ଓ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆଠଗଡ ଏସ୍‌ଡିପିଓ ରବୀନ୍ଦ୍ର ମଲ୍ଲିକ, ଟିଗିରିଆ ଆଇଆଇସି ସୁମନ୍ତ କିଶାନ ପୋଲିସ ଫୋର୍ସ ସହ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବିଡଓ ବେହେରାଙ୍କୁ ମୋବାଇଲ୍ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

# ହେପାଟାଇଟିସ୍ ସମ୍ପର୍କରେ ସଚେତନ କଲା ଆଇଜିକେସି ହସ୍ପିଟାଲ



ଆଇଜିକେସି ହସ୍ପିଟାଲରେ ଅନୁଷ୍ଠିତ ବିଶ୍ୱ ହେପାଟାଇଟିସ୍ ଦିବସ।

ଭୁବନେଶ୍ୱର, ୨୮।୭ (ଅନୁରାଧା ମହାରଣା)

ଭୁବନେଶ୍ୱର କଳିଙ୍ଗନଗରସ୍ଥିତ ଆଇଜିକେସି ମଲ୍ଟିସ୍ପେଶାଲିଟି ହସ୍ପିଟାଲ ପକ୍ଷରୁ ରବିବାର ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ ହୋଇଯାଇଛି। ସାଧାରଣ ଲୋକଙ୍କୁ ହେପାଟାଇଟିସ୍ ରୋଗ ସମ୍ପର୍କରେ ସଚେତନ କରାଯିବା ସହ ବିଭିନ୍ନ ପ୍ରକାର ହେପାଟାଇଟିସ୍‌ର କାରଣ, ଲକ୍ଷଣ ଓ ପ୍ରତିକାର ସମ୍ପର୍କରେ ଅବଗତ କରାଯାଇଥିଲା। ସକାଳେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏଥିରେ ହସ୍ପିଟାଲର ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀମାନେ ପ୍ଲାକାର୍ଡ ଧରି ସଚେତନତା ବାର୍ତ୍ତା ଦେଇଥିଲେ। ଏହାପରେ ହସ୍ପିଟାଲରେ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାଗଣରେ ହେପାଟାଇଟିସ୍ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଜିକେସି ହସ୍ପିଟାଲର ପ୍ରବନ୍ଧ ନିର୍ଦ୍ଦେଶକ ଡାକ୍ତର ପିସି ଦଳେଇ, ଅଧ୍ୟକ୍ଷ ଡାକ୍ତର ସୁବୋଧ ଦାଶ, ନିର୍ଦ୍ଦେଶକ ଡାକ୍ତର ବୃନ୍ଦାବନ ନାହାକ, ଡାକ୍ତର ମନୋରଞ୍ଜନ ମହାପାତ୍ର, ଡିଏମ୍‌ଏସ୍ ଡାକ୍ତର ଅଭିଷେକ ବାରିକ, ପେଟ ଓ ଲିଭର ରୋଗ ବିଶେଷଜ୍ଞ ଡାକ୍ତର ଶିବବ୍ରତ ଧଳ ମହାପାତ୍ର, ଡାକ୍ତର, ରଜତ ଖଣ୍ଡେୱାଲ, ପ୍ରଶାସନ ଓ ଅର୍ଥ ବିଭାଗର ଏଜିଏମ୍ ସୁବ୍ରତ ଦାଶ, ଅପରେଶନ ଏଜିଏମ୍ କୈଳାସ ଚନ୍ଦ୍ର ଦଳେଇ, ମାର୍କେଟିଂ ମୁଖ୍ୟ ଅତୁଲ୍ୟ ରଥଙ୍କ ସମେତ ହସ୍ପିଟାଲର ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସ୍ତ୍ରୀ ହତ୍ୟାକାରୀଙ୍କୁ ୧୦ବର୍ଷ ଜେଲ୍

ସାଲେପୁର,୨୮।୭(ଅରବିନ୍ଦ ଭୂୟାଁ)

ନେମାଳ ଥାନା ଅଞ୍ଚଳରେ ୨୦୧୪ରେ ଯୌତୁକ ଲୋଭରେ ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ରବିବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ସାଲେପୁର ଅତିରିକ୍ତ ଦୌରାଜଜ୍ ଏହାର ବିଚାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏନେଇ ତାଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ୬ ମାସ ଅତିରିକ୍ତ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସେ ହେଲେ ନେମାଳ ଥାନା ଅନ୍ତର୍ଗତ ବଇଁପଡ଼ା ଗ୍ରାମର ରଜତ୍ କୁମାର ମଳିକ। ରଜତ ୨୦୧୪ରେ ମାହାଙ୍ଗା ଥାନା ଅନ୍ତର୍ଗତ କୁରୁଜଙ୍ଗା ଗ୍ରାମର ମଥୁରାନନ୍ଦ ମଲ୍ଲିକଙ୍କ ଝିଅ ଲକ୍ଷ୍ମୀପ୍ରିୟା ମଲିକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବର ଘର ଦାବି ମୁତାବକ ନଗଦ ୫୦ହଜାର ଟଙ୍କା ସୁନାରୂପା ଅଳଙ୍କାର ଦିଆଯାଇଥିଲା।
ମାତ୍ର ରଜତ୍ ନିଜ ଗ୍ରାମରେ ଏକ ଗ୍ୟାରେଜ୍ କରିବା ପାଇଁ ଲକ୍ଷ୍ମୀପ୍ରିୟାଙ୍କୁ ବାପଘରୁ ଅଧିକ ୧ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ କହିଥିଲେ। ଏନେଇ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ୨୦୧୮ ମେ' ୧୫ରେ ଲକ୍ଷ୍ମୀପ୍ରିୟା ମୃତ୍ୟୁ ଘଟିଥିଲା। ତାଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ବାପା ନେମାଳ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ନେମାଳ ପୋଲିସ ମୃତଦେହ ଜବତ କରିବା ସହ ଥାନାରେ ମାମଲା (ନଂ. ୪୨/୨୦୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ମାମଲାର ବିଚାର କରି ସାଲେପୁର ଅତିରିକ୍ତ ଦୌରାଜଜ୍ ସରୋଜ କୁମାର ଦାଶ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ରଜତ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଯତୀନ୍ଦ୍ର କୁମାର ମହାନ୍ତି ମାମଲା ପରିଚାଳନା କରିଥିଲେ।

## ରତ୍ନପ୍ରଭା ମାଟ୍ରିକ ମେଧା ସମ୍ମାନ

କଳାପଥର,୨୮।୭(ଗଙ୍ଗାଧର ସାହୁ)

ରତ୍ନପ୍ରଭା ପୂଜ୍ୟପୂଜା ସଂସଦ ପକ୍ଷରୁ ମାଟ୍ରିକ ମେଧା ସମ୍ମାନ-୨୦୨୪ ଧଳାପଥର କଳାପଥର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରତ୍ନାକର ମହାପାତ୍ରଙ୍କ ସଭାପତିତ୍ୱରେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦାଶ, ଶିକ୍ଷକ ମଧୁସୂଦନ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ୨୦୨୪ ମାଟ୍ରିକ ପରୀକ୍ଷାରେ ଉତ୍ତମ ନମ୍ବର ରଖିଥିବା ଛାତ୍ରୀ ରୋଜାଲିନ ସାହୁ, ଶ୍ରୁତି ପାଣିଗ୍ରାହୀ, ଅର୍ପିତା ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ବୈଜୟନ୍ତି ପଣ୍ଡା, ପ୍ରଭାସ କୁମାର ଚୌଧୁରୀ ମାନପତ୍ର ପଠନ କରିଥିଲେ।

# '୨୪ ଘଣ୍ଟା କାମ କରୁଥିବା ଲିଭରର ଯତ୍ନ ଜରୁରୀ'

**ଗ୍ୟାଷ୍ଟ୍ରୋ ଆଣ୍ଡ୍ ଲିଭର କେୟାର ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ହେପାଟାଇଟିସ୍ ଦିବସ**


କମିଶନରେଟ ପୋଲିସ ମୁଖ୍ୟାଳୟରେ ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ଭୁବନେଶ୍ୱର, ୨୮।୭(ଅସମାପିକା ସାହୁ)

ଗ୍ୟାଷ୍ଟ୍ରୋ ଆଣ୍ଡ୍ ଲିଭର କେୟାର ଫାଉଣ୍ଡେଶନ ପକ୍ଷରୁ ରବିବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଯୋଗଦେଇଥିଲେ। ଡିସିପି ହେଡ୍ କ୍ୱାର୍ଟର ପ୍ରକାଶ ପାଲ, ଗ୍ୟାଷ୍ଟ୍ରୋ ଆଣ୍ଡ୍ ଲିଭର କେୟାର ଫାଉଣ୍ଡେଶନର ଟ୍ରଷ୍ଟି ତଥା ପେଟରୋଗ ବିଶେଷଜ୍ଞ ଡା. ମନୋଜ ସାହୁ ଏବଂ ଡା. ପୋଖରାଜ ସିଂ କାର୍ଯ୍ୟକ୍ରମରେ ଯୋଗଦେଇ ହେପାଟାଇଟିସ୍ ସମ୍ପର୍କରେ କହିଥିଲେ। ଦୈନନ୍ଦିନ ଜୀବନଧାରାରେ ଲିଭର ରୋଗରୁ ସୁରକ୍ଷିତ ରହିବାର ବିଭିନ୍ନ ପ୍ରକ୍ରିୟା ସମ୍ପର୍କରେ ଡା. ସାହୁ କହିବା ସହ କିପରି ପୋଲିସ ଭଳି ବ୍ୟସ୍ତବହୁଳ ଦିନଚର୍ଯ୍ୟା ଭିତରେ ଜଣେ ନିଜ ଲିଭରର ସୁରକ୍ଷା କରିପାରିବେ ସେସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ, ମଣିଷ ଶରୀରରେ ଗୋଟିଏ ଲିଭର ଦିନରାତି ୨୪ଘଣ୍ଟା ଅନବରତ କାମ କରିଚାଲିଛି। ବିନା କୌଣସି ବିଶ୍ରାମରେ ଅହରହ ଖଟୁଥିବା ଏହି ଯନ୍ତ୍ରଟିର ଠିକ ଯତ୍ନ ନିଆ ନ ଗଲେ, ଠିକଣା ବେଳରେ ଆମ ଶରୀର ଅସୁସ୍ଥ ହୋଇଯାଏ। ଅନେକ ରୋଗ ଆମ ଭିତରକୁ ଚାଲିଆସେ ବୋଲି ଡା. ସାହୁ କହିଥିଲେ। ଏହି ଅବସରରେ ଡା. ସାହୁଙ୍କ ଟିମ୍ କମିଶନରେଟ ପୋଲିସ୍‌ର ୩୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କମିଶନରେଟ ପୋଲିସ ସହିତ ଦ୍ୱୈତ ନଗରୀରେ ଥିବା ବସ୍ତିବାସିନ୍ଦାମାନେ ହେପାଟାଇଟିସ୍ ମୁକ୍ତ ଜୀବନ ଜିଇଁବା ପାଇଁ ଫାଉଣ୍ଡେଶନ କାମ କରିବ। କମିଶନରେଟ ପୋଲିସ ଅଞ୍ଚଳରେ ରହୁଥିବା ଜନସାଧାରଣଙ୍କ ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଲିଭର ପରୀକ୍ଷା କରାଯିବ ବୋଲି ଡା. ସାହୁ କହିଛନ୍ତି।

# ଜାତୀୟ ଶିଶୁ ମହୋତ୍ସବରେ କୁନି ପିଲାଙ୍କ ପ୍ରତିଭା ପ୍ରଦର୍ଶନ

**ସାଇନି ମହାନ୍ତି ୨୦୨୫ର ବ୍ରାଣ୍ଡ ଆମ୍ବାସାଡର**

ଭୁବନେଶ୍ୱର,୨୮।୭ (ଶର୍ମିଷ୍ଠା ପାଣିଗ୍ରାହୀ)



ଜାତୀୟ ଶିଶୁ ମହୋତ୍ସବରେ ଯୋଗଦେଇଥିବା ଶିଶୁ ପ୍ରତିଭାମାନେ।

ସାଂସ୍କୃତିକ ଅନୁଷ୍ଠାନ ସ୍ୱାଗତିକା ପକ୍ଷରୁ ୪୪ତମ ଜାତୀୟ ଶିଶୁ ମହୋତ୍ସବ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ ଥିଲା 'ୱିମେନ୍ସ ସ୍ପେଶାଲ-୨୦୨୪'। କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟରୁ ପିଲାମାନେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। କଳା, କବିତା ଆବୃତ୍ତି, ବକ୍ତୃତା, ଫ୍ୟାଶନ ଶୋ, ସଙ୍ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ଅଭିନେତ୍ରୀ ସୁଶ୍ରୀ ସାଇନି ମହାନ୍ତିଙ୍କୁ ଜାତୀୟ ଶିଶୁ ମହୋତ୍ସବ ୨୦୨୫ ପ୍ରସାର ନିମନ୍ତେ ବ୍ରାଣ୍ଡ ଆମ୍ବାସାଡାର ଭାବେ ନିଯୁକ୍ତି ଦିଆଯିବା ନେଇ ଘୋଷଣା କରାଯାଇଥିଲା। ଅନୁଷ୍ଠାନର ସଭାପତି ନମିତା ମଞ୍ଜରୀ ରାୟ, ଉପ ସଭାପତି ମାନସ କୁମାର କାନୁନ୍‌ଗୋ, ସାଧାରଣ ସମ୍ପାଦକ ଡ. ଅସିତ୍ କୁମାର ମହାନ୍ତି, ସାଂସ୍କୃତିକ ସମ୍ପାଦକ ରାମଚନ୍ଦ୍ର ମହାନ୍ତି, ସଙ୍ଗଠକ ଅଶୋକ କୁମାର ରାୟ, ଲିଙ୍ଗରାଜ ମହାନ୍ତି, ମୋତିଆଲୁ ଦଳାଇ, ଗୋପାଳ ଦଳାଇ, ଲେଖା ମହାନ୍ତି ଓ ଶିବାନୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗାଡ଼ି ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ଟାଙ୍ଗୀ,୨୮।୭(ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ବାଇପାସ ନଛିପୁର ଛକ ନିକଟରେ ଗାଡ଼ି ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲା ଖଲିକୋଟ ଅଞ୍ଚଳର ରବୀନ୍ଦ୍ର କୁମାର ସେଠୀ(୪୫)। ସୂଚନା ମୁତାବକ, ଗ୍ରାମରୁ ରବୀନ୍ଦ୍ର ସ୍କୁଟିରେ କଟକ ଅଭିମୁଖେ ଯାଉଥିବା ବେଳେ ନଛିପୁର ଛକ ନିକଟରେ ପଛପଟୁ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଙ୍ଗୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।



ଗ୍ରୀନ୍ ୱାର୍ଲ୍ଡ ପକ୍ଷରୁ 'ମିଶନ୍ ଗ୍ରୀନ୍ ଡ୍ରାଇଭ୍-୨୦୨୪'ରେ ଭୁବନେଶ୍ୱରର ୱାର୍ଡ ନଂ. ୫୫ର ନାଗେଶ୍ୱର ଟାଙ୍ଗୀଠାରେ ରବିବାର ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମ।

# 'ଭୁବନେଶ୍ୱରବାସିନ୍ଦା ଗୋଟିଏ ଲେଖାଏ ଚାରା ଲଗାଇ ଯତ୍ନ ନିଅନ୍ତୁ'

**ଡିଷ୍ଟ୍ରିକ୍ଟ ସେଣ୍ଟରରେ ଚାରାରୋପଣ**

ଭୁବନେଶ୍ୱର, ୨୮।୭ (ବନ୍ଦନା ସେଠୀ)

ଭୁବନେଶ୍ୱରରେ ପ୍ରଦୂଷଣ ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୁସ୍ଥ, ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ ପରିବେଶ ପାଇଁ ଅଧିକରୁ ଅଧିକ ଚାରା ରୋପଣର ଆବଶ୍ୟକତା ରହିଛି। ସବୁଜ ସୁନ୍ଦର ଭୁବନେଶ୍ୱର ଗଢ଼ିବା ପାଇଁ ସଂକଳ୍ପ ନେବାର ସମୟ ଆସିଛି। ତେଣୁ ଭୁବନେଶ୍ୱରର ସମସ୍ତ ବାସିନ୍ଦା ଗୋଟିଏ ଗୋଟିଏ ଚାରା ରୋପଣ କରି ଏହାର ଯତ୍ନ ନେବା ପାଇଁ ପୂର୍ବତନ ବିଧାୟକ ତଥା ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡିଷ୍ଟ୍ରିକ୍ଟ ସେଣ୍ଟରସ୍ଥିତ ମାରୁତି ଉଦ୍ୟାନ ଓ ଦୁର୍ଗାପୂଜା ମଣ୍ଡପ ପରିସରରେ ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରିୟଦର୍ଶୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶତାଧିକ ନିମ୍ବ, କଦମ୍ବ, ପିସ୍ତାବାଦାମ, ହରିଡା, ଆମ୍ବ, ପିଜୁଳି ଇତ୍ୟାଦି ଚାରା ରୋପଣ କରାଯାଇଥିଲା। ଏଥିସହ ଉପସ୍ଥିତ ସମସ୍ତ ବାସିନ୍ଦାଙ୍କୁ ଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆସୋସିଏଶନର ସାଧାରଣ ସମ୍ପାଦକ ସରୋଜ କାନ୍ତ ମଲ୍ଲିକ, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଚନ୍ଦ୍ରଶେଖରପୁର ମଣ୍ଡଳ ସଭାପତି ନଗେନ କୁମାର ବିଶୋଇ, କର୍ପୋରେଟର ଯଶୋଧାରା ପ୍ରଧାନ, ଅଧ୍ୟାପକ ସହଦେବ ମଲ୍ଲିକ, ବରିଷ୍ଠ ଭାଜପା ନେତା କ୍ଷୀରୋଦ ଜେନା, ବିରଞ୍ଚି ନାରାୟଣ ଷେଣ୍ଠ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।


ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଚାରା ରୋପଣ କରୁଛନ୍ତି।

**ସଂକ୍ଷେପରେ**

## ନବନିର୍ମିତ ଘରୁ ୨ ଦେଶୀ ବୋମା ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୮ା୭(ସତ୍ୟଜିତ୍ ରାଉତ): ଭରତପୁର ଥାନା ଅନ୍ତର୍ଗତ ଖଣ୍ଡଗୁଳା ବସ୍ତିରେ ଏକ ନବର୍ନିମିତ ଘରେ ରବିବାର ପୋଲିସ ଟିମ୍ ଚଢ଼ଉ ଦୁଇ ବିସ୍ଫୋରକ ଦେଶୀ ବୋମା ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ସୁବ୍ରତ ପାତ୍ର (୨୪)ଙ୍କୁ ପୋଲିସ ଗିରଫ କରିଛି। ଏନେଇ ପୋଲିସ ଏକ୍ସପ୍ଲୋସିଭ୍ ସବଷ୍ଟାନ୍ସ ଆକ୍ଟ , ୧୯୦୮ର ଦଫା ୪/୫ ରେ ଏକ ମାମଲା (ନଂ.୪୯୪/୨୦୨୪) ରୁଜୁ କରି ଅଭିଯୁକ୍ତ ସୁବ୍ରତଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୁବ୍ରତ ବୋମା ରଖିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ଭରତପୁର ଥାନାର ଏକ ସ୍ପେଶାଲ ଟିମ୍ ଅତର୍କିତ ଚଢାଉ କରିଥିଲା। ବିସ୍ଫୋରକ ଦେଶୀ ବୋମାକୁ ସୁବ୍ରତ କୌଣସି ଅପରାଧିକ କାମରେ ବ୍ୟବହାର କରିଥାନ୍ତେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟକୁ ମେଡିକାଲ କଲେଜ ପାଇଁ ଦାବିପତ୍ର

ଟାଙ୍ଗୀ,୨୮ା୭(ରଘୁନାଥ ସାହୁ): ଚାନ୍ଦପୁର ସ୍ଥିତ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟକୁ ମେଡିକାଲ କଲେଜରେ ପରିଣତ କରିବା ପାଇଁ ଅଣ୍ଟା ଭିଡ଼ିଛି ସ୍ଥାନୀୟ ଭାଜପା ସଙ୍ଗଠନ ସହ ବରିଷ୍ଠ ନାଗରିକ ମଞ୍ଚ। ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ ପରିସରରେ ବ୍ୟାପକ ସୁବିଧା ସୁଯୋଗ ରହିଛି। ତେଣୁ ଏଥିପାଇଁ ସମସ୍ତେ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ସୁରମା ପାଢ଼ିଙ୍କୁ ରଣପୁରସ୍ଥିତ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମଣ୍ଡଳ ସଭାପତି ସୁବର୍ଣ୍ଣ କୁମାର ସିଂ, ଭାଜପା ନେତା ବିପିନ ବିହାରୀ ନାୟକ, ଗୋପାଳ ନାୟକ, ସନ୍ତୋଷ କୁମାର ନାୟକ, ପ୍ରମୋଦ କୁମାର ସାହୁ, ବିକ୍ରମ କୁମାର ସାହୁ, ନାଗରିକ ମଞ୍ଚର ନଥୁରାମ ମହାରାଜ, ଧନେଶ୍ୱର ଅଗ୍ରୱାଲ, ବରିଷ୍ଠ ଆଇନଜୀବୀ ନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବାଚସ୍ପତି ପାଢି ସହାୟତା ନିମେନ୍ତ ପ୍ରତିଶ୍ରୁତି ଦେଇଥିବାରୁ ବରିଷ୍ଠ ନାଗରିକ ମଞ୍ଚ ଏବଂ ଭାଜପା ନେତୃମଣ୍ଡଳୀ କୃତଜ୍ଞତା ଜଣାଇଛନ୍ତି।

## ବିଦ୍ୟାଳୟରେ ଚାରାରୋପଣ

ଟାଙ୍ଗୀ,୨୮ା୭(ରଘୁନାଥ ସାହୁ): ଚଣ୍ଡେଶ୍ୱର ବାବା କ୍ଲବ ଆନୁକୂଲ୍ୟରେ ପାରିଓରଡ଼ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତ୍ରିଲୋଚନ ମିଶ୍ର, ପୂର୍ବତନ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ, ନବ କିଶୋର ଚହଟରାୟ,ସୁବାସ ପ୍ରଧାନ, ସୌମେନ୍ଦ୍ର ଶତପଥୀ, ପ୍ରଦୀପ ମହାନ୍ତି, ସନ୍ତୋଷ ଜେନା, ହେମନ୍ତ ଦାସ, ଅନନ୍ତ ପରିଡ଼ା, ବିଜୟ ପରିଡ଼ା, ଜଗନ୍ନାଥ ବେହେରା, ପ୍ରଦୀପ ପ୍ରଧାନ ପ୍ରମୁଖ ଯୋଗଦେଇ ଚାରା ରୋପଣର ଆବଶ୍ୟକତା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା।

## ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକଙ୍କ ମାତୃ ବିୟୋଗ

ଟାଙ୍ଗୀ,୨୮ା୭(ରଘୁନାଥ ସାହୁ): ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତଙ୍କ ମା' ରଙ୍ଗି ଦେଇଙ୍କ ରବିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୬ବର୍ଷ ହୋଇଥିଲା। ମିଷ୍ଟଭାସୀ, ଧର୍ମପରାୟଣା ମହିଳାଭାବେ ଅଞ୍ଚଳରେ ପରିଚିତ ଥିଲେ।



ତାଙ୍କ ମୃତ୍ୟୁରେ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ଓଡ଼ଗାଁ ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ସାମ୍ବାଦିକ ରଘୁନାଥ ସାହୁ, ମନୋଜ ପଟ୍ଟନାୟକ, ଦିଲ୍ଲୀପ ନାଥ, ମଞ୍ଜୁଲତା ଇନ୍ଦ୍ରଜୀତ, ଡା.ମଧୁସୂଦନ ସେନାପତି, ଅଶ୍ୱିନୀ ଦାସ, ଟାଙ୍ଗୀ ଓକିଲ ସଂଘର ପୂର୍ବତନ ସଭାପତି ବିଶ୍ୱଜିତ ରାଉତରାୟ, ଅବସରପ୍ରାପ୍ତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତାରାପ୍ରସାଦ ପଟ୍ଟନାୟକ, ଭୁବନେଶ୍ୱର ଏମ୍‌ପିଙ୍କ ଟାଙ୍ଗୀ ବ୍ଲକ ପ୍ରତିନିଧି ଚିନ୍ମୟ ପୃଷ୍ଟି, ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ଅଣଜଙ୍ଗଲ ଜମିରେ ଗଛ ସୁରକ୍ଷା ଆଇନ ହେଉ

**ରାଜଧାନୀବାସୀଙ୍କ ପାଇଁ 'ନଗର ବନ' ଦାବି**
**ବରିଷ୍ଠ ନାଗରିକ ବିକାଶ ପରିଷଦ**

ଭୁବନେଶ୍ୱର, ୨୮ା୭(ଅସମାପିକା ସାହୁ)

ଚଳିତ ମୌସୁମୀରେ ରାଜ୍ୟ ସରକାର ୫ କୋଟି ଚାରା ଲଗାଇବାକୁ ଯୋଜନା କରିଛନ୍ତି। ସେଥିରୁ ୨.୫ କୋଟି ଚାରା ଜଙ୍ଗଲ ଭିତରେ ଏବଂ ବାକି ଚାରାଗୁଡ଼ିକ ଅଣଜଙ୍ଗଲ ଜମିରେ ରୋପଣ କରାଯିବ। ତେବେ ଅଣଜଙ୍ଗଲ ଜମିରେ ଥିବା ଗଛଗୁଡ଼ିକର ସୁରକ୍ଷା ଦିଗରେ କୌଣସି ଆଇନ ନାହିଁ। ଫଳରେ ଲୋକେ ଗଛ କାଟି ନେବାକୁ ପଛାଉ ନାହାନ୍ତି। ଦିଲ୍ଲୀ, କେରଳ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଭଳି ରାଜ୍ୟରେ ଅଣଜଙ୍ଗଲ ଜମିରେ ଜଙ୍ଗଲ ସୁରକ୍ଷା ପାଇଁ ଗଛ ସୁରକ୍ଷା ଆଇନ ରହିଛି। ତେଣୁ ଓଡ଼ିଶାରେ ସେହିଭଳି ଆଇନ ପ୍ରଣୟନ କରାଯିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ବରିଷ୍ଠ ନାଗରିକ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏ ନେଇ ପରିଷଦ ସଦସ୍ୟମାନେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ଜଣାଇଛନ୍ତି। ସେହିଭଳି ରାଜଧାନୀବାସୀଙ୍କ ପାଇଁ 'ନଗର ବନ' ସୃଷ୍ଟି କରିବାକୁ ଦାବି ଜଣାଇବା ସହିତ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଦାବିପତ୍ରରେ ପରିଷଦ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ, ଭରତପୁର ସଂରକ୍ଷିତ ଜଙ୍ଗଲ ଭୁବନେଶ୍ୱର ସହର ଉପକଣ୍ଠରେ ରହିଛି। ଏହାସତ୍ତ୍ୱେ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ରାଜଧାନୀବାସୀଙ୍କୁ ତାତିରୁ ନିସ୍ତାର ମିଳିପାରୁନାହିଁ। ଖରାଦିନେ ସହରବାସୀ ପ୍ରଚଣ୍ଡ ଗରମରେ ଆଉଟୁପାଉଟୁ ହେଉଛନ୍ତି। ଏହି ସମସ୍ୟାରୁ ରାଜଧାନୀବାସୀଙ୍କୁ ରକ୍ଷା କରିବା ସହ ଜଳବାୟୁ ପରିବର୍ତ୍ତନଜନିତ ସ୍ଥିତିରେ ମୁକାବିଲା ପାଇଁ ସହର ମଧ୍ୟରେ ଅଧିକ ସଂଖ୍ୟାରେ 'ନଗର ବନ'ର ଆବଶ୍ୟକ ରହିଛି। ୫୦ କିଲୋମିଟର ପରିଧି ମଧ୍ୟରେ ଅତି କମ୍‌ରେ ୫ ଏକର ପରିମିତ ଜମିରେ ଗୋଟିଏ ଗୋଟିଏ ନଗର ବନ ସୃଷ୍ଟି କରାଯାଉ। ଏହାଦ୍ୱାରା ରାଜଧାନୀରେ ଦିନକୁ ଦିନ ବଢୁଥିବା ତାତିକୁ ରୋକାଯାଇ ପାରିବ ବୋଲି ପରିଷଦର ସଦସ୍ୟମାନେ ମତପ୍ରକାଶ କରିଛନ୍ତି। ଚଳିତବର୍ଷ ବନୀକରଣ ସମୟରେ ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି )ପକ୍ଷରୁ ନୀଳାଦ୍ରିବିହାରର ଯେଉଁସବୁ ସ୍ଥାନରୁ କୋଠା ପାଇଁ ଗଛ କଟାଯାଇଛି, ସେଠାରେ ପୁଣି ଥରେ ଗଛ ଲଗାଇବାକୁ ଦାବି କରାଯାଇଛି । ଏହାଛଡ଼ା ଭରତପୁର ଜଙ୍ଗଲରେ ବ୍ୟାପକ ବନୀକରଣ ସହିତ ଜଳାଶୟ ପୁନରୁଦ୍ଧାର କରିବା ପାଇଁ ପରିଷଦ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଫିସର ଅଜିତ ପଟ୍ଟନାୟକ, ବିଜୟ କୁମାର ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି।

# ବିଦ୍ୟାଳୟ ସ୍ତରୀୟ ଶିକ୍ଷା ଶପଥ ସପ୍ତାହ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ବୋଲଗଡ଼,୨୮ା୭(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସାନପଦର ସ୍ଥିତ ଭକ୍ତଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ଶିକ୍ଷା ଶପଥ ସପ୍ତାହ ପାଳନ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟିତ୍ରୀ ଜୋସ୍ନାମୟୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ସାଧନ କେନ୍ଦ୍ର ସଂଯୋଜକ ରବୀନ୍ଦ୍ର ନାଥ ବେହେରା ମୁଖ୍ୟ ଅତିଥି ଏବଂ ଶିକ୍ଷକ ସାନନ୍ଦ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିକ୍ଷକ ଅଶୋକ କୁମାର ସାହୁ, ପ୍ରଦୀପ ବେହେରା, ଇକୋ କ୍ଲବ ସଦସ୍ୟ ଅମିତ କୁମାର ସାମନ୍ତରାୟ, ଶୁଭମ ସ୍ୱାଇଁ, ରାକେଶ କୁମାର ବେହେରା, ଅମରେଶ ସୁବୁଦ୍ଧି, ଗାୟତ୍ରୀ ମାର୍ଥା, ସୋନାଲି ପ୍ରିୟଦର୍ଶିନୀ ନାୟକ, ଶ୍ରଦ୍ଧାଞ୍ଜଳି ନାୟକ, ଜୋସ୍ନାମୟୀ ସିଂହ ସହଯୋଗ କରିଥିଲେ। ଏହି ଅବସରରେ କୁଇଜ, ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତା ସହ ପୁରସ୍କାର ବିତରଣ କରାଯାଇଥିଲା। ପରିବେଶ ସନ୍ତୁଳନ ରକ୍ଷା ପାଇଁ ଚାରାରୋପଣ ଜରୁରୀ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ଦୁର୍ଗାପ୍ରସାଦ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ପଣ୍ଡିତଙ୍କୁ ଖଣ୍ଡାରେ ଆକ୍ରମଣ ଅଭିଯୋଗ

ବାରଙ୍ଗ,୨୮ା୭(ଲିଙ୍ଗରାଜ ରାଉତ) ଶୌଚ ପାଇଁ ଯାଇଥିବା ଜଣେ ବୃଦ୍ଧଙ୍କୁ ଶନିବାର ବିଳମ୍ବିତ ରାତିରେ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ରବିବାର ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ନନ୍ଦନକାନନ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରୁ ଏକ ଖଣ୍ଡା ଏବଂ କିଛି ଭଙ୍ଗା ଚୁଡ଼ି ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସ ଜଣେ ମହିଳାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ପ୍ରକାଶ ଯେ, ନନ୍ଦନକାନନ ଥାନା ଅଧୀନ ମରିଚିଆ ଗ୍ରାମର ଗୋପାଳ ଦାସ(୭୦) ବାସ୍ତୁ ଶାସ୍ତ୍ରରେ ଜ୍ଞାନ ଥିବାରୁ ପଣ୍ଡିତ ଗୋପାଳ ଭାବେ ତାଙ୍କର ଅଞ୍ଚଳରେ ସୁନାମ ରହିଛି। ଗତ କିଛିଦିନ ହେବ ପଡ଼ୋଶୀଙ୍କ ସହ ତାଙ୍କ ପରିବାରର ମନାନ୍ତର ରହିଥିଲା। ଶନିବାର ବିଳମ୍ବିତ ରାତିରେ ଗୋପାଳ ଶୌଚ ହେବାକୁ ବାରି ପଛପଟେ ଥିବା ଶୌଚାଳୟକୁ ଯାଇଥିଲେ। ଏହି ସମୟରେ କେହି ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେ ଦୌଡ଼ି ଘରକୁ ପଳାଇ ଆସିଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ଅବସରପ୍ରାପ୍ତ ଡେପୁଟି ରେଞ୍ଜରଙ୍କ ବିୟୋଗରେ ଶୋକ

ଟାଙ୍ଗୀ,୨୮ା୭(ରଘୁନାଥ ସାହୁ): ବଡ଼ପାରୀ ଗ୍ରାମ ଗଡ଼ସାହି ବାସିନ୍ଦା ଭିକାରୀ ଚରଣ ମହାପାତ୍ରଙ୍କ ଗତ ୨୩ ତାରିଖରେ ପରଲୋକ ହୋଇଯାଇଛି। ତାଙ୍କୁ ୮୬ବର୍ଷ ବୟସ ହୋଇଥିଲା। ସେ ବନବିଭାଗରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଡେପୁଟି ରେଞ୍ଜର ଭାବେ ଅବସର ନେଇଥିଲେ। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମଣିଷ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ମୃତଦେହ ସତ୍କାର କରାଯାଇଥିବା ବେଳେ ବଡ଼ପୁଅ ତାରା ପ୍ରସାଦ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି।

# ୩ ଜଣିଆ ଛତିଶଗଡ଼ ମହିଳା ଗ୍ୟାଙ୍ଗ ଧରାପଡ଼ିଲା

**ବସ୍‌ରୁ ଚୋରି ଘଟଣା**

ଭୁବନେଶ୍ୱର,୨୮ା୭(ସତ୍ୟଜିତ୍ ରାଉତ)

ରାଜଧାନୀରେ ଏକ ବସ୍‌ରୁ ଚୋରି ମାମଲାରେ ୩ ଜଣ ଛତିଶଗଡ଼ୀ ମହିଳା ଗ୍ୟାଙ୍ଗକୁ ଧରିଛି କମିଶନରେଟ୍ ପୋଲିସ। ନୟାପଲ୍ଲୀ ଥାନା ପକ୍ଷରୁ ରବିବାର ଅଭିଯୁକ୍ତାମାନଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଛତିଶଗଡ ରାୟପୁର ପୁରାନି ବସ୍ତି ଥାନା ଅଞ୍ଚଳର ଛାୟା ପାତ୍ର (୪୫), ଲତା ସୀଣ୍ଡୀ (୫୦), ଉଜାଲ୍ଲା ପତ୍ରି (୨୦)। ସେମାନଙ୍କଠାରୁ ୨୨ ହଜାର ୫୦୦ ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଖଣ୍ଡପଡା ଥାନା ଅଞ୍ଚଳର ଆଶ୍ରିତା ମହାରଣା ନିଜ ମା'ଙ୍କ ସହିତ ଶନିବାର ସକାଳୁ କଣ୍ଟିଲୋରୁ ବସ୍ ଯୋଗେ ଭୁବନେଶ୍ୱରକୁ ଆସିଥିଲେ। ସେମାନେ ବରମୁଣ୍ଡାରେ ଓହ୍ଲାଇବା ପରେ ଆଉ ଏକ ଘରୋଇ ବସ୍‌ରେ ଆସି ନୟାପଲ୍ଲୀ ନାବାର୍ଡ ପାଖରେ ଓହ୍ଲାଇଥିଲେ। ସେମାନେ ବରୁମୁଣ୍ଡାରୁ ଆସୁଥିବାବେଳେ ତିନି ଅଭିଯୁକ୍ତା ଜଣେ ୪ବର୍ଷର ଶିଶୁ କନ୍ୟାକୁ ଧରି ଆଶ୍ରିତାଙ୍କ ମା'ଙ୍କ ଭ୍ୟାନିଟ୍ ବ୍ୟାଗକୁ ଚୋରାଇ ନେଇଥିଲେ। ବ୍ୟାଗରେ ୨୫ ହଜାର ଓ କେତେକ ପ୍ରମାଣପତ୍ର ଥିଲା। ଏନେଇ ଆଶ୍ରିତାଙ୍କ ପକ୍ଷରୁ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୪୩/୨୦୨୪) ରୁଜୁ କରି ତଦନ୍ତ କରିଥିଲା। ରବିବାର ତିନି ଅଭିଯୁକ୍ତଙ୍କୁ ନାବାର୍ଡ ଛକ ନିକଟରେ ବୁଲାବୁଲି କରୁଥିବାବେଳେ ପୋଲିସ ଟିମ୍ କାବୁ କରିଥିଲା। ଅଭିଯୁକ୍ତମାନେ ଭୁବନେଶ୍ୱରରୁ ଚୋରି କରିବାକୁ ଆସି ବିଭିନ୍ନ ଅଞ୍ଚଳରେ ବଞ୍ଜରା ପରି ବସବାସ କରୁଥିଲେ। ସେମାନେ ଏଭଳି ଏକାଧିକ ଚୋରି ମାମଲାରେ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି।

# ରୋଟାରୀ ପରିବାରର ଅଧିଷ୍ଠାନ ଦିବସ

**ରୁଦ୍ରନାଥ ସଭାପତି, ସଞ୍ଜୟ ସମ୍ପାଦକ**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଖୋର୍ଦ୍ଧା,୨୮ା୭(ପ୍ରଭାତ ପାଣିଗ୍ରାହୀ)

ସ୍ଥାନୀୟ ମଙ୍ଗଳା ନଗର ରୋଟାରୀ ଭବନ ପରିସରରେ ରବିବାର ରୋଟାରୀ ପରିବାରର ଅଧିଷ୍ଠାନ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରୋଟରୀ ଜିଲା ଗଭର୍ନର ମନୋଜ ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ଜିଲା ସହଗଭର୍ନର ନାରାୟଣ ଖଣ୍ଡୁଆଳ, କ୍ଲବର ପ୍ରତିଷ୍ଠାତା ସଭ୍ୟ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପ୍ରମୁଖ ଯୋଗଦେଇ ରୋଟାରୀ ଆନ୍ଦୋଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିପାଇଁ ସମସ୍ତ ରୋଟାରିଆନମାନେ ନିଜକୁ ସମର୍ପିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦାୟୀ ସଭାପତି ଓ ସମ୍ପାଦକ ଆସନ୍ତା ବର୍ଷର ନୂତନ ସଭାପତି ସଭାପତି ରୁଦ୍ରନାଥ ଦତ୍ତ ଏବଂ ସମ୍ପାଦକ ସଞ୍ଜୟ ବର୍ମନଙ୍କୁ ସ୍ୱାଗତ କରିଥିଲେ। ସେହିପରି ଇନରହୁଇଲ କ୍ଲବର ସଭାପତି ମନ୍ଦିରା ରାୟ ଚୁଡାମଣୀ ଓ ସମ୍ପାଦକଭାବେ ଅନିତା ଦାସ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ଶ୍ରୀମୟୀ ଦାସ ଓ ମିସ୍ ମୋନାଲି ମହାପାତ୍ର ସଭାପତି ଏବଂ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌର୍ଯ୍ୟ ରଞ୍ଜନ ମହାନ୍ତି, ସବ୍ୟସାଚୀ ଚକ୍ରବର୍ତୀ, ରାମ ଶଙ୍କର, ଡ.ମମତା ଦେ, ଦେବୀ ପ୍ରସାଦ ଦାସ, ତାପସ ବୋଷ, ଦେବପ୍ରସାଦ ମଜୁମଦାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

ପୁରୁଣା ଭୁବନେଶ୍ୱର,୨୮ା୭(ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ଚାରୁକଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟ ସ୍ତରୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ ବିଭିନ୍ନ କାହାଣୀ, ଓଡ଼ିଶାର ଐତିହ୍ୟ ଓ ପର୍ବ ପର୍ବାଣୀକୁ ନେଇ ଚିତ୍ର ଅଙ୍କନ କରିଥିଲେ। ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଅଭିଲିପ୍ସା ମହାରଣା, ଆର୍ ସାଇ ସଂକଳ୍ପ, ଶ୍ରେୟାଂଶି ପୃଷ୍ଟି, ରିପ୍ସିତା ପରିଡ଼ା, ଦେବରାଜ ମିଶ୍ର, ଉପକନିଷ୍ଠ ବର୍ଗରେ ଶୁଭଶ୍ରୀ ମାଇତି, ସାଇ ସଂକଳ୍ପ ରଥ, ସ୍ୱାତୀ ସରମ ପୃଷ୍ଟି, ଆଦ୍ୟାଶା ନାୟକ, ଅନନ୍ୟା ଅନ୍ୱେଷା ରାଉତ, ସାଇ ପ୍ରତୀକ ଭୋଇ, ବରିଷ୍ଠ ବର୍ଗରେ ସୌମ୍ୟ ରଞ୍ଜନ ଜେନା, ସୋନିସ୍ମିତା ମିଶ୍ର, ସତ୍ୟମ ଶ୍ରୀ ସାହୁ, ମନସା ଜେନା, ରଚିତ ଆର୍ୟମାନ ଦାସ ପ୍ରମୁଖ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ଉତ୍ସବ ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବହୁ ଚିତ୍ରଶିଳ୍ପୀ,କଳା ଶିକ୍ଷକ ଓ କଳାନୁରାଗୀ ଛାତ୍ରୀଛାତ୍ରମାନଙ୍କ ଚିତ୍ରର ପ୍ରଶଂସା କରିଥିଲେ।

## ଅଟୋ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

ବାରଙ୍ଗ,୨୮ା୭(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ କଣ୍ଟାବାଡ଼ ମୁଖ୍ୟରାସ୍ତା ପାର୍ଶ୍ୱରେ ଏକ ଅଟୋ ଚାଳକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ନନ୍ଦନକାନନ ଥାନା ଅଧୀନ ପଦାସାହି ଗ୍ରାମର ମଙ୍ଗରାଜ ପରିଡ଼ା ଓରଫ ମଙ୍ଗୁ(୫୦)। ସେ ତାଙ୍କ ଅଟୋରେ ରବିବାର ବାରଙ୍ଗରୁ ଭଡ଼ାରେ ସାମଗ୍ରୀ ନେଇ କଣ୍ଟାବାଡ଼ ଆସୁଥିଲେ। କଣ୍ଟାବାଡ଼ଠାରୁ ଅଳ୍ପଦୂର ରାସ୍ତାପାର୍ଶ୍ୱରେ ଅଟୋ ରଖି ବିଶ୍ରାମ ନେଉଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଥିଲା। ତେବେ ମୃତ୍ୟୁର କାରଣ ଜାଣିବାକୁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

**ମହିଳା ଇନ୍‌ସ୍ପେକ୍ଟରଙ୍କ ଘରେ ଆଇପିଏସ୍‌ଙ୍କ ଗଣ୍ଡଗୋଳ ଘଟଣା**

ଭୁବନେଶ୍ୱର,୨୮ା୭(ସତ୍ୟଜିତ୍ ରାଉତ)

ମହିଳା ଇନ୍‌ସ୍ପେକ୍ଟରଙ୍କ କ୍ୱାର୍ଟର୍ସରେ ଆଇପିଏସ୍ ଅଫିସର ଗଣ୍ଡଗୋଳ କରିବା ଘଟଣାକୁ ନେଇ ପୋଲିସ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଏହି ଘଟଣାକୁ କେନ୍ଦ୍ର କରି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ରବିବାର ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଅଭିଯୋଗ କରିଛନ୍ତି। ଏହି ଘଟଣାରେ କମିଶନ୍ ତଦନ୍ତ କରି ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଜୟନ୍ତ ଦାବି କରିଛନ୍ତି। ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଆହତ ହୋଇଥିବା ମହିଳା ଇନ୍‌ସ୍ପେକ୍ଟରଙ୍କ ସ୍ୱାମୀଙ୍କ ଚିକିତ୍ସା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ୍ ଜବତ କରାଯାଉ। କ୍ୟାପିଟାଲ ଥାନା ପୋଲିସର ଆଇଆଇସି, ଜୋନ ଏସିପି, ଭୁବନେଶ୍ୱର ଡିସିପି ଓ ଅଭିଯୁକ୍ତ ଆଇପିଏସ୍ ଅଫିସରଙ୍କ ସିଡିଆର୍ ଜବତ କରାଯାଉ। ଇନ୍‌ସ୍ପେକ୍ଟରଙ୍କ ବାସଭବନ, ତାଙ୍କ ସ୍ୱାମୀ ଚିକିତ୍ସିତ ହୋଇଥିବା ଘରୋଇ ହସ୍ପିଟାଲ ଓ କ୍ୟାପିଟାଲ ପୋଲିସ ଷ୍ଟେଶନର ସିସିଟିଭି ଜବତ କରାଯାଇ ଏନ୍‌ଏଚ୍‌ଆର୍‌ସିଙ୍କ କମିଟି ଦ୍ୱାରା ତଦନ୍ତ କରାଯାଉ ବୋଲି ଜୟନ୍ତ ଅଭିଯୋଗରେ ଦର୍ଶାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଆଇପିଏସ୍ ଅଫିସର ଜଣଙ୍କ କ୍ୟାପିଟାଲ ଥାନା ଅନ୍ତର୍ଗତ ମହିଳା ଇନ୍‌ସ୍ପେକ୍ଟରଙ୍କ ବାସଭବନରୁ ଶନିବାର ରାତିରେ ଯାଇଥିଲେ। ସେଠାରେ ଇନ୍‌ସ୍ପେକ୍ଟରଙ୍କ ସ୍ୱାମୀଙ୍କ ସହ ତାଙ୍କର ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ଆଇପିଏସ୍ ଅଫିସରଙ୍କ ଆକ୍ରମଣରେ ଇନ୍‌ସ୍ପେକ୍ଟରଙ୍କ ସ୍ୱାମୀ ଆହତ ହୋଇଥିଲେ ଏପରିକି ଆଇପିଏସ୍ ଅଫିସର ଜଣଙ୍କ ସେଠାରେ ଭଙ୍ଗାରୁଜା ମଧ୍ୟ କରିଥିଲେ। ଏନେଇ କ୍ୟାପିଟାଲ ଥାନାରେ ଏତଲା ହୋଇନଥିବା ସୂଚନା ମିଳିଛି।

# ପୁରସ୍କାର, ସମ୍ବର୍ଦ୍ଧନା ମେଧାବୀଙ୍କୁ ଉତ୍ସାହିତ କରିବ

ବୋଲଗଡ଼,୨୮ା୭(ଦେବବ୍ରତ ହୋତା)



ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତସ୍ଥିତ କାହ୍ନୁଚରଣ ନୋଡାଲ ହାଇସ୍କୁଲରେ ପୂର୍ବତନ ପ୍ରଧାନଶିକ୍ଷକ ହରିବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଦିବାକର ହୋତା ମେମୋରିଆଲ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ମେଡିକାଲ କଲେଜର ପ୍ରଫେସର ଡା.ଶରତ ଚନ୍ଦ୍ର ଜୟସିଂହ, ମୁଖ୍ୟ ବକ୍ତା ନୟାଗଡ଼ କଲେଜର ପ୍ରଫେସର କେଶବ ଚନ୍ଦ୍ର ରାଉତରାୟ, ସମ୍ମାନିତ ଅତିଥିଭାବେ ବୋଲଗଡ଼ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରି ଏହି ପୁରସ୍କାର ଓ ସମ୍ବର୍ଦ୍ଧନା ସେମାନଙ୍କ ଉଚ୍ଚତର ଶିକ୍ଷାକ୍ଷେତ୍ରରେ ପ୍ରୋତ୍ସାହିତ କରିବ ବୋଲି କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ଉତ୍ସବକୁ ଉଦ୍‌ଘାଟନ କରିବା ସହିତ ବିଦ୍ୟାଳୟର ପ୍ରତିଷ୍ଠାତା-ସମ୍ପାଦକ ସ୍ୱର୍ଗତ ଦିବାକର ହୋତାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଦିବାକର ହୋତା ମେମୋରିଆଲ ଟ୍ରଷ୍ଟର ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୨୦୨୪ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଗଦାଧର ଏକାଡେମୀ, ମାଣିକାଗୋଡା, ଚତୁର୍ଭୂଜ ହାଇସ୍କୁଲ, ସଂପୁର ଓ କଳାଙ୍ଗ ହାଇସ୍କୁଲର ଏକାଦିକ୍ରମେ ୧୪ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ଶୁଭଲକ୍ଷ୍ମୀ ମହାପାତ୍ର, ସୁବ୍ରତ ଦାସ, ଜ୍ୟୋତିରଞ୍ଜନ ଦାସ, ରିତେଶ କୁମାର ସ୍ୱାଇଁ, ଶୁଭଜିତ୍ ସ୍ୱାଇଁ, ସୂର୍ଯ୍ୟ ପ୍ରତାପ ସୁବୁଦ୍ଧି, କାଜଲ ବେହେରା, ଧର୍ମଶ୍ରୀ ବୁଦ୍ଧାଦିତ୍ୟ, ପ୍ରଣତି ସାହୁ, ସୂଚିସ୍ମିତା ପ୍ରଧାନ, ଶୁଭଶ୍ରୀ ଦାସ, କୃଷ୍ଣଚନ୍ଦ୍ର ସାହୁ ଓ ଗଣେଶ୍ୱର ଭୋଇ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଯୋଗିନ୍ଦ୍ର ଦାଶ, ସହକାରୀ ଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶିକ୍ଷକ ରାଜକିଶୋର ବେହେରା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମୃତ୍ୟୁପରେ ବଂଶୀଧରଙ୍କ ଅଙ୍ଗଦାନ

ଅସ୍ତରଙ୍ଗ,୨୮।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)



ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଆଳସାହି ଗ୍ରାମର ସ୍ୱର୍ଗତ ବଂଶୀଧର ବିଶ୍ୱାଳ (୮୩)ଙ୍କ ପରିବାର ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ବଂଶୀଧରଙ୍କ ମୃତ୍ୟୁ ପରେ ତାଙ୍କ ଚକ୍ଷୁ ଦାନ କରିଛନ୍ତି ପରିବାର ଲୋକେ। ଏହା ଅନ୍ୟ ଜଣକୁ ଦୁନିଆ ଦେଖାଇପାରିବ। ବଂଶୀଧର ଜଣେ କୃଷକ ଥିଲେ। ତାଙ୍କର ଜଣେ ଝିଅ ଓ ୨ ପୁଅ ଅଛନ୍ତି। କିଛିଦିନ ତଳେ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରିଥିଲେ। ଗତ ୨୪ ତାରିଖରେ ଡାକ୍ତର ତାଙ୍କୁ ବ୍ରେନ ଡେଡ୍ ଘୋଷଣା କରିଥିଲେ। ଏଭଳି ଦୁଃଖଦ ପରିସ୍ଥିତିରେ ବଂଶୀଧରଙ୍କ ପରିବାର ତାଙ୍କର ଅଙ୍ଗ ଦାନ ଲାଗି ନିଷ୍ପତ୍ତି ନେଇଥିଲେ। ପରେ ଏଲ.ଭି. ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍‌ର ଦୃଷ୍ଟିଦାନ ଆଇ ବ୍ୟାଙ୍କରେ ତାଙ୍କର ଚକ୍ଷୁ ଦାନ କରାଯାଇଥିଲା। ଏହାପରେ ମରଶରୀରକୁ ଗାଁ ଆଳସାହି ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ସମସ୍ତେ ତାଙ୍କର ଗୁଣଗାନ କରିଥିଲେ।

### ବିଦ୍ୟାଳୟରେ ଶିକ୍ଷା ସପ୍ତାହ ପାଳିତ

ପିପିଲି,୨୮।୭(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ଜାତୀୟ ଶିକ୍ଷାନୀତି ୨୦୨୦ର ୪ର୍ଥ ବାର୍ଷିକୋତ୍ସବ ଅବସରରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ପିପିଲି ବ୍ଲକର ଗୋବିନ୍ଦପୁର କ୍ଲଷ୍ଟର ଅଧୀନ ସଙ୍ଗଳେଇଶାସନ ନୀଳକଣ୍ଠ ନୋଡ଼ାଲ, ଆରୁହା, ହରିଅନ୍ତା, ଗୋବିନ୍ଦପୁର ଆଦି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶିଉଳା, ତଲଉ, କୁଞ୍ଜର, ଅଡଙ୍ଗପଡ଼ା ପ୍ରାଥମିକ ବିଦ୍ୟାଳୟ, ବାଲୁଙ୍କେଶ୍ୱର ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ବିଇଓ ରବୀନ୍ଦ୍ର ନାଥ ନନ୍ଦଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଏବଂ ସିଆର୍‌ସିସି ଚିନ୍ତାମଣି ଓଝାଙ୍କ ଦିଗଦର୍ଶନରେ ପାଳିତ ହୋଇଯାଇଛି। ଶିକ୍ଷଣ ସାମଗ୍ରୀ ଦିବସ, ଏଫ୍‌ଏଲ୍‌ଏନ୍ ଦିବସ, କ୍ରୀଡ଼ା ଦିବସ, ସାଂସ୍କୃତିକ ଦିବସ, ଦକ୍ଷତା ଓ ପ୍ରୋତ୍ସାହନ ଦିବସ, ଇକୋ କ୍ଲବ ଓ ସ୍କୁଲ ପୋଷଣ ଦିବସ ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟଗୁଡ଼ିକରେ ପାଳନ କରାଯାଇଥିଲା। ପ୍ରତ୍ୟେକ ଦିନ ବିଦ୍ୟାଳୟରେ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ କରାଯାଇଥିଲା। ଶନିବାର ଇକୋ କ୍ଲବ ବିଭାଗର 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ବିଦ୍ୟାଳୟଗୁଡ଼ିକରେ ଚାରାରୋପଣ କରାଯାଇଥିଲା। ପିଲାମାନଙ୍କ ମା'ମାନେ ବିଦ୍ୟାଳୟରେ ଉପସ୍ଥିତ ରହି ଉତ୍ସାହର ସହ ଚାରାରୋପଣ କରିବ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିଥିଲେ।

# ସାହିରେ ଜମୁଛି ବର୍ଷାଜଳ: ସମସ୍ୟା ଭୋଗୁଛନ୍ତି ବାସିନ୍ଦା

ପୁରୀ,୨୮।୭(ଅଜିତ୍ କୁମାର ମହାନ୍ତି)



କିଛିଦିନ ହେଲା ଲଗାଣ ବର୍ଷା ଯୋଗୁ ପୁରୀର ତଳିଆ ଅଞ୍ଚଳରେ ପାଣି ଜମିଛି। ସିଦ୍ଧମହାବୀର ନିକଟସ୍ଥ ପଣ୍ଡା ବଗିଚା ଓ ସେନାପତି ବଗିଚା ଅଞ୍ଚଳର ରାସ୍ତାରେ ବର୍ଷାଜଳ ଜମିରହିଛି। ଫଳରେ ଅଞ୍ଚଳବାସୀ ଯାତାୟାତ ନେଇ ହନ୍ତସନ୍ତ ହେଉଛନ୍ତି। ବିଶେଷକରି ପିଲାମାନେ ସ୍କୁଲ ଯିବା ଆସିବା କରିବାରେ ସମସ୍ୟା ଭୋଗୁଛନ୍ତି। ସେହିପରି ପର୍ଯ୍ୟଟକଙ୍କୁ ମଧ୍ୟ ହଇରାଣ ହେବାକୁ ପଡୁଛି। ବର୍ଷା ହେଲେ ଏହି ଅଞ୍ଚଳର ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଏ। ବର୍ଷାଜଳ ଡ୍ରେନ୍ ପାଣି ସହିତ ମିଶି ପରିବେଶକୁ ଦୂଷିତ କରୁଥିବାବେଳେ ମଶା, ମାଛିଙ୍କ ପ୍ରାଦୁର୍ଭାବ ବଢୁଛି। ଲୋକେ ଚର୍ମଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏନେଇ ସାହିବାସିନ୍ଦା ବାରମ୍ବାର ଜିଲା ପ୍ରଶାସନ, ବିଧାୟକ ଏବଂ ମନ୍ତ୍ରୀଙ୍କୁ ସମସ୍ୟାର ସମାଧାନ ନିମନ୍ତେ ଦାବି କରି ଆସୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଉକ୍ତ ସମସ୍ୟା ଦୀର୍ଘବର୍ଷର ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ସାହିବାସିନ୍ଦା କହିଛନ୍ତି। ସ୍ଥାନୀୟ ବାସିନ୍ଦା ସୁରେନ୍ଦ୍ର ବେହେରା କହିଛନ୍ତି, ସେ ୨୦୦୦ ମସିହାରୁ ଉକ୍ତ ଅଞ୍ଚଳରେ ସ୍ଥାୟୀ ବାସିନ୍ଦା ଭାବେ ରହିଆସୁଛନ୍ତି। ଅସରାଏ ବର୍ଷା ହେଲେ ରାସ୍ତାରେ ପାଣି ଜମୁଛି। ଯାତାୟାତରେ ସମସ୍ୟା ହେଉଛି। ଏନେଇ ଅନେକ ଥର ବିଧାୟକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳୁଛି। ପ୍ରତିବର୍ଷ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗରେ ଏଠାକାର ଲୋକେ ଆକ୍ରାନ୍ତ ହେଉଛନ୍ତି। ପାଣି ଜମୁଥିବାରୁ ଗାଁକୁ ଆମ୍ବୁଲାନ୍ସ ଯାଇପାରୁ ନାହିଁ। ତେଣୁ ପ୍ରଶାସନ ଉକ୍ତ ସମସ୍ୟାର ଶୀଘ୍ର ସମାଧାନ କରୁ ବୋଲି ବେହେରା ଦାବି କରିଛନ୍ତି। ଏହି ଅଞ୍ଚଳରେ ଗତ ୩୦ବର୍ଷ ହେବ ରହିଆସୁଥିବା ଅନ୍ତର୍ଯ୍ୟାମୀ ପ୍ରହରାଜ କହିଛନ୍ତି, ଦୀର୍ଘବର୍ଷ ହେଲା ଏଭଳି ସମସ୍ୟା ଲାଗିରହିଛି। ଅସରାଏ ବର୍ଷା ହେଲେ ପାଣି ଜମୁଛି। ଏ ନେଇ ଜିଲାପାଳଙ୍କୁ ଅଭିଯୋଗ କରାଯିବା ସହ ବିଧାୟକ ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କେବଳ ପ୍ରତିଶ୍ରୁତି ମିଳୁଛି, କିନ୍ତୁ ସ୍ଥାୟୀ ପ୍ରତିକାର କରାଯାଉନାହିଁ। ସ୍ୱେରେଜ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ। ସେହିପରି ସାବିତ୍ରୀ ପଣ୍ଡା କହିଛନ୍ତି, ସେ ଏହି ଅଞ୍ଚଳରେ ୩୫ ବର୍ଷ ହେବ ଘର କରି ରହୁଛନ୍ତି। ପ୍ରଥମରୁ ହିଁ ପାଣି ଜମିବା ସମସ୍ୟା ଦେଖିଆସୁଛନ୍ତି। ଏନେଇ ଜିଲାପାଳଙ୍କୁ ଜଣାଇଥିଲୁ। ସମାଧାନ ଲାଗି ସେ ପ୍ରତିଶ୍ରୁତି ଦେଇଥିଲେ। ଇତିମଧ୍ୟରେ ୩ବର୍ଷ ବିତିଯାଇଥିଲେ ମଧ୍ୟ ପଦକ୍ଷେପ ନିଆଗଲା ନାହିଁ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାବିତ୍ରୀ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ପିଡବ୍ଲୁଡି ପକ୍ଷରୁ ପଣ୍ଡାବଗିଚା ଅଞ୍ଚଳରେ ଡ୍ରେନ ନିର୍ମାଣ ଚାଲିଛି। କାମ ସରିନାହିଁ। କିନ୍ତୁ ସ୍ଥାନୀୟ ବାସିନ୍ଦା ବ୍ୟବହାର କରୁଥିବା ପାଣି ଉକ୍ତ ଡ୍ରେନରେ ଛାଡୁଛନ୍ତି। ଫଳରେ ଜମିରହୁଛି। ଏନେଇ ପିଡବ୍ଲୁଡି ଅଧିକାରୀଙ୍କୁ ଅବଗତ କରାଯାଇଛି। ଡ୍ରେନ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇଗଲେ ଆଉ ସମସ୍ୟା ହେବନାହିଁ।

# ଜମିରେ ହଳ କରୁଥିବାବେଳେ ବିଦ୍ୟୁତ୍ ତାର ଲାଗି ଯୁବକ ମୃତ

କଣାସ,୨୮।୭(ବିଭୂତି ଭୂଷଣ ତ୍ରିପାଠୀ)

ଟ୍ରାକ୍ଟରରେ ହଳ କରୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେ ହେଲେ କଣାସ ଥାନା ଅଧୀନ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ହଳଦୀପଦର ଗ୍ରାମର ପ୍ରକାଶ ବେହେରା(୩୬)। ଏନେଇ ପୋଲିସ ୧୫୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଖବର ନେବାରେ ଜଣାପଡ଼ିଛି, ପ୍ରକାଶ ଟ୍ରାକ୍ଟରରେ ଜମିରେ ହଳ କରୁଥିବା ସମୟରେ ନୂଆହାଟ ଗ୍ରାମର ଜଣେ ବ୍ୟକ୍ତି ବେଆଇନ ଭାବେ ବଗିଚାକୁ ସଂଯୋଗ କରିଥିବା ବିଦ୍ୟୁତ୍ ତାରରେ ଟ୍ରାକ୍ଟରଟି ବାଜିବାରୁ ବିଦ୍ୟୁତ୍ ଆଘାତ ପାଇ ଟଳି ପଡ଼ିଥିଲେ। ଲୋକେ ତୁରନ୍ତ ତାଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୁବନେଶ୍ୱର ଡାକ୍ତରଖାନା ଆଉଟପୋଷ୍ଟ ପକ୍ଷରୁ ପ୍ରକାଶଙ୍କ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଇବା ସହ କଣାସ ଥାନାକୁ ଜଣାଇ ଦିଆଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକେ ମୃତଦେହକୁ ଆଣି ବେଆଇନ ଭାବେ ବିଦ୍ୟୁତ୍ ତାର ଟାଣିଥିବା ବ୍ୟକ୍ତିଙ୍କ ଘର ସମ୍ମୁଖରେ ରଖି ବସି ରହିଥିଲେ। ଖବର ପାଇ କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିବା ସହିତ ରେଡକ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ।

# ବିଭିନ୍ନ ବିଦ୍ୟାଳୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ଡେଲାଙ୍ଗ,୨୮।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଗତ ୨୨ ତାରିଖଠାରୁ ଚାଲୁଥିବା ଶିକ୍ଷାସପ୍ତାହ ଅବସରରେ ଚାରା ରୋପଣ ଦିବସ ପାଳିତ ହେବା ସହ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଅରିସଲ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ରୋପଣ କରିଥିବା ବେଳେ ଅଭିଭାବକମାନଙ୍କୁ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ବିନୋଦ କୁମାର ପ୍ରାମାଣିକ, ମହିଳା ସଭାନେତ୍ରୀ ସନ୍ଧ୍ୟାବତୀ ପ୍ରଧାନ, ଏବିଇଓ ଲକ୍ଷ୍ମଣ ପ୍ରଧାନଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ସେହିପରି ହାଟବଜାରସ୍ଥିତ ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଅଭୟଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସନ୍ତୋଷ ମହାନ୍ତି, କବୟିତ୍ରୀ ଜ୍ୟୋତ୍ସ୍ନାମୟୀ ସ୍ୱାଇଁ, ଗାନ୍ଧୀତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ୍, ସାମାଜିକ କର୍ମୀ ଜିତେନ୍ଦ୍ରନାଥ ପ୍ରଧାନ ପ୍ରମୁଖ ପରିବେଶ ସନ୍ତୁଳନ ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ୧୫୦ ଜଣ ମହିଳା ଅଭିଭାବକଙ୍କୁ ଚାରା ବଣ୍ଟନ କରାଯିବା ସହ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା 'ଗଛଟିଏ ମୁଁ ଗଛଟିଏ' ନୃତ୍ୟ ପରିବେଷଣ କରାଯାଇଥିଲା। ଅଭିଭାବିକା ଗୀତାରାଣୀ ନାୟକ, ରେଶ୍ମା ବେଗମ୍, ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ସିଂ, ଶିକ୍ଷକ ସୋମନାଥ ବେହେରା, ଟିକେଇ ଦଳାଇ, ମାନସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାର କଳା ସଂସ୍କୃତିର ପ୍ରଚାର, ପ୍ରସାର କରିବି: ସମ୍ବିତ



ପୁରୀ ରେଳଷ୍ଟେଶନ ପରିସରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି ସମ୍ବିତ ପାତ୍ର ଏବଂ ଅନ୍ୟମାନେ।

ପୁରୀ,୨୮।୭(ଅଜିତ୍ କୁମାର ମହାନ୍ତି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ୍‌ର ୧୧୨ତମ ସଂସ୍କରଣରେ ରବିବାର ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ରେଳଷ୍ଟେଶନରେ ବଡ଼ ଏଲ୍‌ଇଡି ମାଧ୍ୟମରେ ମନ୍ କି ବାତ୍ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବହୁ ଭାଜପା ନେତା, ରେଳ ଅଧିକାରୀ ଏବଂ ଜନସାଧାରଣ ଯୋଗଦେଇ ମନ୍ କି ବାତ୍ ଶୁଣିଥିଲେ। ପରେ ପାତ୍ର କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ୧୧୨ ତମ ମନକି ବାତର ସଂସ୍କରଣ ଥିଲା। ମୁଖ୍ୟତଃ ମାଇଁପ୍ରଡକ୍ଟମାଇଁ ପ୍ରାଇଡ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଓଡ଼ିଶାର ନାଁ ନେଇଛନ୍ତି। ଓଡ଼ିଶାର ସମ୍ବଲପୁରୀ ଶାଢ଼ି ବିଷୟରେ କହିଛନ୍ତି ଯାହା ଆମ ପାଇଁ ଗର୍ବର ବିଷୟ। ସମ୍ବଲପୁରୀ ଶାଢ଼ି ବିଶ୍ୱପ୍ରସିଦ୍ଧ। ଯିଏ ଓଡ଼ିଶା ଆସନ୍ତି ସେ ସମ୍ବଲପୁରୀ ଶାଢ଼ି କିଣି ନେବାକୁ ଇଚ୍ଛା କରିଥାନ୍ତି। ପୁରୀ ଏକ ସାଧାରଣ ସ୍ଥାନ ନୁହେଁ। ପୁରୀ ମହାପ୍ରଭୁଙ୍କ ସ୍ଥାନ, ଓଡ଼ିଶାର ଗର୍ବ, ଅସ୍ମିତା, ଇତିହାସ, କଳା ଓ ସଂସ୍କୃତିର ଉଦ୍‌ଗମ ସ୍ଥାନ ହେଉଛି ପୁରୀ। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଶୁଣିବା ପରେ ନିଷ୍ପତ୍ତି ନେଇଛି ଆମର ଯାହା କଳା ରହିଛି, ପଟ୍ଟଚିତ୍ର ହେଉ କି ଅନ୍ୟ କଳା ସଂସ୍କୃତି ତାହାକୁ ବିଶ୍ୱ ଦରବାରରେ ସ୍ଥାପିତ କରିବା। ଆମ କଳା ସଂସ୍କୃତି ଏବଂ ଐତିହ୍ୟର ଯେପରି ପ୍ରଚାର ପ୍ରସାର ହୋଇପାରିବ ସେ ନେଇ ଉଦ୍ୟମ କରାଯିବ ବୋଲି ପାତ୍ର କହିଛନ୍ତି। ଲୋକଙ୍କ ମଧ୍ୟରେ ହସ୍ତତନ୍ତର ସ୍ଥାନ ବଜାୟ ରହିଛି। ଲୋକେ ଖଦିକୁ ଅଧିକ ପସନ୍ଦ କରୁଛନ୍ତି। ଅଗଷ୍ଟ ୭ରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଥିବା ନେଇ ପାତ୍ର ସୂଚନା ଦେଇଛନ୍ତି। ସେହିପରି ସିଦ୍ଧମହାବୀର ରେଳ ଓଭରବ୍ରିଜ୍‌ର ନିର୍ମାଣ କାମ ଚାଲିଛି ଏବଂ ୨୦ ପ୍ରତିଶତରୁ ଅଧିକ କାମ ସମ୍ପୂର୍ଣ୍ଣ ହୋଇଥିବା ପୂର୍ବତନ ବିଧାୟକ ଷଡ଼ଙ୍ଗୀ ସୂଚନା ଦେଇଥିଲେ।

### ଡିଜିଗଭ୍ ତାଲିମ ଶିବିର

ପିପିଲି,୨୮।୭(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ଅନ୍ତର୍ଗତ ପୁବାଶାସନ ହାଇସ୍କୁଲଠାରେ ଶନିବାର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତିମାନଙ୍କୁ ଡିଜିଗଭ ତାଲିମ ପ୍ରଦାନ କରାଯାଇଛି। ପୂର୍ବରୁ ବିଦ୍ୟାଳୟଗୁଡ଼ିକୁ ଆସୁଥିବା ସମଗ୍ର ଶିକ୍ଷାର ଅନୁଦାନ ପିଏଫ୍‌ଏମ୍‌ଏସ୍ ମାଧ୍ୟମରେ ଉଠାଣ ହେଉଥିଲା। କିନ୍ତୁ ଚଳିତ ବର୍ଷ ଏହି ଆର୍ଥିକ ନେଣଦେଣ ଡିଜିଗଭ୍ ମାଧ୍ୟମରେ କରାଯିବ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଅନୁଦାନ କିଭଳି ଡିଜିଗଭ୍ ମାଧ୍ୟମରେ ବିନିଯୋଗ ହୋଇପାରିବ ସେ ସମ୍ବନ୍ଧରେ ବିଇଓ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ଆଶୁତୋଷ ମିଶ୍ର ଏବଂ ଶ୍ରୀନିବାସ ମହାପାତ୍ର ତାଲିମ ପ୍ରଦାନ କରିଥିଲେ। ଗୋବିନ୍ଦପୁର କ୍ଲଷ୍ଟର ସିଆର୍‌ସିସି ଚିନ୍ତାମଣି ଓଝା ଓ ଲକ୍ଷ୍ମୀନାରାୟଣପୁର କ୍ଲଷ୍ଟର ସିଆର୍‌ସିସି ପ୍ରଦୀପ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶୈବପୀଠମୁହାଁ କାଉଡ଼ିଆ

ଅସ୍ତରଙ୍ଗ,୨୮।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଶ୍ରାବଣର ଦ୍ୱିତୀୟ ସୋମବାର ଅବସରରେ ଅସ୍ତରଙ୍ଗ ଅଞ୍ଚଳର ସମସ୍ତ ଶୈବ ପୀଠ ଚଳଚଞ୍ଚଳ ହୋଇଉଠିଛି। କାଉଡିଆମାନେ କଟକ ଗଡ଼ଗଡିଆ ଅବା କାକଟପୁରର ପ୍ରସିଦ୍ଧ ପ୍ରାଚୀନଦୀ ପଠାରେ ବୁଡ଼ ପକାଇଥିଲେ। ନଦୀରେ ବୁଡ଼ ପକାଇ କଳସୀରେ ଜଳ ଧରି ବାଲିରେ ମହାଦେବ ଆରାଧନା କରି ଫୁଲ, ଚନ୍ଦନ, ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରିଛନ୍ତି। ଦେହରେ ନାରଙ୍ଗୀ ବସ୍ତ୍ର କାନ୍ଧରେ ସୁସଜ୍ଜିତ କାଉଡି ବାହୁଙ୍ଗୀ, କଳସୀରେ ଜଳ ଧରି ବିଭିନ୍ନ ଶୈବପୀଠ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ବ୍ଲକର ଶୈବପୀଠ ବାବା ପଶ୍ଚିମେଶ୍ୱର, ଐଶାନେଶ୍ୱର, ଗ୍ରାମେଶ୍ୱର, ବେଲେଶ୍ୱର, ଧବଳେଶ୍ୱର, ବୁଦ୍ଧେଶ୍ୱର ଭଳି ଶୈବପୀଠଗୁଡ଼ିକରେ ଶୃଙ୍ଖଳିତ ଜଳାଭିଷେକ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

# ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ, ସଚେତନତା କାର୍ଯ୍ୟକ୍ରମ

ନିମାପଡ଼ା,୨୮।୭(ବିଚିତ୍ରାନନ୍ଦ ସାହୁ)



ନିମାପଡ଼ା ଏନ୍‌ଏସି ଅଧୀନ ପ୍ରାକ୍ଟିସିଂ ୟୁଜିୟୁପି ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ଦିବସ, ମୌଳିକ ଭାଷା ଜ୍ଞାନ ଓ ସଂଖ୍ୟା ଜ୍ଞାନ ଦିବସ, କ୍ରୀଡ଼ା ଦିବସ, ସାଂସ୍କୃତିକ କାର୍ଯ୍ୟକ୍ରମ ଦିବସ, ଦକ୍ଷତା କାର୍ଯ୍ୟକ୍ରମ, ମା'ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ଆଦି ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ଏହି ସବୁ କାର୍ଯ୍ୟକ୍ରମକୁ ପୁରୀ ଡିଆଇଇଟିର ଦେବସ୍ମିତା ଦାସ, ନିମାପଡ଼ା ଶିକ୍ଷା ଜିଲା ଅଧିକାରୀ ଦ୍ୱିତିକାନ୍ତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତଦାରଖ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିର୍ମଳ ମିଶ୍ର, ଶିକ୍ଷୟିତ୍ରୀ କ୍ଷଣପ୍ରଭା ପାତ୍ର, ମାହେଶ୍ୱରୀ ଦାଶ, ଈପ୍‌ସିତା ପ୍ରିୟଦର୍ଶିନୀ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ଶୁଭଶ୍ରୀ ବରାଳ, ଶ୍ୟାମସୁନ୍ଦର ନାୟକ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରଥିଲେ।

# ଅଗ୍ନିବିପନ୍ନଙ୍କୁ ଆବାସ ଯୋଜନାରେ ଘର ଦିଆଯିବ

ସାକ୍ଷୀଗୋପାଳ,୨୮।୭(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅଧୀନ ବୀରରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର, ମୁନିଦା ଗ୍ରାମରେ ନିକଟରେ ଘଟିଥିବା ଅଗ୍ନିକାଣ୍ଡରେ ହରିଶ ପରିଡ଼ାଙ୍କ ୨ ବଖରା ଘର ସହ ଧାନ ଚାଉଳ, ଆସବାବପତ୍ର ପୋଡ଼ି ଅନେକ କ୍ଷୟକ୍ଷତି ହୋଇଥିଲା। ଖବରପାଇ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ରବିବାର ଅଗ୍ନିବିପନ୍ନଙ୍କ ପରିବାର ନିକଟରେ ପହଞ୍ଚିଥିଲେ। ବିପନ୍ନ ପରିବାରର ଭଲ ମନ୍ଦ ବୁଝିବା ସହ ଆସନ୍ତା ୩ ମାସ ମଧ୍ୟରେ ଆବାସ ଯୋଜନାରେ ଘର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଗ୍ନିକାଣ୍ଡରେ ଘରର ଆସବାବପତ୍ର ଏବେ ବି ପାଉଁଶ ଗଦା ତଳେ ଥିବାରୁ ଏହାକୁ ସଫା ସୁତରା କରିବାକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସତ୍ୟବାଦୀ ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ ଓ ଅମିନ ମୃତ୍ୟୁଞ୍ଜୟ ସିଂଙ୍କୁ ବିଧାୟକ ବିପନ୍ନ ପରିବାରର କ୍ଷୟକ୍ଷତି ରିପୋର୍ଟ ଶୀଘ୍ର ପ୍ରସ୍ତୁତ କରି ଆବଶ୍ୟକ ସରକାରୀ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରପଞ୍ଚ ବର୍ଷାରାଣୀ ସେଠୀ, ମଣ୍ଡଳ ସଭାପତି ଉମେଶ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ହର ରଥଙ୍କ ସମେତ ଅନ୍ୟମାନେ ସହାୟତା ପ୍ରଦାନ ସମୟରେ ବିଧାୟକଙ୍କ ସହ ଉପସ୍ଥିତ ଥିଲେ।

# ବଜ୍ରପାତ ବେଳେ ସୁରକ୍ଷା ଦେବ ତାଳଗଛ

ପୁରୀ,୨୮।୭(ଅଜିତ୍ କୁମାର ମହାନ୍ତି)

ତାଳବଣିଆ ଉନ୍ନୟନ ପରିଷଦ ପକ୍ଷରୁ ରବିବାର ତାଳବଣିଆଠାରେ ତାଳ ବୃକ୍ଷ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ ପାତ୍ର ଓ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ତାଳବଣିଆରେ ପ୍ରାୟ ତାଳଗଛ ସବୁ ଲୋପ ପାଇଯାଇଥିବାରୁ ସଙ୍ଗଠନ ତରଫରୁ କରାଯାଉଥିବା ଏହି କାର୍ଯ୍ୟକୁ ଏମ୍‌ପି ପ୍ରଶଂସା କରିବା ସହିତ ସରକାରଙ୍କୁ ଏହି ବିଷୟରେ ଅବଗତ କରିବା ନିମନ୍ତେ କହିଥିଲେ। ପରିବେଶ ସୁରକ୍ଷା ସହ ବଜ୍ରପାତ ବେଳେ ସୁରକ୍ଷା ନିମନ୍ତେ ତାଳ ଗଛର ଆବଶ୍ୟକତା ରହିଛି ବୋଲି ପୂର୍ବତନ ବିଧାୟକ ଷଡ଼ଙ୍ଗୀ ମତ ରଖିଥିଲେ। ସଙ୍ଗଠନର କାର୍ଯ୍ୟକାରୀ ସଭାପତି ରାଜେଶ କୁମାର ନନ୍ଦ, ଆବାହକ ଶିବପ୍ରସାଦ ମହାନ୍ତି, ସାଧାରଣ ସମ୍ପାଦକ ସୁଜିତ ପଟ୍ଟନାୟକ, ଦୀପ୍ତି ରଞ୍ଜନ ବାରିକ, ତନୁଜା ମହାନ୍ତି, ରବିନାରାୟଣ ଦାସ, ସିପୁନ ମହାନ୍ତି, ସଚ୍ଚିଦାନନ୍ଦ ରଥ, ଜ୍ୟୋତି ରଞ୍ଜନ ନାୟକ, ବିଷ୍ଣୁଚରଣ ସ୍ୱାଇଁ, ହାଡିବନ୍ଧୁ ରେଡ୍ଡୀ, ସଞ୍ଜୟ ଦାସ, ପ୍ରଦୀପ ଚିନାରା, ବିଶୁ ରେଡ୍ଡୀ, କ୍ରିଷ୍ଣା ରେଡ୍ଡୀ, ଶଶିକାନ୍ତ ପରିଡାଙ୍କ ସହିତ ସମସ୍ତ ସଦସ୍ୟ ଯୋଗଦେଇ ଚାରା ରୋପଣ କରିଥିଲେ। ପ୍ରତି ରବିବାର ତାଳ ଚାରା ରୋପଣ କରାଯିବ ବୋଲି ରାଜେଶ କୁମାର ନନ୍ଦ ସୂଚନା ଦେଇଥିଲେ।



**ତାଳବଣିଆରେ ରୋପଣ ହେଲା ଶତାଧିକ ତାଳ ଚାରା**

### ବିଶ୍ୱ ହିନ୍ଦୁ ପକ୍ଷରୁ ଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ

ଚାରିଛକ,୨୮।୭(ଶିଶିର ସ୍ୱାଇଁ)

ପୁରୀ ଜିଲା ଚାରିଛକ ଥାନା ଅଧୀନ ତୁଳସୀପୁରଠାରେ ଥିବା ଜୟମା' ଦୁର୍ଗା କଲ୍ୟାଣ ମଣ୍ଡପ ପରିସରରେ ବିଶ୍ୱ ହିନ୍ଦୁ ପକ୍ଷରୁ ଏକ ଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାହାରଣା ନୀଳମଣି ସ୍ମୃତି ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରମେଶ ରାଉତ ଯୋଗଦେଇ ଭାରତ ମାତାଙ୍କ ପାଖରେ ପୁଷ୍ପ, ଧୂପ, ଦୀପ ଜାଳି ଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାନ୍ତ ସଂଯୋଜକ ପ୍ରଜ୍ଞାପ୍ରବାହ ରବି ନାରାୟଣ ପଣ୍ଡା, ଭାଗୀରଥି ଓଝା ଖଣ୍ଡକାର୍ଯ୍ୟ ବାହ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ପ୍ରଥମେ ଭାରତ ମାତା ସ୍ଲୋଗାନ ଦେଇ ହିନ୍ଦୁ ଧର୍ମ ଉପରେ ବୁଝାଇଥିଲେ। ଶେଷରେ ଶାନ୍ତି ପ୍ରାର୍ଥନା କରି ଗୁରୁ ଦକ୍ଷିଣା ଦେଇଥିଲେ। ଏଥିରେ ନିମାପଡ଼ା, ଚାରିଛକ, ତୁଳସୀପୁର, ଯୋଗେଶ୍ୱରପୁର, ବାହାରଣା, କଳାପାଞ୍ଚଣ, ଭୋଦର ପ୍ରମୁଖ ଅଞ୍ଚଳରୁ ଶତାଧିକ ବିଶ୍ୱ ହିନ୍ଦୁ ପରିବାରର ସଭ୍ୟ ଯୋଗଦେଇଥିଲେ।

# କାମ ଆରମ୍ଭରୁ ରାସ୍ତା ଫାଟିଲାଣି, ସ୍ଥାୟିତ୍ୱ ନେଇ ପ୍ରଶ୍ନ

ଗୋପ,୨୮।୭(ଭାରତୀ ଭୂଷଣ ଉପାଧ୍ୟାୟ)

ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଏବେ ବିନା ସୂଚନାଫଳକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି। ଏହି ସେକ୍ସନ ଅନ୍ତର୍ଗତ ମଦରଙ୍ଗଠାରୁ ଆଳିଶି ଭାୟା ବନ୍ତଳି ଗ୍ରାମ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଚାଲିଥିବା ବେଳେ ଆଉ କେତେକ ସ୍ଥାନରେ ରାସ୍ତା କାର୍ଯ୍ୟ ଜାରି ରହିଛି। ଏଥିଲାଗି କେତେ ଟଙ୍କା ବ୍ୟୟବରାଦ ଓ ମଞ୍ଜୁର ହୋଇଛି, କିପରି କାମ କରାଯିବ, କେଉଁ କେଉଁ କାମ କରାଯିବ ଆଦି ସମେତ ଅନେକ ତଥ୍ୟ ସର୍ବସାଧାରଣଙ୍କ ଜାଣିବା ନିମନ୍ତେ ସୂଚନାଫଳକରେ ଉପଲବ୍ଧ ହେବା କଥା। କିନ୍ତୁ ଏହି ରାସ୍ତା କାମ ଚାଲିଥିବା ସ୍ଥାନରେ ସୂଚନାଫଳକ ଲାଗିନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଠିକା ନେଇଥିବା ସଂସ୍ଥା ପକ୍ଷରୁ କାମ ଆରମ୍ଭ ହୋଇଥିବାବେଳେ ରାସ୍ତା ଫାଟି ଆଁ କରିଥିବା ଅଭିଯୋଗ ହୋଇଛି। ଏପରି କି ଅନେକ ସ୍ଥାନରେ ଆବଶ୍ୟକତା ଅନୁଯାୟୀ, ବାଲି ପକାଯିବା ବଦଳରେ ମାଟିମିଶା ବାଲି ପଡୁଥିବା ୧୧ ନମ୍ବର ଜିଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଗତ ଏହି ୬ କିଲୋମିଟର ରାସ୍ତା ଉପରେ ୪ଟି ପଞ୍ଚାୟତର ଶତାଧିକ ଗାଁ ର ଲୋକେ ନିର୍ଭର କରୁଥିବା ବେଳେ ଆରମ୍ଭରୁ ରାସ୍ତା ଫାଟିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ନିମ୍ନମାନର କାମ ଯୋଗୁ ଏଭଳି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶ ୨୦୨୪ ଫେବୃଆରୀ ୨୫ରେ ରାସ୍ତା ନିର୍ମାଣ ଲାଗି ଶିଳାନ୍ୟାସ କରିଥିଲେ ମଧ୍ୟ ଅଦ୍ୟାବଧି ସୂଚନାଫଳକ ନ ଲାଗିବା ବିଭାଗର କାର୍ଯ୍ୟକୁ ସନ୍ଦେହ ଘେରକୁ ଟାଣିଛି। ଏ ସମ୍ପର୍କରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ହରିଶ୍ଚନ୍ଦ୍ର ପୃଷ୍ଟି କହିଛନ୍ତି, ରାସ୍ତା ନିର୍ମାଣ ଲାଗି ସୂଚନାଫଳକ ଲଗାଯିବାର ନିୟମ ରହିଛି। କିନ୍ତୁ କାହିଁକି ଲାଗିନାହିଁ, ସେ ସମ୍ପର୍କରେ ଦେଖିବି ବୋଲି କହିବା ସହ ବଡ଼ ଟ୍ରକ ଯିବା ଯୋଗୁ ଚାପରେ ଫାଟିଛି ବୋଲି ପ୍ରକାଶ କରିଛନ୍ତି।



**ସୂଚନାଫଳକ ନାହିଁ**

# ପରିତ୍ୟକ୍ତ ଅବସ୍ଥାରେ ପାଇକ ସଂଗ୍ରହାଳୟ

ଖୋର୍ଦ୍ଧା,୨୮।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସଂସ୍କୃତି ଭବନ ପରିସରରେ ୨୦୧୧ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶହୀଦ ସ୍ତମ୍ଭ ଉଦ୍‌ଘାଟନ କରିଥିଲେ। ଏଥିସହିତ ସେଠାରେ ଏକ ପାଇକ ସଂଗ୍ରାହଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୨୫ଲକ୍ଷ ବ୍ୟୟ ଅଟକଳରେ ଏହି କୋଠା ନିର୍ମାଣ ହୋଇଥିଲା। ଖୋର୍ଦ୍ଧା ପାଇକ ବୀରଙ୍କ ବୀରତ୍ୱ କାହାଣୀ ଏବଂ ସ୍ମୃତିକୁ ସାଉଁଟିବା ନିମନ୍ତେ ରାଜ୍ୟ ସରକାର ଖୋର୍ଦ୍ଧାରେ ଏକ ପାଇକ ସଂଗ୍ରହାଳୟ ନିର୍ମାଣ କରିଥିଲେ। ତେବେ ପାଇକ ସଂଗ୍ରହାଳୟ ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି।

ଐତିହ୍ୟ ଗବେଷକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କହିଛନ୍ତି, ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧା ପାଇକ ବୀରଙ୍କ ଅବଦାନ ଅତୁଳନୀୟ। ପାଇକମାନଙ୍କ ବୀରତ୍ୱର ଗାଥା ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଭବିଷ୍ୟତ ପିଢିଙ୍କ ଲାଗି ଏଠାରେ ପାଇକ ସଂଗ୍ରହାଳୟ ପାଇଁ ଯୋଜନା ହୋଇଥିଲା। ତାହା କେବଳ ସଭା, ସମିତି, ଆଲୋଚନା, ପର୍ଯ୍ୟାଲୋଚନା ମଧ୍ୟରେ ସୀମିତ ହୋଇ ରହିଗଲା। ସେହିପରି ସାମାଜିକକର୍ମୀ ରାମ ନାରାୟଣ ଦାଶ କହିଛନ୍ତି, ଲାଲମାଟିର ଗଡ଼ ଖୋର୍ଦ୍ଧା ଅବହେଳିତ ଅବସ୍ଥାରେ ରହିଛି। ଗଡ଼ଖୋର୍ଦ୍ଧା ବିଲୁପ୍ତ ଅବସ୍ଥାରେ ରହିଛି। ପାଇକ ସଂଗ୍ରହାଳୟ ସ୍ଥାପନା ହେଲେ, ପାଇକ ମାନଙ୍କ ଯୁଦ୍ଧ ରଣକୌଶଳ ସମ୍ପର୍କରେ ଆଗାମୀ ଯୁବପିଢି ଜାଣିବାର ସୁଯୋଗ ପାଇଥାନ୍ତେ। ଏ ମାଟିର ଗୌରବ ବଢିଥାନ୍ତା। ରାଜନୈତିକ ଇଚ୍ଛାଶକ୍ତି ଓ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଏହି କୋଠା କାର୍ଯ୍ୟକ୍ଷମ ନେଇ ଆଶଙ୍କା ରହିଛି।

### ପ୍ରୋତ୍ସାହନ ଅଭାବରୁ ଆଗେଇଲାନି ସମରକଳା

ଗୁରୁଜଙ୍ଗଠାରେ ୯୦ଦଶକରେ ସମରକଳା ଏକାଡ଼େମୀ ଆରମ୍ଭ ହୋଇଥିଲା। ସେହି ସମୟରେ ପାଇକ ଗୁରୁଙ୍କ ତତ୍ତ୍ୱାବଧାନରେ ଯୁବକମାନେ ସମରକଳା, ପାଇକ ଆଖଡ଼ା ପ୍ରଦର୍ଶନୀ ପ୍ରଶିକ୍ଷଣ ନେଉଥିଲେ। କୁହାଯାଏ ସେହି ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମଧ୍ୟ ଏହି ସ୍ଥାନ ପରିଦର୍ଶନ କରି ଏହି କଳାର ଉଚ୍ଚ ପ୍ରଶଂସା କରିଥିଲେ। ତେବେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଏହା ଆଗକୁ ବଢ଼ିପାରିଲା ନାହିଁ। ପ୍ରୋତ୍ସାହନ ଅଭାବରୁ ମାଟିରେ ମିଶିଗଲା।



### ଫନୀରେ ନଷ୍ଟ ହୋଇଗଲା

ଏହି କୋଠା କୌଣସି କାରଣରୁ ଉଦ୍‌ଘାଟନ ହୋଇପାରି ନ ଥିଲା। ସେବେଠାରୁ ଏହି କୋଠା ବିପର୍ଯ୍ୟସ୍ତ ହୋଇ ପଡିରହିଥିବା ବେଳେ ପରବର୍ତ୍ତୀ ସମୟରେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଛାତ, କାନ୍ଥ ଫାଟି ଆଁ କରିବା ସହ ଲୁହାର ଫାଟକରେ କଳଙ୍କି ଲାଗିଯାଇଥିଲା। ଏପରିକି କୋଠା ପରିସର ସାପଙ୍କ ବାସସ୍ଥାନ ପାଲଟିଥିଲା। ୨୦୧୯ ଫନୀ ବାତ୍ୟାରେ ଏହି କୋଠା ନଷ୍ଟ ହୋଇଯାଇଥିଲା। ତେବେ ଯେଉଁ ଉଦ୍ଦେଶ୍ୟରେ ଏହି କୋଠା ନିର୍ମାଣ କରାଯାଇଥିଲା, ତାହା ଏବେବି ଆଶାରେ ରହିଯାଇଛି।

### ଲକ୍ଷ୍ୟଠାରୁ ଦୂରରେ

ବ୍ରିଟିଶ ସହିତ ଲଢ଼େଇ କରି ବଳିଦାନ ଦେଇଥିବା ପାଇକଙ୍କ ବୀରତ୍ୱର ଗାଥା ଏବଂ ସେମାନେ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ଖଣ୍ଡା, ବର୍ଛା, ଢାଲ, ପାଇକ ବୀରଙ୍କ ତୈଳଚିତ୍ର, ପ୍ରାଚୀନ କୀର୍ତ୍ତିରାଜୀ ଆଦି ଏହି ସଂଗ୍ରାହଳୟରେ ସ୍ଥାନ ପାଇବ ବୋଲ ଲକ୍ଷ୍ୟ ଥିଲା। ଆଗାମୀ ପିଢିଙ୍କ ପାଇକ ବୀରଙ୍କ ବୀରତ୍ୱ ସମ୍ପର୍କରେ ଅବଗତ କରାଇବା ତଥା ଏହି ଜାତିର ଗୌରବକୁ ସମାଜରେ ପ୍ରତିଷ୍ଠିତ କରାଇବା ଏହି ସଂଗ୍ରାହଳୟର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା।

### ମରାମତି ପରେ ପୁଣି ତାଲା

ଖୋର୍ଦ୍ଧା ବ୍ଲକ ପକ୍ଷରୁ ପାଇକ ସଂଗ୍ରହାଳୟ କୋଠା ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିଲା। ନିର୍ମାଣ ହେବା ପରଠାରୁ ମୁଖ୍ୟ ଫାଟକରେ ତାଲା ଝୁଲୁଥିବା ବେଳେ ପ୍ରଥମ ଥର ଲାଗି ମୁଖ୍ୟ ଫାଟକ ତାଲା ଖୋଲିଥିଲା। ଦୀର୍ଘ ଦିନ ଧରି ଅନାବନା ଗଛଲତାରେ ମଧ ଲୁଚି ଯାଇଥିବା ଏହି କୋଠାର ପୁନରୁଦ୍ଧାର ଚାଲିଥିବା ନେଇ ପ୍ରଚାରିତ ହେବା ପରେ ବିଭିନ୍ନ ପାଇକ ସଙ୍ଗଠନ ମଧ୍ୟରେ ଆନନ୍ଦ ଖେଳିଯାଇଥିଲା। ତେବେ କୋଠା ମରାମତି ପରେ ପୁଣି ଥରେ ଏଠାରେ ତାଲା ଝୁଲିଲା। ପାଇକ ସଙ୍ଗଠନମାନଙ୍କ ଆଶା ମଉଳିଗଲା।

# ଅବହେଳିତ ଶହୀଦ ସ୍ମୃତିସ୍ତମ୍ଭ

ଖୋର୍ଦ୍ଧା,୨୮।୭(ପ୍ରଭାତ ପାଣିଗ୍ରାହୀ)



ସ୍ୱାଧୀନତା ଆନ୍ଦୋଳନରେ ଶହୀଦ ହୋଇଥିବା ସଂଗ୍ରାମୀଙ୍କ ସମ୍ମାନ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲା ସଂସ୍କୃତି ଭବନ ପରିସରରେ ଶହୀଦ ସ୍ମୃତିସ୍ତମ୍ଭ ପ୍ରତିଷ୍ଠା ହୋଇଥିଲା। ୨୦୧୧ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସ୍ମୃତିସ୍ତମ୍ଭକୁ ଉଦ୍‌ଘାଟନ କରିଥିଲେ। ତେବେ ଏହି ସ୍ମୃତିସ୍ତମ୍ଭ ଗତ କିଛିବର୍ଷ ହେବ ଅବହେଳିତ ଅବସ୍ଥାରେ ରହିଥିବାରୁ ଏହାର ଚାରିପଟେ ଗଛଲତା ମାଡ଼ିଗଲାଣି। ସ୍ତମ୍ଭରେ ଫାଟ ସୃଷ୍ଟି ହେବା ସହିତ ଫଳକ ଭାଙ୍ଗିଗଲାଣି। ଏହି ସ୍ତମ୍ଭ ନିର୍ମାଣ ବେଳେ ଦେଶମାତୃକା ପାଇଁ ଜୀବନକୁ ବଳି ଦେଇ ଶହୀଦ ହୋଇଥିବା ବୀରପୁରୁଷଙ୍କ ନାମଫଳକ ଲଗାଇବା ନିମନ୍ତେ ସ୍ଥିର ହୋଇଥିଲା। ତାହା ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସ୍ତମ୍ଭ ସ୍ମାରକୀ ଚାରିପଟେ ଅନାବନା ଗଛଲତା ସହ ଉପର ଭାଗରେ ବରଗଛ ଉଠିଲାଣି। ଏହା ଭଗ୍ନ ଅବସ୍ଥାରେ ରହିଛି। ସ୍ତମ୍ଭର ଚାରିପଟେ ବୀରତ୍ୱ ଚିହ୍ନ ସ୍ୱରୂପ ପାଇକ ବୀରଙ୍କ ଯୋଦ୍ଧା ବେଶ ଚିତ୍ରିତ ହୋଇଥିବାବେଳେ ଏହା ଏବେ ନଷ୍ଟ ହେବାକୁ ବସିଛି। ଶହୀଦ ସ୍ତମ୍ଭର ପୁନରୁଦ୍ଧାର ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ତେବେ ଶହୀଦ ସ୍ତମ୍ଭର ପୁନରୁଦ୍ଧାର କିଏ କରିବ ଓ କେଉଁ ବିଭାଗ ଦ୍ୱାରା ଏହା ନିର୍ମାଣ ହୋଇଥିଲା ସେନେଇ ଜିଲା ପ୍ରଶାସନ ନିକଟରେ ଖବର ନ ଥିବା ବେଳେ କେହି ମୁହଁ ଖୋଲିବାକୁ ନାରାଜ। ସେହିପରି ବରୁଣେଇ ପାଦଦେଶରେ ମଧ ଅନୁରୂପ ଭାବେ ଶହୀଦ ସ୍ତମ୍ଭ ରହିଛି। ଏହାର ଚାରିପାଖ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଅଳିଆ ଆବର୍ଜନା ମଧ୍ୟରେ ଶହୀଦ ସ୍ତମ୍ଭ ଲୁଚିଯିବାକୁ ବସିଲାଣି। ସ୍ତମ୍ଭ ଉପରେ ମାଦକଦ୍ରବ୍ୟ ପଡି ରହୁଥିବା ଦେଖିବାକୁ ମିଳିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା ଭଗ୍ନ ଅବସ୍ଥାକୁ ଚାଲି ଆସିଲାଣି। ଏନେଇ କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ କହିଛନ୍ତି, ପୂଜ୍ୟପୂଜା ଏ ମାଟିର ସ୍ୱାଭିମାନ। ଶହୀଦମାନେ ଦେଶର ଗର୍ବ ଓ ଗୌରବ। ଦେଶ ସ୍ୱାଧୀନତା ପଛରେ ଏମାନଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ସ୍ୱାଧୀନତା ସଂଗ୍ରାମରେ ଯାଶ ଦେଇ ଶହୀଦ ହୋଇଥିବା ସଂଗ୍ରାମୀଙ୍କ ଫଳକଟିଏ ମଧ ଶହୀଦ ସ୍ତମ୍ଭ ନିକଟରେ ଲାଗିପାରିଲା ନାହିଁ। ଏହା ଦୁଃଖର ବିଷୟ। ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଆଗାମୀ ପିଢ଼ିଙ୍କ ପାଇଁ ଶହୀଦ ସ୍ତମ୍ଭର ସୌନ୍ଦର୍ଯ୍ୟକରଣ ଏବଂ ପୁନରୁଦ୍ଧାର ଜରୁରୀ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୭୫ ୟୁନିଟ୍ ରକ୍ତ ସଂଗ୍ରହ

ବାଲୁଗାଁ,୨୮।୭(ସଂଗ୍ରାମ ପାଇକରାୟ): ବାଲୁଗାଁ ଅଶୋକ ନଗରସ୍ଥିତ ଉମା ମହେଶ୍ୱର ବଣିକ ସଂଘ ଗୃହଠାରେ ବାଣପୁର-ବାଲୁଗାଁ ରୋଟାରୀ କ୍ଲବ ଏବଂ ତାଲୁକ ଆଇନ ସେବା କମିଟି ବାଣପୁର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ତାଲୁକ ଆଇନ ସେବା କମିଟିର ଅଧକ୍ଷ ତଥା ବାଣପୁର କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହିତ ରକ୍ତଦାନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଓଡିଶା ରକ୍ତଦାନ କେନ୍ଦ୍ର ଖୋର୍ଦ୍ଧା ଟିମ୍ ଦ୍ୱାରା ମୋଟ ୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବାଣପୁର ବାର୍ କାଉନସିଲ ସଦସ୍ୟ, ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ଏନ୍‌ସିସି କ୍ୟାଡର, ଏକତା ପରିଷଦ ସଦସ୍ୟ, ରୋଟାରିଆନ ସଦସ୍ୟ, ବାଲୁଗାଁ-ବାଣପୁର ଅଞ୍ଚଳର ବୁଦ୍ଧିଜୀବୀ ଯୋଗଦେଇ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ରୋଟାରୀ କ୍ଲବ ସଭାପତି ଶ୍ୟାମସୁନ୍ଦର ପୃଷ୍ଟି, ସମ୍ପାଦକ ଅଶୋକ କୁମାର ନାୟକ, ରୋଟାରିଆନ ତଥା ବରିଷ୍ଠ ଓକିଲ ବିପ୍ଳବ କୁମାର ମୁଦୁଲି, ଆଇନଜୀବୀ ରଞ୍ଜନ କୁମାର ବେଦମତା, ରାମଚନ୍ଦ୍ର ପଲାଇ, ସୁକାନ୍ତ ପ୍ରଧାନଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ଜଟଣୀ,୨୮।୭(ରବୀନ୍ଦ୍ରନାଥ ମହାକୁଡ଼): ସାମାଜିକ ଅନୁଷ୍ଠାନ ଅନ୍ୱେଷଣ ସେବାଶ୍ରମ ପକ୍ଷରୁ ରବିବାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଟଣୀ ବ୍ଲକ ଗଙ୍ଗପଡ଼ା ପଞ୍ଚାୟତ ଗ୍ରାମ ରାସ୍ତାକୁ ଅନୁଷ୍ଠାନର ସଭ୍ୟମାନେ ସଫା କରିଥିଲେ। ରାସ୍ତା ଉପରକୁ ଗଛଲତା ମାଡ଼ିଯାଇ ସଙ୍କୁଚିତ ହୋଇରହିଥିଲା। ଅନୁଷ୍ଠାନର କିଶାନ ସାହୁ, ମିକନ ମହାରଣା, ମାନସ ସାହୁଙ୍କ ନେତୃତ୍ୱରେ ଏହି ସଫେଇ କାର୍ଯ୍ୟ ହୋଇଥିବା ବେଳେ ସଦସ୍ୟମାନେ ସହଯୋଗ କରିଥିଲେ।

# ଡ୍ରେନେଜ୍ ସୁବିଧା ନାହିଁ, ରାସ୍ତାରେ ଜମୁଛି ବର୍ଷାପାଣି



ବେଗୁନିଆ,୨୮।୭(ସନ୍ଧ୍ୟାରାଣୀ ମିଶ୍ର)

ଡ୍ରେନେଜ୍ ସୁବିଧା ନ ଥିବାରୁ ବେଗୁନିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ଗ୍ରାମଗୁଡ଼ିକର ରାସ୍ତାରେ ବର୍ଷାପାଣି ଜମି ରହୁଛି। ଫଳରେ ସ୍ଥାନୀୟ ବାସିନ୍ଦା ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ଜମି ରହିବାରୁ ଦୁର୍ଗନ୍ଧ ହେବା ସହିତ ମଶା ଓ ମାଛିଙ୍କ ବଂଶ ବୃଦ୍ଧି ପାଉଛି। ପାଣି ନିଷ୍କାସନ ପାଇଁ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ରାସ୍ତାରେ ବର୍ଷା ପାଣି ଜମି ରହି କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା କରାଯିବାକୁ ଅଞ୍ଚଳର ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

# ଗାଡ଼ି ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ଟାଙ୍ଗୀ,୨୮।୭(ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ବାଇପାସ ନଛିପୁର ଛକ ନିକଟରେ ଗାଡ଼ି ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲା ଖଲିକୋଟ ଅଞ୍ଚଳର ରବୀନ୍ଦ୍ର କୁମାର ସେଠୀ (୪୫)। ସୂଚନା ମୁତାବକ, ଗ୍ରାମରୁ ରବୀନ୍ଦ୍ର ସ୍କୁଟିରେ କଟକ ଅଭିମୁଖେ ଯାଉଥିବା ବେଳେ ନଛିପୁର ଛକ ନିକଟରେ ପଛପଟୁ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳର ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

କଳାପଥର,୨୮।୭(ଗଙ୍ଗାଧର ସାହୁ)

ଆଦର୍ଶ ଯୁବପରିଷଦ ଆନୁକୂଲ୍ୟରେ ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦାଠାରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି କୌଶିକ ନାୟକ ସଭାପତିତ୍ୱ କରିଥିଲେ। ଆଦର୍ଶ ଯୁବପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାରାରୋପଣ ଓ ପରିବେଶ ସୁରକ୍ଷା ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପ୍ରକୃତିବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା, ଆମ ପରିବାର ଚକ୍ର ପ୍ରତିଷ୍ଠାତା କୁମାର ଅମୀୟ, ଅମୂଲ୍ୟବାଳା ପଟ୍ଟନାୟକ, ଡା.ଜଗଦୀଶ ପଣ୍ଡା, ବିଦ୍ୟୁତଲତା ଭୂୟାଁ, ବଂଶୀଧର ମହାପାତ୍ର, ପ୍ରଦୀପ ଜେନା, କବି ବିପ୍ଳବ, ବଳରାମ ପାଇକରାୟ, ସୁନିତା ମହାପାତ୍ର, ମୁକ୍ତି ପ୍ରଭା ଆଚାର୍ଯ୍ୟ, ଶଶିଭୂଷଣ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଲଲାଟେନ୍ଦୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ୧୭ତମ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ

ଜଟଣୀ,୨୮।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀର ଅଗ୍ରୱାଲା ଧର୍ମଶାଳା ପରିସରରେ ରବିବାର ପାଣ୍ଡବ ଜେନା ଫାଉଣ୍ଡେଶନ ଏବଂ ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ ୧୭ତମ ମେଧାବୀ ଅଭିନନ୍ଦନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର ସଭାପତିତ୍ୱ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଲଳିତେନ୍ଦୁ ମହାନ୍ତି, ସମ୍ମାନିତ ଅତିଥି ସ୍ୱୟଂ ସେବକ ସଂଘ ଖୋର୍ଦ୍ଧା ଜିଲା ସଂଘଚାଳକ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ପାଣ୍ଡବ ଜେନା ଫାଉଣ୍ଡେଶନ ଅଧକ୍ଷ ଡ.ସନ୍ତୋଷ ଜେନା କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଟଣୀ ନିର୍ବାଚନ ମଣ୍ଡଳୀର ସମସ୍ତ ଉଚ୍ଚ ବିଦ୍ୟାଳୟରୁ ୨୦୨୪ରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରତିବର୍ଷ ଭଳି ମେଧାବୀ ଅଭିନନ୍ଦନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୋଟ୍ ୧୪୨ କୃତୀ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଟଣୀ ବ୍ଲକର ୬୨ଜଣ, ଜଟଣୀ ପୌରାଞ୍ଚଳର ୨୮ ଜଣ, ଖୋର୍ଦ୍ଧା ବ୍ଲକର ୨୮ଜଣ ଏବଂ ଭୁବନେଶ୍ୱର ବ୍ଲକର ୨୪ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପାଠ୍ୟଉପକରଣ ପ୍ରଦାନ କରାଯାଇଥିବା ବେଳେ କେତେଜଣ ବିଦ୍ୟାର୍ଥୀଙ୍କୁ ସାଇକେଲ ପ୍ରଦାନ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ରତ୍ନପ୍ରଭା ମାଟ୍ରିକ ମେଧା ସମ୍ମାନ

କଳାପଥର,୨୮।୭(ଗଙ୍ଗାଧର ସାହୁ)

ରତ୍ନପ୍ରଭା ପୂଜ୍ୟପୂଜା ସଂସଦ ପକ୍ଷରୁ ମାଟ୍ରିକ ମେଧା ସମ୍ମାନ-୨୦୨୪ ଧଳାପଥର କଳାପଥର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରତ୍ନାକର ମହାପାତ୍ରଙ୍କ ସଭାପତିତ୍ୱରେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦାଶ, ଶିକ୍ଷକ ମଧୁସୂଦନ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ୨୦୨୪ ମାଟ୍ରିକ ପରୀକ୍ଷାରେ ଉତ୍ତମ ନମ୍ବର ରଖିଥିବା ଛାତ୍ରୀ ରୋଜାଲିନ ସାହୁ, ଶ୍ରୁତି ପାଣିଗ୍ରାହୀ, ଅର୍ଚ୍ଚିତା ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ବୈଜୟନ୍ତି ପଣ୍ଡା, ପ୍ରଭାସ କୁମାର ଚୌଧୁରୀ ମାନପତ୍ର ପଠନ କରିଥିଲେ। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା, ଅମ୍ରିତା, ଶିକ୍ଷକ ଗୋପବନ୍ଧୁ, ରମେଶ ଚନ୍ଦ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦ ଧନ୍ୟବାଦ ଦେଇଥିଲେ। ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ରତ୍ନପ୍ରଭା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜେଲ ପରିସରରେ ଆଇନ ସଚେତନତା ଶିବିର

ଖୋର୍ଦ୍ଧା,୨୮।୭(ପ୍ରଭାତ ପାଣିଗ୍ରାହୀ)

ଖାର୍ଦ୍ଧା ଜିଲା ଜେଲ ପରିସରରେ ତାଲୁକ ଆଇନସେବା ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପରିବାରର ଅଦାଲତ ଜଜ୍ ରାଜେଶ କୁମାର ନାୟାର ଉଦ୍‌ଘାଟନ କରିଥିଲେ। ତାଲୁକ ଆଇନସେବା ସମ୍ପାଦକ ବସନ୍ତ କୁମାର ଶତପଥୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ମଞ୍ଜୁଲତା ଲେଙ୍କା, ସିଜିଏମ୍ ଶରତ କୁମାର ଜେନା, ସିଭିଲ ଜଜ୍ ବରିଷ୍ଠ ରାଜେଶ ରୋଶନ ନନ୍ଦ, ଏସ୍‌ଡିଜେମ ପ୍ରତାପ ଚନ୍ଦ୍ର ପୃଷ୍ଟି, ପ୍ରୋବେସନ ଅଫିସର ମିସ ଦେବସ୍ମିତା, ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ବିଜୟ କୁମାର ସାମନ୍ତସିଂହାର, ପ୍ରିୟଦର୍ଶିନୀ ଚହଟରାୟ, ଶୁକ୍ରମ ସମ୍ପତି ଯୋଗଦେଇ ବିଚାରାଧୀନ ବନ୍ଦୀମାନଙ୍କ ଅଧିକାର ଓ ଦାୟିତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ବନ୍ଦୀମାନେ ମଧ ସେମାନଙ୍କ ଅଭିଯୋଗ ଏବଂ ଅସନ୍ତୋଷ ବିଚାରପତିଙ୍କ ନିକଟରେ ବ୍ୟକ୍ତ କରିଥିଲେ। ଶେଷରେ ଜେଲ ସୁପରିଣ୍ଟେଣ୍ଡେଣ୍ଟ ରାଜୀବ କୁମାର ଦାସ ଧନ୍ୟବାଦ ଦେଇଥିଲେ।




ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# ରାସ୍ତାରେ ଗର୍ତ୍ତ ଯୋଗୁ ଘଟୁଛି ଦୁର୍ଘଟଣା

ବୋଲଗଡ଼,୨୮।୭(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅନ୍ତର୍ଗତ ରାଜସୁନାଖଳା ଗଣେଶ ବଜାରର ପାନନଗର ଛକଠାରେ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାନବାହନ ଯାତାୟାତରେ ଅସୁବିଧା ହେବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଗର୍ତ୍ତ ସ୍ଥାନ ଗୁଡିକ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରୁଥିଲେ ମଧ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉନଥିବା ଅଭିଯୋଗ ହେଉଛି। ସୂଚନା ମୁତାବକ, ଏହି ବଜାର ଅଞ୍ଚଳ ଦେଇ ଯାଇଥିବା ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ପାନନଗର ଛକଠାରୁ ରଣପୁର ଚାନ୍ଦପୁରକୁ ପୂର୍ତ୍ତ ରାସ୍ତା ସଂଯୋଗ ହୋଇଛି। ଏହି ସଂଯୋଗ ସ୍ଥାନଟି ରାଜପଥ ପାର୍ଶରେ ଥିବା ଡ୍ରେନ ଉପରେ ରହିଥିବା ବେଳେ ଡ୍ରେନକୁ ଲାଗି ଜାତୀୟ ରାଜପଥ ପାର୍ଶ୍ୱଟି ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇ ବିପର୍ଯ୍ୟସ୍ତ ହୋଇପଡିଛି।



ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ।

ଏହି ସ୍ଥାନଟି ଉଭୟ ରାସ୍ତାର ସଂଯୋଗ ସ୍ଥଳ ହୋଇଥିବାରୁ ଏଠାରେ ଯାନବାହାନ ବୁଲିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛି। ସୂଚନାଥାଉ କି, ଗଣେଶ ବଜାର ଅଞ୍ଚଳ ପ୍ରତିଦିନ ଜନଗହଳି ରହୁଥିବା ବେଳେ ଏହି ସ୍ଥାନଟି ବଜାର ଅଞ୍ଚଳର ଏକ ପ୍ରମୁଖ ସ୍ଥାନ। ପ୍ରତ୍ୟହ ଏହି ଛକଦେଇ ଭାରିଯାନଠାରୁ ଆରମ୍ଭକରି ଦୁଇଚକିଆ ଯାନଗୁଡିକ ଯାତାୟାତ କରୁଥିବା ବେଳେ ଏଠାରେ ଟ୍ରାଫିକ ସମସ୍ୟା ଉପୁଜୁଛି। ବିଶେଷକରି ଏହି ଛକ ଦେଇ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜରୁରୀକାଳୀନ ସେବା ପାଇଁ ଯାତାୟାତ କରିବାକୁ ହୋଇଥାଏ। ଅନ୍ୟପକ୍ଷରେ ରାଜସୁନାଖଳା ତଥା ଆଖପାଖ ଅଞ୍ଚଳର ଜନସାଧାରଣ ଦୈନନ୍ଦିନ ଚଳପ୍ରଚଳ ଏବଂ ସାମଗ୍ରୀ ପାଇଁ ଏହି ଛକ ଦେଇ ଯାତାୟାତ କରିଥାନ୍ତି। ଏଭଳି ଗୁରୁତ୍ୱ ବହନ କରୁଥିବା ଛକ ରାସ୍ତାଟି ପ୍ରାୟ ଏକ ବର୍ଷ ଧରି ବିପର୍ଯ୍ୟସ୍ତ ହୋଇପଡ଼ିଥିଲେ ମଧ ଏହାର ମରାମତି ହେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

### ମହିଳା ଇନ୍ସପେକ୍ଟରଙ୍କ ଘରେ ଆଇପିଏସ୍ ଅଫିସରଙ୍କ ଗଣ୍ଡଗୋଳ

ଭୁବନେଶ୍ୱର,୨୮।୭(ସତ୍ୟଜିତ୍ ରାଉତ)

ମହିଳା ଇନ୍ସପେକ୍ଟର କ୍ୱାର୍ଟର୍ସରେ ଜଣେ ଆଇପିଏସ୍ ଅଫିସର ପଶି ଆକ୍ରମଣ କରିବା ସହ ଭଙ୍ଗାରୁଜା ଘଟଣାକୁ ନେଇ ପୋଲିସ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି)ଙ୍କ ନିକଟରେ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ରବିବାର ଅଭିଯୋଗ କରିଛନ୍ତି। କମିଶନ୍ ତଦନ୍ତ କରି ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଜୟନ୍ତ ଦାବି କରିଛନ୍ତି। ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଆହତ ହୋଇଥିବା ମହିଳା ଇନ୍ସପେକ୍ଟର ସ୍ୱାମୀଙ୍କ ଚିକିତ୍ସା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ୍ ଜବତ କରାଯାଉ। କ୍ୟାପିଟାଲ ଥାନା ପୋଲିସର ଆଇଆଇସି, ଜୋନ୍ ଏସିପି, ଭୁବନେଶ୍ୱର ଡିସିପି ଓ ଅଭିଯୁକ୍ତ ଆଇପିଏସ୍ ଅଫିସରଙ୍କ ସିଡିଆର୍ ଜବତ କରାଯାଉ। ଇନ୍ସପେକ୍ଟରଙ୍କ ବାସଭବନ, ତାଙ୍କ ସ୍ୱାମୀ ଚିକିତ୍ସିତ ହୋଇଥିବା ଘରୋଇ ହସ୍ପିଟାଲ ଓ କ୍ୟାପିଟାଲ ପୋଲିସ ଷ୍ଟେଶନର ସିସିଟିଭି ଜବତ କରାଯାଇ ଏନ୍ଏଚ୍ଆର୍ସିଙ୍କ କମିଟି ଦ୍ୱାରା ତଦନ୍ତ କରାଯାଉ ବୋଲି ଜୟନ୍ତ ଅଭିଯୋଗରେ ଦର୍ଶାଇଛନ୍ତି। ଶନିବାର ରାତିରେ ଏହି ଘଟଣା ଘଟିଥିଲା। ଆଇପିଏସ୍ ଅଫିସରଙ୍କ ଆକ୍ରମଣରେ ଇନ୍ସପେକ୍ଟରଙ୍କ ସ୍ୱାମୀ ଆହତ ହୋଇଥିଲେ। ଆକ୍ରମଣକାରୀ ଉଚ୍ଚ ଅଧିକାରୀ ହୋଇଥିବାରୁ ଥାନାରେ ଏତଲା ହୋଇ ନ ଥିବା ସୂଚନା ମିଳିଛି।

## ଜେଲ ପରିସରରେ ଆଇନ ସଚେତନତା ଶିବିର

ଖୋର୍ଦ୍ଧା,୨୮।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଜେଲ ପରିସରରେ ତାଲୁକ ଆଇନସେବା ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପରିବାରର ଅଦାଲତ ଜଜ୍ ରାଜେଶ କୁମାର ନାୟାର ଉଦ୍‌ଘାଟନ କରିଥିଲେ। ତାଲୁକ ଆଇନସେବା ସମ୍ପାଦକ ବସନ୍ତ କୁମାର ଶତପଥୀଙ୍କ ସହ ଉପଜିଲାପାଳ, ବିଚାରପତି, ଆଇନଜୀବୀ ପ୍ରମୁଖ ଯୋଗଦେଇଥିଲେ। ବନ୍ଦୀମାନେ ମଧ୍ୟ ସେମାନଙ୍କ ଅଭିଯୋଗ ଏବଂ ଅସନ୍ତୋଷ ବିଚାରପତିଙ୍କ ନିକଟରେ ବ୍ୟକ୍ତ କରିଥିଲେ। ଜେଲ ସୁପରିଣ୍ଟେଣ୍ଡେଣ୍ଟ ରାଜୀବ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ଅଣଜଙ୍ଗଲ ଜମିରେ ଗଛ ସୁରକ୍ଷା ଆଇନ ହେଉ

ଭୁବନେଶ୍ୱର, ୨୮।୭(ଅସମାପିକା ସାହୁ)

ଚଳିତ ମୌସୁମୀରେ ରାଜ୍ୟ ସରକାର ୫ କୋଟି ଚାରା ଲଗାଇବାକୁ ଯୋଜନା କରିଛନ୍ତି। ସେଥିରୁ ୨.୫ କୋଟି ଚାରା ଜଙ୍ଗଲ ଭିତରେ ଏବଂ ବାକି ଚାରାଗୁଡ଼ିକ ଅଣଜଙ୍ଗଲ ଜମିରେ ରୋପଣ କରାଯିବ। ତେବେ ଅଣଜଙ୍ଗଲ ଜମିରେ ଥିବା ଗଛଗୁଡ଼ିକର ସୁରକ୍ଷା ଦିଗରେ କୌଣସି ଆଇନ ନାହିଁ। ଫଳରେ ଲୋକେ ଗଛ କାଟି ନେବାକୁ ପଛାଉ ନାହାନ୍ତି। ଦିଲ୍ଲୀ, କେରଳ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଭଳି ରାଜ୍ୟରେ ଅଣଜଙ୍ଗଲ ଜମିରେ ଜଙ୍ଗଲ ସୁରକ୍ଷା ପାଇଁ ଗଛ ସୁରକ୍ଷା ଆଇନ ରହିଛି। ତେଣୁ ଓଡ଼ିଶାରେ ସେହିଭଳି ଆଇନ ପ୍ରଣୟନ କରାଯିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ବରିଷ୍ଠ ନାଗରିକ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏ ନେଇ ପରିଷଦ ସଦସ୍ୟମାନେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ଜଣାଇଛନ୍ତି। ସେହିଭଳି ରାଜଧାନୀବାସୀଙ୍କ ପାଇଁ 'ନଗର ବନ' ସୃଷ୍ଟି କରିବାକୁ ଦାବି ଜଣାଇବା ସହିତ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

### ରାଜଧାନୀବାସୀଙ୍କ ପାଇଁ 'ନଗର ବନ' ଦାବିକଲେ ବରିଷ୍ଠ ନାଗରିକ ବିକାଶ ପରିଷଦ

ଦାବିପତ୍ରରେ ପରିଷଦ ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ, ଭରତପୁର ସଂରକ୍ଷିତ ଜଙ୍ଗଲ ଭୁବନେଶ୍ୱର ସହର ଉପକଣ୍ଠରେ ରହିଛି। ଏହାସତ୍ତ୍ୱେ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ରାଜଧାନୀବାସୀଙ୍କୁ ତାତିରୁ ନିସ୍ତାର ମିଳିପାରୁନାହିଁ। ଖରାଦିନେ ସହରବାସୀ ପ୍ରଚଣ୍ଡ ଗରମରେ ଆଉଟୁପାଉଟୁ ହେଉଛନ୍ତି। ଏହି ସମସ୍ୟାରୁ ରାଜଧାନୀବାସୀଙ୍କୁ ରକ୍ଷା କରିବା ସହ ଜଳବାୟୁ ପରିବର୍ତ୍ତନଜନିତ ସ୍ଥିତିର ମୁକାବିଲା ପାଇଁ ସହର ମଧ୍ୟରେ ଅଧିକ ସଂଖ୍ୟାରେ 'ନଗର ବନ'ର ଆବଶ୍ୟକ ରହିଛି। ୫୦ କିଲୋମିଟର ପରିଧି ମଧ୍ୟରେ ଅତି କମ୍‌ରେ ୫ ଏକର ପରିମିତ ଜମିରେ ଗୋଟିଏ ଗୋଟିଏ ନଗର ବନ ସୃଷ୍ଟି କରାଯାଉ। ଏହାଦ୍ୱାରା ରାଜଧାନୀରେ ଦିନକୁ ଦିନ ବଢୁଥିବା ତାତିକୁ ରୋକାଯାଇ ପାରିବ ବୋଲି ପରିଷଦର ସଦସ୍ୟମାନେ ମତପ୍ରକାଶ କରିଛନ୍ତି। ଚଳିତବର୍ଷ ବନୀକରଣ ସମୟରେ ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି) ପକ୍ଷରୁ ନୀଳାଦ୍ରିବିହାରର ଯେଉଁସବୁ ସ୍ଥାନରୁ କୋଠା ପାଇଁ ଗଛ କଟାଯାଇଛି, ସେଠାରେ ପୁଣି ଥରେ ଗଛ ଲଗାଇବାକୁ ଦାବି କରାଯାଇଛି। ଏହାଛଡ଼ା ଭରତପୁର ଜଙ୍ଗଲରେ ବ୍ୟାପକ ବନୀକରଣ ସହିତ ଜଳାଶୟ ପୁନରୁଦ୍ଧାର କରିବା ପାଇଁ ପରିଷଦ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଫ୍ଏସ୍ ଅଫିସର ଅଜିତ ପଟ୍ଟନାୟକ, ବିଜୟ କୁମାର ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି।

## ହେପାଟାଇଟିସ୍ ଦୂରୀକରଣ ପାଇଁ ୱାକାଥନ୍




ଭୁବନେଶ୍ୱର, ୨୮।୭
(ଅନୁରାଧା ମହାରଣା)

### ଆପୋଲୋ ହସ୍ପିଟାଲ ପକ୍ଷରୁ ବିଶ୍ୱ ହେପାଟାଇଟିସ୍ ଦିବସ

ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ଆପୋଲୋ ହସ୍ପିଟାଲ ପକ୍ଷରୁ ରବିବାର ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷ ଦିବସର ଥିମ୍ 'ଏଲିମିନେଟ୍ ହେପାଟାଇଟିସ୍ ବା ହେପାଟାଇଟିସ୍ ଦୂରୀକରଣ' ରହିଥିବାବେଳେ ହସ୍ପିଟାଲ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଡାକ୍ତର, ରୋଗୀ, ହସ୍ପିଟାଲ କର୍ମଚାରୀଙ୍କୁ ନେଇ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ୱାକାଥନ୍‌ରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଅଭିନେତ୍ରୀ ଅନୁ ଚୌଧୁରୀ, ସେଞ୍ଚୁରିଆନ୍ ୟୁନିଭର୍ସିଟିର ସ୍କୁଲ ଅଫ୍ ପାରାମେଡିକ୍ସ ଆଣ୍ଡ୍ ଆଲାଏଡ୍ ହେଲ୍‌ଥ ସାଇନ୍ସର ଡିନ୍ ଏସ୍.କେ. ଝା ପ୍ରମୁଖ ଯୋଗଦେଇଥିଲେ।

ବିଶ୍ୱରେ ପ୍ରାୟ ୨୯୬ ମିଲିୟନ୍ ଲୋକ ହେପାଟାଇଟିସ୍-ବି'ରେ ପୀଡିତ ଥିବାବେଳେ ପ୍ରାୟ ୫୮ ମିଲିୟନ୍ ଲୋକ ହେପାଟାଇଟିସ୍-ସି'ରେ ଆକ୍ରାନ୍ତ। ଏ ସମ୍ପର୍କରେ ସୂଚନା ଦେଇ ଆପୋଲୋ ହସ୍ପିଟାଲର ସିଓଓ ଡା. ଆଲୋକ ଶ୍ରୀବାସ୍ତବ କହିଲେ, ଠିକ୍ ସମୟରେ ରୋଗ ଚିହ୍ନଟ ଦ୍ୱାରା ଏହାର ନିରାକରଣ ସହ ସଂକ୍ରମଣକୁ ରୋକାଯାଇପାରିବ। ଆପୋଲୋ ହସ୍ପିଟାଲ ହେପାଟାଇଟିସ୍ ମୁକ୍ତ ସମାଜ ପାଇଁ ପ୍ରୟାସ କରୁଥିବା ବରିଷ୍ଠ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ଡା. ସୁଶାନ୍ତ ସେଠୀ କହିଥିଲେ।

## ୧୭ତମ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ

ଜଟଣୀ,୨୮।୭(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀର ଅଗ୍ରୱାଲା ଧର୍ମଶାଳା ପରିସରରେ ରବିବାର ପାଣ୍ଡବ ଜେନା ଫାଉଣ୍ଡେଶନ ଏବଂ ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ ୧୭ତମ ମେଧାବୀ ଅଭିନନ୍ଦନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଶିକ୍ଷକ ତଥା ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର ସଭାପତିତ୍ୱ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଲଳିତେନ୍ଦୁ ମହାନ୍ତି, ସମ୍ମାନିତ ଅତିଥି ସ୍ୱୟଂ ସେବକ ସଂଘ ଖୋର୍ଦ୍ଧା ଜିଲା ସଂଘଚାଳକ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ଡ.ସନ୍ତୋଷ ଜେନା କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଟଣୀ ନିର୍ବାଚନ ମଣ୍ଡଳୀର ସମସ୍ତ ଉଚ୍ଚ ବିଦ୍ୟାଳୟରୁ ୨୦୨୪ରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ପ୍ରତିବର୍ଷ ଭଳି ମେଧାବୀ ଅଭିନନ୍ଦନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୋଟ୍ ୧୪୨ କୃତୀ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଟଣୀ ବ୍ଲକର ୬୨ଜଣ, ଜଟଣୀ ପୌରାଞ୍ଚଳର ୨୮ ଜଣ, ଖୋର୍ଦ୍ଧା ବ୍ଲକର ୨୮ଜଣ ଏବଂ ଭୁବନେଶ୍ୱର ବ୍ଲକର ୨୪ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପାଠ୍ୟଉପକରଣ ପ୍ରଦାନ କରାଯାଇଥିବା ବେଳେ କେତେଜଣ ବିଦ୍ୟାର୍ଥୀଙ୍କୁ ସାଇକେଲ ପ୍ରଦାନ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ହେପାଟାଇଟିସ୍ ସମ୍ପର୍କରେ ସଚେତନ କଲା ଆଇଜିକେସି ହସ୍ପିଟାଲ




ଆଇଜିକେସି ହସ୍ପିଟାଲରେ ଅନୁଷ୍ଠିତ ବିଶ୍ୱ ହେପାଟାଇଟିସ୍ ଦିବସ।

ଭୁବନେଶ୍ୱର, ୨୮।୭
(ଅନୁରାଧା ମହାରଣା)

ଭୁବନେଶ୍ୱର କଳିଙ୍ଗନଗରସ୍ଥିତ ଆଇଜିକେସି ମଲ୍‌ଟିସ୍ପେଶାଲିଟି ହସ୍ପିଟାଲ ପକ୍ଷରୁ ରବିବାର ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ ହୋଇଯାଇଛି। ସାଧାରଣ ଲୋକଙ୍କୁ ହେପାଟାଇଟିସ୍ ରୋଗ ସମ୍ପର୍କରେ ସଚେତନ କରାଯିବା ସହ ବିଭିନ୍ନ ପ୍ରକାର ହେପାଟାଇଟିସ୍‌ର କାରଣ, ଲକ୍ଷଣ ଓ ପ୍ରତିକାର ସମ୍ପର୍କରେ ଅବଗତ କରାଯାଇଥିଲା। ସକାଳେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏଥିରେ ହସ୍ପିଟାଲର ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀମାନେ ପ୍ଲାକାର୍ଡ ଧରି ସଚେତନତା ବାର୍ତ୍ତା ଦେଇଥିଲେ। ଏହାପରେ ହସ୍ପିଟାଲରେ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାଗଣାରେ ହେପାଟାଇଟିସ୍ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଜିକେସି ହସ୍ପିଟାଲର ପ୍ରବନ୍ଧ ନିର୍ଦ୍ଦେଶକ ଡାକ୍ତର ପିସି ଦଳେଇ, ଅଧ୍ୟକ୍ଷ ଡାକ୍ତର ସୁବୋଧ ଦାଶ, ନିର୍ଦ୍ଦେଶକ ଡାକ୍ତର ବୃନ୍ଦାବନ ନାହାକ, ଡାକ୍ତର ମନୋରଞ୍ଜନ ମହାପାତ୍ର, ଡିଏମ୍ଏସ୍ ଡାକ୍ତର ଅଭିଷେକ ବାରିକ, ପେଟ ଓ ଲିଭର ରୋଗ ବିଶେଷଜ୍ଞ ଡାକ୍ତର ଶିବବ୍ରତ ଧଳ ମହାପାତ୍ର, ଡାକ୍ତର, ରଜତ ଖଣ୍ଡେୱାଲ, ପ୍ରଶାସନ ଓ ଅର୍ଥ ବିଭାଗର ଏଜିଏମ୍ ସୁବ୍ରତ ଦାଶ, ଅପରେଶନ ଏଜିଏମ୍ କୈଳାସ ଚନ୍ଦ୍ର ଦଳେଇ, ମାର୍କେଟିଂ ମୁଖ୍ୟ ଅତୁଲ୍ୟ ରଥଙ୍କ ସମେତ ହସ୍ପିଟାଲର ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀ ଉପସ୍ଥିତ ଥିଲେ।

## '୨୪ ଘଣ୍ଟା କାମ କରୁଥିବା ଲିଭରର ଯତ୍ନ ଜରୁରୀ'

### ଗ୍ୟାଷ୍ଟ୍ରୋ ଆଣ୍ଡ୍ ଲିଭର କେୟାର ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ହେପାଟାଇଟିସ୍ ଦିବସ



କମିଶନରେଟ ପୋଲିସ ମୁଖ୍ୟାଳୟରେ ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ଭୁବନେଶ୍ୱର, ୨୮।୭(ଅସମାପିକା ସାହୁ)

ଗ୍ୟାଷ୍ଟ୍ରୋ ଆଣ୍ଡ୍ ଲିଭର କେୟାର ଫାଉଣ୍ଡେଶନ ପକ୍ଷରୁ ରବିବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ଯୋଗଦେଇଥିଲେ। ଡିସିପି ହେଡ୍ କ୍ୱାର୍ଟର ପ୍ରକାଶ ପାଲ, ଗ୍ୟାଷ୍ଟ୍ରୋ ଆଣ୍ଡ୍ ଲିଭର କେୟାର ଫାଉଣ୍ଡେଶନର ଟ୍ରଷ୍ଟି ତଥା ପେଟରୋଗ ବିଶେଷଜ୍ଞ ଡା. ମନୋଜ ସାହୁ ଏବଂ ଡା. ପୋଖରାଜ ସିଂ କାର୍ଯ୍ୟକ୍ରମରେ ଯୋଗଦେଇ ହେପାଟାଇଟିସ୍ ସମ୍ପର୍କରେ କହିଥିଲେ। ଦୈନନ୍ଦିନ ଜୀବନଧାରାରେ ଲିଭର ରୋଗରୁ ସୁରକ୍ଷିତ ରହିବାର ବିଭିନ୍ନ ପ୍ରକ୍ରିୟା ସମ୍ପର୍କରେ ଡା. ସାହୁ କହିବା ସହ କିପରି ପୋଲିସ ଭଳି ବ୍ୟସ୍ତବହୁଳ ଦିନଚର୍ଯ୍ୟା ଭିତରେ ଜଣେ ନିଜ ଲିଭରର ସୁରକ୍ଷା କରିପାରିବେ ସେସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ, ମଣିଷ ଶରୀରରେ ଗୋଟିଏ ଲିଭର ଦିନରାତି ୨୪ଘଣ୍ଟା ଅନବରତ କାମ କରିଚାଲିଛି। ବିନା କୌଣସି ବିଶ୍ରାମରେ ଅହରହ ଖଟୁଥିବା ଏହି ଯନ୍ତ୍ରଟିର ଠିକ ଯତ୍ନ ନିଆ ନ ଗଲେ, ଠିକଣା ବେଳରେ ଆମ ଶରୀର ଅସୁସ୍ଥ ହୋଇଯାଏ। ଅନେକ ରୋଗ ଆମ ଭିତରକୁ ଚାଲିଆସେ ବୋଲି ଡା. ସାହୁ କହିଥିଲେ। ଏହି ଅବସରରେ ଡା. ସାହୁଙ୍କ ଟିମ୍ କମିଶନରେଟ ପୋଲିସ୍‌ର ୩୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କମିଶନରେଟ ପୋଲିସ ସହିତ ଦ୍ୱୈତ ନଗରୀରେ ଥିବା ବସ୍ତିବାସିନ୍ଦାମାନେ ହେପାଟାଇଟିସ୍ ମୁକ୍ତ ଜୀବନ ଜିଇଁବା ପାଇଁ ଫାଉଣ୍ଡେଶନ କାମ କରିବ। କମିଶନରେଟ ପୋଲିସ ଅଞ୍ଚଳରେ ରହୁଥିବା ଜନସାଧାରଣଙ୍କ ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଲିଭର ପରୀକ୍ଷା କରାଯିବ ବୋଲି ଡା. ସାହୁ କହିଛନ୍ତି।

# ଜାତୀୟ ଶିଶୁ ମହୋତ୍ସବରେ କୁନି ପିଲାଙ୍କ ପ୍ରତିଭା ପ୍ରଦର୍ଶନ

### ସାଇନି ମହାନ୍ତି ୨୦୨୫ର ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର,୨୮।୭
(ଶର୍ମିଷ୍ଠା ପାଣିଗ୍ରାହୀ)

ସାଂସ୍କୃତିକ ଅନୁଷ୍ଠାନ ସ୍ୱାଗତିକା ପକ୍ଷରୁ ୪୪ତମ ଜାତୀୟ ଶିଶୁ ମହୋତ୍ସବ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ ଥିଲା 'ୱିମେନ୍ସ ସ୍ପେଶାଲ-୨୦୨୪'। କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟରୁ ପିଲାମାନେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। କଳା, କବିତା ଆବୃତ୍ତି, ବକ୍ତୃତା, ଫ୍ୟାଶନ ଶୋ, ସଙ୍ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ଅଭିନେତ୍ରୀ ସୁଶ୍ରୀ ସାଇନି ମହାନ୍ତିଙ୍କୁ ଜାତୀୟ ଶିଶୁ ମହୋତ୍ସବ ୨୦୨୫ ପ୍ରସାର ନିମନ୍ତେ ବ୍ରାଣ୍ଡ ଆମ୍ବାସାଡାର ଭାବେ ନିଯୁକ୍ତି ଦିଆଯିବା ନେଇ ଘୋଷଣା କରାଯାଇଥିଲା। ଅନୁଷ୍ଠାନର ସଭାପତି ନମିତା ମଞ୍ଜରୀ ରାୟ, ଉପ ସଭାପତି ମାନସ କୁମାର କାନୁନ୍‌ଗୋ, ସାଧାରଣ ସମ୍ପାଦକ ଡ. ଅସିତ୍ କୁମାର ମହାନ୍ତି, ସାଂସ୍କୃତିକ ସମ୍ପାଦକ ରାମଚନ୍ଦ୍ର ମହାନ୍ତି, ସଙ୍ଗଠକ ଅଶୋକ କୁମାର ରାୟ, ଲିଙ୍ଗରାଜ ମହାନ୍ତି, ମୋତିଆଲୁ ଦଳାଇ, ଗୋପାଳ ଦଳାଇ, ଲେଖା ମହାନ୍ତି ଓ ଶିବାନୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜାତୀୟ ଶିଶୁ ମହୋତ୍ସବରେ ଯୋଗଦେଇଥିବା ଶିଶୁ ପ୍ରତିଭାମାନେ।

## ଗାଡ଼ି ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

ଟାଙ୍ଗୀ,୨୮।୭(ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ବାଇପାସ ନଛିପୁର ଛକ ନିକଟରେ ଗାଡ଼ି ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଞ୍ଜାମ ଜିଲା ଖଲିକୋଟ ଅଞ୍ଚଳର ରବୀନ୍ଦ୍ର କୁମାର ସେଠୀ(୪୫)। ସୂଚନା ମୁତାବକ, ଗ୍ରାମରୁ ରବୀନ୍ଦ୍ର ସ୍କୁଟିରେ କଟକ ଅଭିମୁଖେ ଯାଉଥିବା ବେଳେ ନଛିପୁର ଛକ ନିକଟରେ ପଛପଟୁ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଙ୍ଗୀ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।




ଗ୍ରୀନ୍ ୱାର୍ଲ୍ଡ ପକ୍ଷରୁ 'ମିଶନ୍ ଗ୍ରୀନ୍ ଡ୍ରାଇଭ୍-୨୦୨୪'ରେ ଭୁବନେଶ୍ୱରର ୱାର୍ଡ ନଂ. ୫୫ର ନାଗେଶ୍ୱର ଟାଙ୍ଗୀଠାରେ ରବିବାର ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମ।

## 'ଭୁବନେଶ୍ୱରବାସିନ୍ଦା ଗୋଟିଏ ଲେଖାଏ ଚାରା ଲଗାଇ ଯତ୍ନ ନିଅନ୍ତୁ'

### ଡିଷ୍ଟ୍ରିକ୍ଟ ସେଣ୍ଟରରେ ଚାରାରୋପଣ

ଭୁବନେଶ୍ୱର, ୨୮।୭ (ବନ୍ଦନା ସେଠୀ)

ଭୁବନେଶ୍ୱରରେ ପ୍ରଦୂଷଣ ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ସୁସ୍ଥ, ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ ପରିବେଶ ପାଇଁ ଅଧିକରୁ ଅଧିକ ଚାରା ରୋପଣର ଆବଶ୍ୟକତା ରହିଛି। ସବୁଜ ସୁନ୍ଦର ଭୁବନେଶ୍ୱର ଗଢିବା ପାଇଁ ସଂକଳ୍ପ ନେବାର ସମୟ ଆସିଛି। ତେଣୁ ଭୁବନେଶ୍ୱରର ସମସ୍ତ ବାସିନ୍ଦା ଗୋଟିଏ ଗୋଟିଏ ଚାରା ରୋପଣ କରି ଏହାର ଯତ୍ନ ନେବା ପାଇଁ ପୂର୍ବତନ ବିଧାୟକ ତଥା ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡିଷ୍ଟ୍ରିକ୍ଟ ସେଣ୍ଟରସ୍ଥିତ ମାରୁତି ଉଦ୍ୟାନ ଓ ଦୁର୍ଗାପୂଜା ମଣ୍ଡପ ପରିସରରେ ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରିୟଦର୍ଶୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶତାଧିକ ନିମ୍ବ, କଦମ୍ବ, ପିସ୍ତାବାଦାମ, ହରିଡା, ଆମ୍ବ, ପିଜୁଳି ଇତ୍ୟାଦି ଚାରା ରୋପଣ କରାଯାଇଥିଲା। ଏଥିସହ ଉପସ୍ଥିତ ସମସ୍ତ ବାସିନ୍ଦାଙ୍କୁ ଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆସୋସିଏଶନର ସାଧାରଣ ସମ୍ପାଦକ ସରୋଜ କାନ୍ତ ମଲ୍ଲିକ, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଚନ୍ଦ୍ରଶେଖରପୁର ମଣ୍ଡଳ ସଭାପତି ନଗେନ କୁମାର ବିଶୋଇ, କର୍ପୋରେଟର ଯଶୋଧାରା ପ୍ରଧାନ, ଅଧ୍ୟାପକ ସହଦେବ ମଲ୍ଲିକ, ବରିଷ୍ଠ ଭାଜପା ନେତା କ୍ଷୀରୋଦ ଜେନା, ବିରଞ୍ଚି ନାରାୟଣ ଷେଣ୍ଡ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ।



ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଚାରା ରୋପଣ କରୁଛନ୍ତି।

**ସଂକ୍ଷେପରେ**

## ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

ସାକ୍ଷୀଗୋପାଳ,୨୮।୭(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସତ୍ୟବାଦୀ ଥାନା ଅଞ୍ଚଳର ଜଣେ ୯ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଦାଶରଥି ମଲ୍ଲିକ। ଏନେଇ ପୋଲିସ ୨୧୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଆଇଆଇସି ଉମେଶ ସାହୁ କହିଛନ୍ତି। ସୂଚନା ମୁତାବକ, ନାବାଳିକା ଜଣଙ୍କ ତାଙ୍କ ସାନ ଭାଇ ସହ ଘର ପଛପଟେ ଖେଳୁଥିଲେ। ଏହି ସମୟରେ ଦାଶରଥି ନାବାଳିକାଙ୍କୁ ପାଖକୁ ଡାକି ଚକୋଲେଟ୍ ଦେଇ ପୋଖରୀ ହୁଡ଼ାକୁ ନେଇଯାଇଥିଲେ। ସେଠାରେ ଏକ ଗଛ ତଳେ ତାଙ୍କୁ ବଳାତ୍କାର କରିଥିଲେ। ନାବାଳିକାଙ୍କୁ ତାଙ୍କ ମା' ନ ପାଇବାରୁ ଖୋଜିଖୋଜି ଆସି ପୋଖରୀ କୂଳରେ ପହଞ୍ଚିଥିଲେ। ସେଠାରେ ତାଙ୍କ ଝିଅ କାନ୍ଦୁଥିବାର ଦେଖି ତାକୁ ଘରକୁ ଆଣି ପଚାରିବାରୁ ସେ ଅଭିଯୁକ୍ତଙ୍କ ନାମ ପ୍ରକାଶ କରି ଘଟଣା ସମ୍ପର୍କରେ କହିଥିଲା। ନାବାଳିକାଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ ଦାଶରଥିଙ୍କୁ ଗିରଫ କରିଥିଲା।

## ଗାଁଦାଣ୍ଡରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ

ବଳଙ୍ଗା,୨୮।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ମହମ ଗ୍ରାମରେ ଜଣେ ଯୁବକ ଗାଁଦାଣ୍ଡରେ ଉଲଗ୍ନ ଅବସ୍ଥାରେ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କଟୁରି ଧରି ଗୋଡ଼ାଇବା ଅଭିଯୋଗରେ ପୋଲିସ ଏକ ମାମଲା ରୁଜୁ କରି ଉକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗତ ଶୁକ୍ରବାର ଗାଁଦାଣ୍ଡରେ ସନ୍ତୋଷଙ୍କ ଏପରି ଉନ୍ମତ୍ତ କାଣ୍ଡ ବିଷୟରେ ଗ୍ରାମବାସୀ ତାଙ୍କ ବୋଉଙ୍କୁ କହିଥିଲେ। ଏଥିରେ ସନ୍ତୋଷ ଘରୁ ଏକ କଟୁରି ଆଣି ଗ୍ରାମବାସୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ହାଣିବାକୁ ଗୋଡ଼ାଇଥିଲେ। ଏଥିରେ ଗ୍ରାମବାସୀ ଭୟଭୀତ ହୋଇ ସେଠାରୁ ପଳାଇଥିଲେ। ଏନେଇ ଗ୍ରାମର ଜଣେ ମହିଳାଙ୍କ ଶନିବାର ଥାନାରେ ଅଭିଯୋଗ ପରେ ପୋଲିସ ସନ୍ତୋଷଙ୍କୁ ଅଟକ ରଖିଛି।

## ମେଡିକାଲରୁ ଚୋରି ଅଭିଯୋଗରେ ଯୁବକ ଗିରଫ

ନିମାପଡ଼ା,୨୮।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗାଧୁଆ ଘରେ ପଶି ଜଣେ ଯୁବକ ରବିବାର ଭୋର ସମୟରେ ଏକ ପାଣି ପମ୍ପ ମୋଟର, ୨ଟି ଟ୍ୟାପ ଚୋରି କରି ନେଇ ଖସି ପଳାଇବାବେଳେ ସିକ୍ୟୁରିଟି ଗାର୍ଡ ହାତରେ ଧରା ପଡ଼ିଛନ୍ତି। ଗାର୍ଡ ଦୀପ୍ତିରଞ୍ଜନ ପ୍ରଧାନ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ପୁରୀ ଅଳିଆଗଦା ସାହିର ଭିକି ମାଳି (୨୮)। ପୋଲିସ ଏ ସମ୍ପର୍କରେ ୨୩୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଭିକିଙ୍କଠାରୁ ପୋଲିସ ଚୋରି ସମାଗ୍ରୀ ପାଣି ପମ୍ପ ମୋଟର, ଟ୍ୟାପ ଆଦିକୁ ଜବତ କରିଛି।

## ସାକ୍ଷୀଗୋପାଳ ହାନା ଟାଏକୋଣ୍ଡୋ ଉପବିଜେତା

ସାକ୍ଷୀଗୋପାଳ,୨୮।୭(ଭରତ ରାଉତ)

ଚଳିତ ମାସ ୨୭ ଏବଂ ୨୮ ଦୁଇ ଦିନ ଧରି ପୁରୀର ଗରୁଡ଼ ଛକସ୍ଥିତ ରେଲ୍‌ୱେ କଲ୍ୟାଣ ମଣ୍ଡପଠାରେ ବ୍ୟୋମକେଶ ଟାଏକୋଣ୍ଡୋ ଏବଂ ଟାଏକୋଣ୍ଡୋ ଆସୋସିଏଶନ ଅଫ ପୁରୀ ମିଳିତ ଆନୁକୂଲ୍ୟରେ ପୁରୀ ଜିଲାସ୍ତରୀୟ ୧୭ତମ କିରୋଗୀ ଏବଂ ୯ତମ ପୁମ୍‌ସେ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାକ୍ଷୀଗୋପାଳସ୍ଥିତ ହାନା ଟାଏକୋଣ୍ଡୋ ଏକାଡେମୀ ଶନିବାର ପୁରୀ ଗସ୍ତ କରଥିଲେ। ହାନା ଟାଏକୋଣ୍ଡୋରୁ ୧୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରୁ ୯ ଜଣ ସ୍ୱର୍ଣ୍ଣ ପାଇଥିବାବେଳେ ୪ ଜଣ ରୌପ୍ୟ ଏବଂ ୩ ଜଣ କାଂସ୍ୟ ପଦକ ପାଇ ପୁମ୍‌ସେ ବିଭାଗରେ ଉପବିଜେତା ହେଇଛନ୍ତି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଆଥଲେଟିକ ସଂଘ କୋଷାଦକ୍ଷ ରବି ଶଙ୍କର ପ୍ରତିହାରୀ, ଜିଲା ସଂଘ ସଭାପତି ଧବଳେଶ ମହାପାତ୍ର, ଅଧ୍ୟକ୍ଷ ବ୍ୟୋମକେଶ ଅଭିଳାଷ ପ୍ରସାଦ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୧୧ଟି ଟ୍ରେନିଂ ସେଣ୍ଟରରୁ ପ୍ରାୟ ୩୦୦ ପ୍ରତିଯୋଗୀ ଉଭୟ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସଂଘ ପକ୍ଷରୁ ୧୬ ଜଣ ସିନିଅର ଜାତୀୟ ରେଫରି ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଏବଂ କୋଚ ଦୀପକ ପ୍ରଧାନଙ୍କୁ ରାଜ୍ୟ ସଂଘ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମୁନିନ୍ଦା– ନାଗଣ ନଦୀବନ୍ଧ ରାସ୍ତା ପାଲଟିଛି ମରଣଯନ୍ତା

ଡେଲାଙ୍ଗ,୨୮।୭(ରଶ୍ମିରଞ୍ଜନ ପ୍ରଧାନ)



ଡେଲାଙ୍ଗ ବ୍ଲକର ମୁନିନ୍ଦାଠାରୁ ନାଗଣ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। ଗମନାଗମନ ପଥକୁ ସୁଗମ କରିବାକୁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଏହି ରାସ୍ତାଟି ଦୃଷ୍ଟି ଆଢୁଆଳରେ ରହିଯାଇଛି। ମୁନିନ୍ଦା, ବଡ଼ ମୁନିନ୍ଦା, ଚାନ୍ଦୋଳ, ଧାନକେର, ନାଗଣ, ନଇକୂଳ ପାଟଣା ଦେଇ ରାସ୍ତାଟି ନୂଆ ଜଗନ୍ନାଥ ସଡ଼କରେ ମିଶିଥିବାବେଳେ ଅନ୍ୟପଟେ ଜଂଘାରଠାରୁ ମଧ୍ୟ କଣାସକୁ ସଂଯୋଗ କରୁଛି। ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବାବେଳେ ଯାତାୟାତ ପାଇଁ ଅନୁପଯୋଗୀ ହୋଇ ପଡ଼ିଛି। ତେବେ ସ୍ଥାନୀୟ ଅଞ୍ଚଳର ବଡ଼ମୁନିନ୍ଦା, ଜୁଇଲୁଣ୍ଡା, ସେବତୀପୁର, ଧାନକେରା, ନାନକେରା, ନଈକୂଳ ପାଟଣା, ଆରଦା, ନାଗଣ, ସରଧାପୁର ପ୍ରମୁଖ ଗ୍ରାମର ହଜାର ହଜାର ଲୋକେ ବଜାର ଘାଟ, ରେଳ ଷ୍ଟେଶନ, ବିଦ୍ୟାଳୟ, ମହାବିଦ୍ୟାଳୟ, ପିପିଲି, ପୁରୀ, ଭୁବନେଶ୍ୱର ପ୍ରଭୃତି ସ୍ଥାନକୁ ଯାତାୟାତ କରିବାକୁ ଏହି ସଡ଼କ ଉପରେ ନିର୍ଭର କରନ୍ତି। ରାସ୍ତାର ସେବତୀପୁରଠାରୁ ବାରପୋଲିଆ ସନ୍ନିକଟ ନଈକୂଳ ପାଟଣା ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୭କି.ମି. ରାସ୍ତା ଏକ ପ୍ରକାରର ନଷ୍ଟ ହୋଇଯାଇଛି। ଏହି ନଦୀବନ୍ଧ ରାସ୍ତାକୁ ମରାମତି କରିବାକୁ ଦୀର୍ଘ ଦିନ ହେଲା ଅଭିଯୋଗ କରିଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଲୁଣାନଦୀର ପୂର୍ବ ପାର୍ଶ୍ୱରେ ଥିବା ଏହି ରାସ୍ତାଟି ଜଳସେଚନ ବିଭାଗ ଅଧୀନରେ ରହିଛି। ତେବେ ରାସ୍ତାର ସେବତୀପୁର ପର୍ଯ୍ୟନ୍ତ ମୁନିନ୍ଦା ପଞ୍ଚାୟତ ଅଧୀନ ହୋଇଥିବାବେଳେ ଅବଶିଷ୍ଟ ରାସ୍ତା ଧାନକେରା ପଞ୍ଚାୟତ ଅଧୀନରେ ରହିଛି। ଜୁଇଲୁଣ୍ଡା ଗ୍ରାମର ଶେଷ ସୀମାରେ ଥିବା ଶ୍ମଶାନଠାରୁ ବାରପୋଲିଆ ସନ୍ନିକଟ ନଈକୂଳ ପାଟଣା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତା ମରାମତି କରିବାକୁ ବିଗତ ଦିନରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଡ୍ରେନେଜ ବିଭାଗ ପକ୍ଷରୁ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ବର୍ଷାଦିନ ଆରମ୍ଭ ହୋଇଥିବାବେଳେ ଲୁଣାନଦୀରେ ବନ୍ୟାଜଳ ପ୍ରବାହିତ କରିବ। ତେବେ ବନ୍ୟା ସମୟରେ ଯାତାୟାତ ପାଇଁ ଏହି ରାସ୍ତା ହିଁ ଲୋକଙ୍କ ସାହାଭରସା। ଏହି ରାସ୍ତାରେ ୪ ଚକିଆ ଯାନ ଯିବା ଦୂରର କଥା ପାଦରେ ଚାଲିଚାଲି

### ଲୋକେ ଗଡ଼ାଇ ଗଡ଼ାଇ ନେଉଛନ୍ତି ବାଇକ୍

ଯିବା ସମ୍ଭବ ହେଉନାହିଁ। ଅନ୍ୟପଟେ ୨ ଚକିଆ ଯାନ ନେଇ ଲୋକେ ଚାଲିଚାଲି ଯାଉଥିବାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀ ଏହି ରାସ୍ତାର ପୁନରୁଦ୍ଧାର ପାଇଁ କେବଳ ପ୍ରତିଶ୍ରୁତି ଦେଉଛନ୍ତି। ଏଭଳି ଅବସ୍ଥା ନେଇ ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ କରୁଣାକର ଲେଙ୍କାଙ୍କୁ ପଚାରିବାରେ, ସେ ଏଠାରେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ରାସ୍ତା ବିଷୟରେ ସେ ଅବଗତ ନ ଥିଲେ। ହେଲେ ଉକ୍ତ ରାସ୍ତାକୁ ଦେଖିବା ପରେ ସେ ଏହାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ରାସ୍ତା ଅବସ୍ଥାରେ ସୁଧାର ଆଣିବାକୁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିବା ସେ କହିଛନ୍ତି। ଏହା ସହିତ ରାସ୍ତା ନିର୍ମାଣ ନିମନ୍ତେ ୨ଟି ଟେଣ୍ଡର କରିବାକୁ ପ୍ରସ୍ତାବ ଦେଇଛନ୍ତି। ଲୋକେ ହଇରାଣ ହରକତ ହୋଇ ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ଦୃଶ୍ୟ ଦେଖିବା ସହିତ ନିଜେ ଏହି ରାସ୍ତାରେ ଯାଇ ରାସ୍ତାର ପରିସ୍ଥିତି ଅନୁଭବ କରିଥିବା ସେ ମତପ୍ରକାଶ କରିଛନ୍ତି।



ବ୍ୟୋମକେଶ ଟାଏକୋଣ୍ଡୋ ଏକାଡେମୀ ଓ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ପୁରୀ ମିଳିତ ଆନୁକୂଲ୍ୟରେ ଗରୁଡ଼ଛକସ୍ଥିତ ରେଲୱେ କଲ୍ୟାଣ ମଣ୍ଡପରେ ଆୟୋଜିତ ଜିଲାସ୍ତରୀୟ କିରୋଗୀ ଓ ପୁମ୍‌ସି ଟାଏକୋଣ୍ଡୋ ପ୍ରତିଯୋଗିତା।

## ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ

ପୁରୀ,୨୮।୭(ଅଜିତ୍ କୁମାର ମହାନ୍ତି)

ବ୍ୟୋମକେଶ ଟାଏକୋଣ୍ଡୋ ଏକାଡେମୀ ଓ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ପୁରୀ ମିଳିତ ଆନୁକୂଲ୍ୟରେ ଗରୁଡ଼ଛକସ୍ଥିତ ରେଲୱେ କଲ୍ୟାଣ ମଣ୍ଡପରେ ଆୟୋଜିତ ଦୁଇଦିନିଆ ଜିଲାସ୍ତରୀୟ ୧୭ତମ କିରୋଗୀ ଓ ୯ତମ ପୁମ୍‌ସି ଟାଏକୋଣ୍ଡୋ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ କିରୋଗୀ ଇଭେଣ୍ଟରେ ଶ୍ରୀକ୍ଷେତ୍ର ଟାଏକୋଣ୍ଡୋ ସ୍କୁଲ ଚାମ୍ପିୟନ ଟ୍ରଫି ଓ ଶ୍ରୀକ୍ଷେତ୍ର ଟାଏକୋଣ୍ଡୋ ସ୍କୁଲ ଉପବିଜେତା ଟ୍ରଫି ଏବଂ ପୁମ୍‌ସି ଇଭେଣ୍ଟରେ ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀ ଚାମ୍ପିୟନ ଓ ହନନା ଟାଏକୋଣ୍ଡୋ ଏକାଡେମୀ ଉପବିଜେତା ଟ୍ରଫି ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ପୁରୀ ଜିଲାରୁ ୧୧ ଟ୍ରେନିଂ ସେଣ୍ଟରରୁ ୩୦୦ଜଣ ପ୍ରତିଯୋଗୀ ଉଭୟ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଟାଏକୋଣ୍ଡୋ ସଂଘ ସଭାପତି ବ୍ୟୋମକେଶ ଅଭିଳାଷ ପ୍ରସାଦ ବିଜେତା ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଜିଲା ସଂଘ ସମ୍ପାଦକ ମନମୋହନ ଭଞ୍ଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀ ଏବଂ ଅଫିସିଆଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅମରେଶ୍ୱର ଗୋତୀର୍ଥରୁ ଉଠିଲା ଶ୍ରାବଣୀ ପାଣି ଭାର



ଚାରିଛକ,୨୮।୭(ଶିଶିର ସ୍ୱାଇଁ)

ଚାରିଛକ ଥାନା ତୁଳସୀପୁର ପଞ୍ଚାୟତ ଅଗର ଶାସନ ବହୁ ପୁରାତନ ପ୍ରାଚୀକୂଳସ୍ଥ ପ୍ରସିଦ୍ଧ ଗୋତୀର୍ଥ ପୀଠରୁ ଶ୍ରାବଣ ମାସର ଦ୍ୱିତୀୟ ପାଳିରେ କଟକ ଓ ପୁରୀ ଜିଲାରୁ ହଜାର ହଜାର ସଂଖ୍ୟାରେ ଶିବ ଭକ୍ତମାନେ ଆସି ପାଣି ଭାର ନେଇଛନ୍ତି। ଏହି ପୀଠଟି ଗଙ୍ଗାଠାରୁ ସହସ୍ର ବର୍ଷ ବଡ଼ ବୋଲି ପ୍ରାଚୀ ପୁରାଣରେ ବର୍ଣ୍ଣନା ଥିବା ବୁଦ୍ଧିଜୀବୀ କହିଛନ୍ତି। ଫଳରେ ଏହି ପୀଠରେ ପ୍ରତିବର୍ଷ ବିଭିନ୍ନ ପ୍ରକାର ପିତୃ ପୁରୁଷଙ୍କ ପିଣ୍ଡ ପକାଇବା ସହ ଅସ୍ଥି ବିସର୍ଜନ କରିଥାନ୍ତି। ପ୍ରାଚୀ ସରସ୍ୱତୀ ଗଙ୍ଗା ନଦୀ ବୋଲି ବିଶ୍ୱାସ ଥିବାରୁ ଏହି ପୀଠରୁ ଶ୍ରାବଣ ମାସରେ କାଉରିଆମାନେ ଶ୍ରାବଣୀ ପାଣି ଭାର ନେଇଥାନ୍ତି। ଏହି ପୀଠରୁ ପାଣି ଭାର ନେଇ ପୁରୀ ଲୋକନାଥ, ପ୍ରସିଦ୍ଧ ବାଲିକପିଳେଶ୍ୱର ସହିତ ନିଜ ଅଞ୍ଚଳରେ ଥିବା ଶୈବପୀଠକୁ କାଉଡିଆମାନେ ପାଣି ଭାର ନେଇଥିଲେ। ଏହି ଗୋତୀର୍ଥ ପୀଠରେ ବୋଲବମ ଓଁ ନମଃ ଶିବାୟ ଧ୍ୱନି ସହିତ ବିଭିନ୍ନ ପ୍ରକାର ଆଧୁନିକ ବାଦ୍ୟଯନ୍ତ୍ରରେ କମ୍ପି ଉଠିଥିଲା।

## ମୃତ ଦର୍ଶାଯାଇଥିବା ଜଟାଧାରୀଙ୍କୁ ଖୁବ୍‌ଶୀଘ୍ର ମିଳିବ ଭତ୍ତା ଟଙ୍କା

ଗୋପ,୨୮।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ ବନ୍ତଲିଗ୍ରାମ ପଞ୍ଚାୟତ ଅଧୀନ ବନ୍ତଲିଗାଁ ଗ୍ରାମର ମୃତ୍ୟୁ ଦର୍ଶାଯାଇଥିବା ଜଟାଧାରୀ ସାହୁଙ୍କୁ ଭତ୍ତା ଟଙ୍କା ମିଳିବ। ଏନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମମତା କୁମାରୀ ଜେନା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗ୍ରାମରେ ୩ ଜଣ ଜଟାଧାରୀ ସାହୁ ନାମରେ ଲୋକ ଥିବାବେଳେ ୨ ଜଣ ଇନ୍ଦିରା ଗାନ୍ଧୀ ଜାତୀୟ ଯୋଜନାରେ ଭତ୍ତା ଟଙ୍କା ପାଉଥିଲେ। ଗତ ଫେବ୍ରୁଆରୀରେ ଭତ୍ତା ଟଙ୍କା ବଣ୍ଟନ ସମୟରେ ୮୦ ବର୍ଷୀୟା ଜଟାଧାରୀ ସାହୁ ଅନୁପସ୍ଥିତ ରହିବା ଓ କ୍ରମାଗତ ଭାବେ ଦୀର୍ଘ ୪ ମାସ ଧରି ଭତ୍ତା ଟଙ୍କା ନ ନେବାରୁ ଏପରି ସମସ୍ୟା ଦେଖା ଦେଇଥିଲା। ସରପଞ୍ଚ ଏ ସମ୍ପର୍କରେ ମଧ୍ୟ ଠିକ୍ ସୂଚନା ଦେଇ ନ ଥିବାରୁ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ଦିଆଯାଇ ନ ଥିଲା। କ୍ରମାଗତ ବୃଦ୍ଧ ଜଟାଧାରୀ ଅନୁପସ୍ଥିତ ରହିବା ଏହି ଭତ୍ତା ଯୋଜନାର ଅର୍ଥ କେନ୍ଦ୍ର ଯୋଜନା ହୋଇଥିବାରୁ ସିଧାସଳଖ ଦିଲ୍ଲୀରୁ ହିତାଧିକାରୀଙ୍କ ଜମାଖାତାକୁ ଆସୁଥିବାରୁ ହିତାଧିକାରୀ ଭତ୍ତା ଟଙ୍କା ପାଇପାରି ନାହାନ୍ତି। ଏ ସମ୍ପର୍କରେ ଅବଗତ ହେବା ପରେ ଖୁବ୍‌ଶୀଘ୍ର ବୃଦ୍ଧ ଜଟାଧାରୀ ସାହୁଙ୍କୁ ଭତ୍ତା ମିଳିବ ବୋଲି ଜଣାପଡ଼ିଛି। ଭୁଲବଶତଃ ଜଟାଧାରୀ ସାହୁଙ୍କୁ ମୃତ୍ୟୁ ଦର୍ଶାଯାଇଥିବା ୨ ଜଣ ଗୋଟିଏ ନାମ ଧାରୀ ରହିଥିବାରୁ ଏପରି ହୋଇଥିବା ଜଣାପଡ଼ିଥିବାବେଳେ ତାଙ୍କ ଜମା ଖାତାକୁ ଭତ୍ତା ଟଙ୍କା ଆସିବ ବୋଲି ସୂଚନା ମିଳିଛି।

## ନୟାହାଟ ଶିଖର ଘାଟ ରାସ୍ତା ଶୋଚନୀୟ

ଯୋଗେଶ୍ୱରପୁର,୨୮।୭(ରଶ୍ମିରଞ୍ଜନ ସାହୁ)



ଗୋପ ଗ୍ରାମଉନ୍ନୟନ ଅଧୀନରେ ଥିବା ନୟାହାଟ ଶିଖର ଘାଟ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ଉକ୍ତ ରାସ୍ତା ଉପରେ ଦୈନିକ ଭାରି ଯାନ ଚଳାଚଳ କରୁଥିବାରୁ ରାସ୍ତା ଭାରଡାପାଠଣା, ନରସିଂହପୁର, ମଳିକଶାଇ, ନୂଆବେଡେଣ୍ଡା, ଧୂମାଳ ଗଳି ରାସ୍ତା ଉପରେ ପାଣି ଜମିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଶିଖର ଘାଟରୁ ଡମ୍ପର ଶତାଧିକ ପରିମାଣରେ ଯାତାୟାତ କରିବା ଫଳରେ ରାସ୍ତା ୨ ମାସ ଭିତରେ ନଷ୍ଟ ହୋଇ ବଡ଼ ବଡ଼ ଖାଲ ମାନ ସୃଷ୍ଟି ହୋଇ ବର୍ଷା ଜଳ ଜମୁଛି। ସେହି ଖାଲରେ ପଡ଼ି ବାଇକ୍ ଚାଳକ, ସାଇକେଲ ଚାଳକ ଓ ପଥଚାରୀମାନେ ଆହାତ ହେଉଛନ୍ତି। ଏ ସମ୍ପର୍କରେ କୋଣାର୍କ ଗ୍ରାମ ଉନ୍ନୟନ ଯନ୍ତ୍ରୀ ନବଘନ ବେହେରାଙ୍କୁ ପଚାରିବାରୁ, ବର୍ଷା ଦିନ ଗଲା ପରେ ରାସ୍ତା କାମ ହେବ ବୋଲି ସେ କହିଥିଲେ।

## ବାଲି ବଦଳରେ ବ୍ୟବହାର ହେଉଛି ମାଟି

ଯୋଗେଶ୍ୱରପୁର,୨୮।୭(ରଶ୍ମିରଞ୍ଜନ ସାହୁ)

ପାଣିଛତ୍ରରୁ ସୁହାଣପୁର ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ୧ କୋଟି ଟଙ୍କା ବ୍ୟୟରେ ପ୍ରଧାନମନ୍ତ୍ରୀ ରାସ୍ତା କାର୍ଯ୍ୟ ଚାଲିଛି। ହେଲେ ରାସ୍ତା କାର୍ଯ୍ୟ ନ ସାରୁଣୁ ତାହା ଫୁଟିଗଲାଣି। ରାସ୍ତା ନିର୍ମାଣ ସମୟରେ ଠିକାଦାର ରାସ୍ତାରେ ବାଲି ପରିବର୍ତ୍ତେ ମାଟି ପକାଇଥିବାରୁ ଯାନବାହାନ ଯିବାବେଳେ ଖାଲ ହେଉଛି। ସେହି ଖାଲ ସ୍ଥାନରେ ବର୍ଷା ପାଣି ଜମୁଛି। ଯାତାୟାତରେ ସୁହାଣପୁର ଗ୍ରାମର ଗୋବିନ୍ଦ କାଣ୍ଡି, ବସନ୍ତ ମହାରଣା, ମନୋଜ ବାରିକ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଦାବି କରିଛନ୍ତି।

# ଗ୍ରାହକଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ

ପୁରୀ,୨୮।୭(ଅଜିତ୍ କୁମାର ମହାନ୍ତି)

### ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଅଭ୍ୟାସ ବର୍ଗ ଶିବିର

ସ୍ଥାନୀୟ ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରବିବାର ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ତରଫରୁ ଅଭ୍ୟାସ ବର୍ଗ ଶିବିର ଆୟୋଜିତ ହୋଇଯାଇଛି। ଶିବିର ପ୍ରାରମ୍ଭରେ ପୂର୍ବପ୍ରାନ୍ତ ସହସଙ୍ଗଠନ ମନ୍ତ୍ରୀ ତଥା ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଜୁଭେନାଇଲ ବୋର୍ଡ ମେମ୍ବର ତଥା ଅଧିବକ୍ତା ମହାବୀର ରୁଦ୍ରନାରାୟଣ ସାହୁ ସଭାପତିତ୍ୱ କରି ସଙ୍ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏକ ଗଣତାନ୍ତ୍ରିକ ଦେଶରେ ଏହାର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବାରେ ଗ୍ରାହକମାନେ ଶ୍ରେଷ୍ଠ ଭୂମିକା ନିର୍ବାହ କରୁଥିବା ସ୍ଥଳେ ସର୍ବଦା ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଶୋଷିତ ତଥା ନିର୍ଯାତିତ ହେଉଛନ୍ତି ବୋଲି ସହସଂଯୋଜକ ସତ୍ୟଜିତ ମେକାପ କହିଥିଲେ। ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଅନେକ ଆଇନ ପ୍ରଣିତ ହୋଇଥିଲେ ହେଁ ସଚେତନତା ଅଭାବରୁ ତାହା ଉପଯୋଗୀ ହୋଇପାରୁନାହିଁ। ଏହାକୁ ଫଳପ୍ରଦ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସେ ପରାମର୍ଶ ଦେଇଥିଲେ। ସଙ୍ଗଠନ ଆଗାମୀ ଦିନରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରିବ ବୋଲି ସଙ୍ଗଠନର ଜିଲା ସଂଯୋଜକ ବିଶ୍ୱଭୂଷଣ କହିଥିଲେ। ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ସକ୍ରିୟ ସଦସ୍ୟ ସୁଦର୍ଶନ ପଣ୍ଡା ଗ୍ରାହକଙ୍କ ସ୍ୱାର୍ଥ ଓ ଅଧିକାର ଲାଗି ସୂଚନା ଅଧିକାର ଆଇନ କିଭଳି ଉପାଦେୟ ପାଲଟୁଛି ସେ ବିଷୟରେ ବୁଝାଇଥିଲେ। ଶିବିରକୁ ଜିଲା ସଂଯୋଜକ ତଥା ଅଧିବକ୍ତା ବିଶ୍ୱଭୂଷଣ ବାରିକ ଓ ସହସଂଯୋଜକ ସତ୍ୟଜିତ ମେକାପ ପରିଚାଳନା କରିଥିଲେ। ଶେଷରେ ପାର୍ଥସାରଥି ମହାପାତ୍ର ଧନ୍ୟବାଦ ଦେଇଥିଲେ। ସମାଜସେବୀ ରଶ୍ମିତା ମହାପାତ୍ର, ପୁଷ୍ପଲତା ବରାଳ, ସୌମ୍ୟା ବରାଳ, ଆଇନଜୀବୀ ରୂପରଞ୍ଜନ ମହାନ୍ତି, ଶ୍ରୀକାନ୍ତ ପଣ୍ଡା, ପ୍ରଦ୍ୟୁମ୍ନ ମଲ୍ଲିକ, ଆଇନ ଛାତ୍ର ଅଭିଷେକ ମେକାପ ଏବଂ ଗୋପାଳ ଚନ୍ଦ୍ର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଔଷଧୀୟ ଚାରା ରୋପଣ

ପୁରୀ,୨୮।୭(ଅଜିତ୍ କୁମାର ମହାନ୍ତି

ଶ୍ରୀଜଗନ୍ନାଥ ଭକ୍ତ ସମାଜ ତରଫରୁ ରବିବାର ଔଷଧୀୟ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଭକ୍ତ ସମାଜର ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ନେତୃତ୍ୱରେ ବଡ଼ଓଡ଼ିଆ ମଠ ଏବଂ ଶ୍ରୀକୃଷ୍ଣକୃପା କୁଟୀର ମଠ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା ବଳରାମ ଦାଶ, ରମାବଲ୍ଲଭ ମହାପାତ୍ର, ସୁଶ୍ରୀ ପୁଷ୍ପିତା ପଟ୍ଟନାୟକ, ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ, କାର୍ତ୍ତିକ ସାହୁ, ଅଜୟାନନ୍ଦ ସାହୁ, ପ୍ରିୟ ରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ଡ. ଶଶିକାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୀହାର ସ୍ୱାଇଁଙ୍କୁ ଡ. ଏ.ପି.ଜେ. ଅବଦୁଲ କଲାମ ଏକ୍ସଲେନ୍ସ ଆୱାର୍ଡ

ସାକ୍ଷୀଗୋପାଳ,୨୮।୭(ଭରତ ରାଉତ)

ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀ ପରିସରରେ ଶନିବାର 'କଳିଙ୍ଗ ଏଜୁକେଶନାଲ ଆଣ୍ଡ ସୋସିଆଲ ୱେଲଫେୟାର ଟ୍ରଷ୍ଟ' ଆନୁକୂଲ୍ୟରେ ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡ. ଏ.ପି.ଜେ. ଅବଦୁଲ କାଲାମଙ୍କ ୯ମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଥିଲା। ଏହି ଅବସରରେ ବହୁ ଅତିଥିଙ୍କ ଗହଣରେ ପରିବେଶର ସୁରକ୍ଷା ପାଇଁ ସତ୍ୟବାଦୀ ଅଞ୍ଚଳର ଯୁବ ସାମାଜିକ କର୍ମୀ ତଥା ପରିବେଶବିତ୍ ନିହାର ରଞ୍ଜନ ସ୍ୱାଇଁଙ୍କୁ ଡକ୍ଟର ଏ.ପି.ଜେ ଅବଦୁଲ କାଲାମ ଏକ୍ସଲେନ୍ସ ଆୱାର୍ଡ–୨୦୨୪' ସମ୍ମାନରେ ସମ୍ମାନିତ କରାଯାଇଛି। ସତ୍ୟବାଦୀ ଅଞ୍ଚଳର କୃଷକ ନେତା କୃଷିରତ୍ନ ପର୍ଶୁରାମ ସ୍ୱାଇଁଙ୍କ ନାତି ତଥା ରାଜନେତା ଦିଲୀପ ସ୍ୱାଇଁଙ୍କ ପୁଅ ଏବଂ ପିପିଲି ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ଜ୍ୱାଇଁ ନିହାର ସମାଜ ସେବା, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର ଭଳି କାର୍ଯ୍ୟରେ ନିଜକୁ ଜଡ଼ିତ ରଖିଥାନ୍ତି। ସ୍ୱାଇଁ ଏବେ ଭାରତ ସରକାରଙ୍କ ଅଧୀନସ୍ଥ ମହାରତ୍ନ କମ୍ପାନୀ ଏନ୍‌ଟିପିସିରେ ଓଏସ୍ ଅଧିକାରୀ ରୂପେ କାର୍ଯ୍ୟରତ। କାର୍ଯ୍ୟକ୍ରମରେ ବିଶିଷ୍ଟ ଯୁବନେତା ଅଭିଳାଷ ପଣ୍ଡା, ଯୁବ ଶିଳ୍ପ ଉଦ୍ୟୋଗୀ ଅର୍ଜୁନ ସାହୁ, ପଦାର୍ଥ ବିଜ୍ଞାନୀ ଡା. ସୁଶାନ୍ତ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।



ନୀହାର ରଞ୍ଜନ ସ୍ୱାଇଁଙ୍କୁ ଡ. ଏ.ପି.ଜେ. ଅବଦୁଲ କଲାମ ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରାଯାଉଛି ।

## ଡିଜିଗଭ୍ ତାଲିମ୍

ଅସ୍ତରଙ୍ଗ,୨୮।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ବିଦ୍ୟାଳୟକୁ ଆସୁଥିବା ସମଗ୍ର ଶିକ୍ଷାର ଅନୁଦାନ ଡିଜିଗଭ୍ ପୋର୍ଟାଲ ମାଧ୍ୟମରେ ଏଣିକି ଉଠାହୋଇ ଖର୍ଚ୍ଚ ହେବ। ଏହି ପରିପ୍ରେକ୍ଷୀରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷକ, ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଛି। ଜଗନ୍ନାଥ ନୋଡାଲ ବିଦ୍ୟାପୀଠ, ଅସ୍ତରଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟ, ପଞ୍ଚଗ୍ରାମ ଉଚ୍ଚ ପ୍ରାଥମିକ, ବିନାୟକ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ, କଣ୍ଟାପଡ଼ା ପଞ୍ଚାୟତ ହାଇସ୍କୁଲରେ ଏହି ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା। ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ଅତିରିକ୍ତ ଶିକ୍ଷାଧିକାରିଣୀ ସୁଧାଂଶୁବାଳା ଶତପଥୀ ଓ ଆକାଉଣ୍ଟାଣ୍ଟ ଧରଣୀଧର ବରାଳ ତାଲିମ୍ ପ୍ରଦାନ କରିଥିଲେ। ପୋର୍ଟାଲରେ ଟଙ୍କା ସୁପରିଚାଳନା ନେଇ ୟୁଜର ଆଇଡି ଏବଂ ପାସୱାର୍ଡ ବ୍ୟବସ୍ଥା ରହିବ ବୋଲି ସୂଚନା ଦିଆଯାଇଛି।

# 'ହେପାଟାଇଟିସ୍ ଏକ ଭୂତାଣୁଜନିତ ରୋଗ'

ପୁରୀ୍‌, ୨୮।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ରବିବାର ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିରଜା ଶଙ୍କର ରଥ ଏକ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିକାକରଣ ଶିବିର ଏବଂ ଜିଲା କାରାଗାରରେ ସଚେତନତା ଶିବିର ଆୟୋଜିତ ହୋଇଥିଲା। ସୁରଜମଲ ଶାହା ମହାବିଦ୍ୟାଳୟରେ ସଚେତନତା ସଭା ସହ ରଚନା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ହେପାଟାଇଟିସ୍ ଏକ ଭୂତାଣୁଜନିତ ରୋଗ। ହେପାଟାଇଟିସ୍ ଯକୃତର ପ୍ରଦାହ। ହେପାଟାଇଟିସ୍ ସହିତ ମୁକାବିଲା କରିବା ଏବଂ ୨୦୩୦ ସୁଦ୍ଧା ଦେଶବ୍ୟାପୀ ହେପାଟାଇଟିସ୍ ବି ଏବଂ ସି ବିଲୋପ କରିବା ଲକ୍ଷ୍ୟରେ ୨୦୧୮ ଜୁଲାଇ ୨୮ରେ ଜାତୀୟ ଭାଇରାଲ୍ ହେପାଟାଇଟିସ୍ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅଧୀନରେ ଗର୍ଭବତୀ ମହିଳାଙ୍କର ପ୍ରସବ ପୂର୍ବରୁ ଥରେ ହେପାଟାଇଟିସ୍ ବି ପରୀକ୍ଷା କରାଯାଇଥାଏ। ହେପାଟାଇଟିସ୍ ସି ପ୍ରଭାବିତ ବ୍ୟକ୍ତିବିଶେଷଙ୍କ ସହିତ ଅସୁରକ୍ଷିତ ଯୌନ ସମ୍ପର୍କ, ଜେଲ୍ ଅନ୍ତେବାସୀ, ବ୍ୟବହୃତ ଛୁରିର ବ୍ୟବହାରକାରୀ, ଡ୍ରଗ୍ ବ୍ୟବହାରକାରୀ ଏବଂ ଯୌନକର୍ମୀ ପ୍ରମୁଖଙ୍କ ସଂକ୍ରମଣ ସମ୍ପର୍କରେ ଜାଣିବା ପାଇଁ ହେପାଟାଇଟିସ୍ ବି ପରୀକ୍ଷା କରାଯିବା ଜରୁରୀ। ଗତବର୍ଷରୁ ଅଦ୍ୟାବଧି ପ୍ରାୟ ୨୮ ହଜାର ଗର୍ଭବତୀ ମହିଳାଙ୍କୁ ହେପାଟାଇଟିସ୍–ବି ପାଇଁ ସ୍କ୍ରିନ କରାଯାଇଛି। ୩ ହଜାର ଲୋକଙ୍କ ହେପାଟାଇଟିସ୍–ସି ପରୀକ୍ଷା କରାଯାଇଛି। ସମ୍ପ୍ରତି ୨୧ ଗର୍ଭବତୀ ମହିଳା ଏବଂ ୧୧ ଜଣ ବିପଦପୂର୍ଣ୍ଣ ଲୋକ ଚିକିତ୍ସିତ ହେଉଛନ୍ତି ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମକୁ ଜିଲା ମହାମାରୀ ବିଶେଷଜ୍ଞ ଶିଳ୍ପୀ ଦାସ, ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରବୀନ୍ଦ୍ର ପ୍ରଧାନ, ଡିପିଏମ୍‌ଟି ନାରାୟଣ ରାଓ, ଡିଡିଏମ୍ ସୁଦାମ ମହାରଣା, ମାଇକ୍ରୋ ବାୟୋଲୋଜିଷ୍ଟ ସିଗ୍‌ମା ପଣ୍ଡା, ଡାଟା ମ୍ୟାନେଜର ଦୀପକ ମହାପାତ୍ର ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ମନୋଜ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।



ସଚେତନତା ରଥକୁ ଅତିଥି ଶୁଭାରମ୍ଭ କରୁଛନ୍ତି ।

**ସଂକ୍ଷେପରେ**

## ହେପାଟାଇଟିସ୍‌ରୁ ବର୍ତ୍ତିବା ପାଇଁ ସଚେତନତା ଲୋଡ଼ା

କଟକ,୨୮।୭ (କାର୍ତ୍ତିକ ସାହୁ)

ବିଶ୍ୱ ହେପାଟାଇଟିସ ଦିବସ ଅବସରରେ କଟକ ମିଡ୍‌ଟାଉନ୍ ରୋଟାରୀ କ୍ଲବ ପକ୍ଷରୁ ଏକ ଆଲୋଚନାଚକ୍ର ସିଡିଏଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ୍ ସଭାପତି ଡ. ଆଶୁତୋଷ ଦେବତା ଅଧ୍ୟକ୍ଷତା କରି ହେପାଟାଇଟିସ୍‌ରୁ ବର୍ତ୍ତିବା ପାଇଁ ସଚେତନତା ଲୋଡ଼ା ବୋଲି କହିଥିଲେ। ଡା. ସମ୍ରାଟ କର, ରୋଟାରିୟାନ ବିଜୟ ଟାପୁରିଆ, ସମ୍ପାଦକ ବିଭୂତି ଭୂଷଣ ରାଉତ, ଶଶାଙ୍କ ଶେଖର ମହାପାତ୍ର, ମେଜର ନନ୍ଦକିଶୋର ଶତପଥୀ, ଶୁଭ୍ରାଂଶୁ ସାମନ୍ତରାୟ, ସସ୍ମିତ କର, ରମେଶ ଚନ୍ଦ୍ର ସିଂ, ଶୈଳେନ୍ଦ୍ର ନାରାୟଣ ଠାକୁର, ଅରୁଣ ଦାଶ ପ୍ରମୁଖ ଯୋଗଦେଇ ଏହି ରୋଗର କାରଣ ଓ ନିରାକରଣ ବିଷୟରେ ଆଲୋଚନା କରିଥିଲେ। ରୋଟାରିୟାନ ଦିଲୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ସତର୍କ ରହିଲେ ରୋଗଠୁ ଦୂରେଇ ହେବ

କଟକ,୨୮।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ହେପାଟୋଲୋଜି ବିଭାଗ ପକ୍ଷରୁ ପୁରାତନ ଅଡିଟୋରିୟମଠାରେ ବିଶ୍ୱ ହେପାଟାଇଟିସ୍ ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡା. ପ୍ରସେନ୍‌ଜିତ୍ ମହାନ୍ତି, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର, ପ୍ରଫେସର ବନବିହାରୀ ମିଶ୍ର, ଡା. ସତ୍ୟନାରାୟଣ ରାଉତରାୟ, ଡା. କ୍ରିଷ୍ଣା କର, ଡା. ହରିଭକ୍ତି ସେବା ଦାସ, ଡା. ସୁଶାନ୍ତ କୁମାର ଜେନା ଯୋଗଦେଇ ହେପାଟାଇଟିସ ରୋଗର ଭୟାବହତା ଓ ନିରାକରଣ ଦିଗରେ ଆଲୋକପାତ କରିଥିଲେ। ଟିକାକରଣ, ସତର୍କତା ଅବଲମ୍ବନ ସହ ସଚେତନ ହେଲେ ରୋଗଠାରୁ ଦୂରେଇ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ କିମ୍‌ସ ହସ୍ପିଟାଲ୍‌ର ପ୍ରଫେସର ପ୍ରୀତମ ନାଥ, ଏଆଇଜି ହସ୍ପିଟାଲ ଡା. ପି. କୁମାରସ୍ୱାମୀ, ସମ୍ ହସ୍ପିଟାଲର ପ୍ରଫେସର ଜିମି ନାରାୟଣ ଯୋଗଦେଇ ହେପାଟାଇଟିସ୍ ରୋଗ ବିଷୟରେ ଆଲୋଚନା କରିଥିଲେ।



ବିଶ୍ୱ ହେପାଟାଇଟିସ୍ ଦିବସ ଅବସରରେ ହେପାଟୋଲୋଜି ବିଭାଗ ପକ୍ଷରୁ ବାହାରି ଥିବା ସଚେତନତା ପଦଯାତ୍ରା।

**ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ**

ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ଡା. ମାନସ କୁମାର ବେହେରା ପରିଚାଳନା କରିଥିଲେ। ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଡା ରାକେଶ କୁମାର ବାରିକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ପ୍ରଫେସର ଡା. ପ୍ରଭାକର ମିଶ୍ର, ପ୍ରଫେସର ଡା. ଚିତ୍ତରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ହେପାଟୋଲୋଜି ବିଭାଗ ପକ୍ଷରୁ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସୁଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ସଚେତନତା ପଦଯାତ୍ରା ଏସ୍‌ସିବି ଡିନ୍ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ମେଡିକାଲ ପରିସର ପରିକ୍ରମା କରିଥିଲା। ଏଥିରେ ସମସ୍ତ ବିଭାଗୀୟ ଡାକ୍ତର, ନର୍ସିଂ ଅଫିସର, ଡାକ୍ତରୀ ଓ ନର୍ସିଂ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

## ‘ମାନବ ସମାଜକୁ ରକ୍ଷା କରିବା ପାଇଁ ଚାରାରୋପଣ କର’

କଟକ,୨୮।୭ (କାର୍ତ୍ତିକ ସାହୁ)

ଓଡ଼ିଶା ଅବସରପ୍ରାପ୍ତ ଅବକାରୀ ଅଧିକାରୀ ସଂଘ ପକ୍ଷରୁ ବନ ମହୋତ୍ସବ ରବିବାର ପାଳିତ ହୋଇଯାଇଛି। ସଂଘ ସଭାପତି ନୃସିଂହ ଚରଣ ଧୀରଙ୍କ ପୌରାହିତ୍ୟରେ ବିଡ଼ାନାସୀ ଖେଳପଡ଼ିଆରେ ବନ ମହୋତ୍ସବ ହୋଇଛି। ସଂଘର ସାଧାରଣ ସମ୍ପାଦକ ବସନ୍ତ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ସଦସ୍ୟମାନେ ଚାରାରୋପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ସଞ୍ଜିତ୍ କୁମାର ପଟ୍ଟନାୟକ ଯୋଗଦେଇ ସାମ୍ପ୍ରତିକ ଜଟିଳ ପରିସ୍ଥିତିରୁ ମାନବ ସମାଜକୁ ରକ୍ଷା କରିବାକୁ ହେଲେ ଅଧିକରୁ ଅଧିକ ଚାରାରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚିଦାନନ୍ଦ ମେମୋରିଆଲ ଟ୍ରଷ୍ଟ ଆଶ୍ରମର ପିଲାମାନଙ୍କୁ ସଂଘ ତରଫରୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଆମନ୍ତ୍ରିତ ଅତିଥି ଭାବେ ଗଙ୍ଗାଧର ବେହେରା, ସୋମନାଥ ରାଉତ, ନିବାସ ଚନ୍ଦ୍ର ମିଶ୍ର, ବସନ୍ତ କୁମାର ସାହୁ, ବିକ୍ରମ କୁମାର ଲେଙ୍କା ଓ ଗୋପାଳ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ସଦସ୍ୟ ପ୍ରମୋଦ କୁମାର ମହାନ୍ତି, ଜୟନ୍ତ କୁମାର ବକ୍ସି, ନିରଞ୍ଜନ ପାତ୍ର, ହରିଶ ଚନ୍ଦ୍ର ସେଠି, ଗଗନ ପଟ୍ଟନାୟକ, ବାଦଲ ପଟ୍ଟନାୟକ, ନଳିନୀ ବୈଦାର, ସୁରେଶ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ଆଶ୍ରମର ସମ୍ପାଦକ ସୁନୀଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ସାଧାରଣ ପରିଷଦ ବୈଠକ

କଟକ,୨୮।୭ (କାର୍ତ୍ତିକ ସାହୁ)

ପୁରାତନ ଶିଶୁ ଯତ୍ନ ଅନୁଷ୍ଠାନ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ସାଧାରଣ ପରିଷଦ ବୈଠକ ଆଶ୍ରମ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ଅଧ୍ୟକ୍ଷତା କରି ଆଶ୍ରମର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବାବଦରେ ସୂଚନା ଦେଇଥିଲେ। ଆଶ୍ରମର ୫ ଜଣ ଅନ୍ତେବାସୀ ପିଣ୍ଟୁ ପ୍ରଧାନ, ସହୁଲ ସିଂ, ଫିରୋଜ ଏଡ଼ଲା, ଟୁଲୁ ସିଂ ଓ ରାଜେଶ ସିଂ ଆଶ୍ରମ ମାଧ୍ୟମରେ ବୈଷୟିକ ଶିକ୍ଷା ଲାଭ ପରେ ମାରୁତି ସମେତ ଅନ୍ୟାନ୍ୟ ବଡ଼ ଉଦ୍ୟୋଗରେ ଯୋଗଦେଇ ରୋଜଗାରକ୍ଷମ ହୋଇଛନ୍ତି। ସେହିପରି ୩୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ କ୍ରୀଡ଼ା, ଶିକ୍ଷା, ସାଂସ୍କୃତିକ ଓ ଚିତ୍ରକଳା କ୍ଷେତ୍ରରେ ପୁରସ୍କୃତ ହୋଇଥିବା ନନ୍ଦ କହିଛନ୍ତି। ଆଶ୍ରମର ସମ୍ପାଦକ ଡ. ଲକ୍ଷ୍ମୀନାରାୟଣ ପଣ୍ଡା ଗତବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଆଶ୍ରମର ମୁଖ୍ୟ ଉପଦେଷ୍ଟା ଜଷ୍ଟିସ ଏ.ଏସ୍. ନାଇଡୁ, କ୍ଷେତ୍ରମୋହନ ସାମଲ, ପ୍ରଫେସର ସହଦେବ ପାତ୍ର, ଜୟନ୍ତୀ ମଞ୍ଜରୀ ରଥ, ପ୍ରମୋଦ କୁମାର ମହାପାତ୍ର, ଦେବଦତ୍ତ ପଟ୍ଟନାୟକ, ରଘୁନାଥ ପ୍ରସାଦ ଦାସ, ବଂଶୀମୋହନ ଶତପଥୀ, କିଶୋର ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶ୍ରମର ଯୁଗ୍ମ ସମ୍ପାଦକ ପତିତପାବନ ମହାପାତ୍ର, ଡ. ସୁରେଖା ସୁନ୍ଦରୀ ସ୍ୱାଇଁ, ମଞ୍ଜୁଲତା ଜେନା, ଶୈଳବାଳା ଜେନା, ସତ୍ୟ ଗୋପାଳ ପରିଜା ଯୋଗଦେଇଥିଲେ।

## ବନ୍ଧୁ ଦାସ ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ

କଣ୍ଟାପଡା,୨୮।୭(ସୁରନାରାୟଣ ସାହୁ)

ଓଲଟପୁର ଥାନା ଅଧୀନ ସଳେଇ ବେଦପୁର(୨) ଗ୍ରାମର ବନ୍ଧୁ ଦାସ(୬୦) ହତ୍ୟା ମାମଲାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର କୈଳାସ ଚନ୍ଦ୍ର ମୁଦୁଲି(୪୫)। ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଖଣ୍ଡାକୁ ପୋଲିସ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୧୫ ତାରିଖ ରାତି ପ୍ରାୟ ୮ଟାରେ ବନ୍ଧୁ ଓ କୈଳାସଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହେଇଥିଲା। ପରେ ଏହା ଉଗ୍ର ରୂପ ନେଇଥିଲା। କୈଳାସ ଉତ୍‌କ୍ଷିପ୍ତ ହୋଇ ନିଜ ଘରୁ ଏକ ଖଣ୍ଡା ଆଣି ବନ୍ଧୁଙ୍କ କାନମୁଣ୍ଡାକୁ ଚୋଟ ପକାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଓ ଅଭିଯୁକ୍ତଙ୍କ ଗିରଫ ଦାବିରେ ଗ୍ରାମବାସୀ ରାସ୍ତାରୋକ କରିଥିଲେ। କଣ୍ଟାପଡା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେଇଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଓଲଟପୁର ଥାନା ଆଇଆଇସି ପ୍ରିୟରଞ୍ଜନ ନାୟକ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଶନିବାର ରାତିରେ ଓଲଟପୁର ଥାନା ଅଞ୍ଚଳରୁ କୈଳାସଙ୍କୁ ପୋଲିସ କାବୁ କରିଥିଲା।



ବିଭିନ୍ନ ଶୈବପୀଠକୁ ଜଳ ନେଇ ଯିବା ପାଇଁ କଟକ ବାଲିଯାତ୍ରା ତଳପଡିଆ ମହାନଦୀ ତଟରେ ରବିବାର ବୋଲ୍‌ବମ୍ ଭକ୍ତଙ୍କ ଗହଳି।

## ୫୦ ଫୁଟ୍ ବାହୁଙ୍ଗିରେ ବୋଲ୍‌ବମ୍ ଯାତ୍ରା

କଟକ,୨୮।୭(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରାବଣର ଦ୍ୱିତୀୟ ସୋମବାରରେ ଜଳ ଲାଗି କରିବା ପାଇଁ ବୋଲ୍‌ବମ୍ ଭକ୍ତମାନେ ବିଭିନ୍ନ ଶୈବପୀଠକୁ ଯାଉଛନ୍ତି। ଏହି ଅବସରରେ ବିଡ଼ାନାସୀ କୁମ୍ଭାରସାହିର ତ୍ରିନାଥ ଯୁବକ କାଉଡ଼ିଆ ସଂଘର ୫୦୦ ସଦସ୍ୟ ରବିବାର ଅପରାହ୍ନରେ କଟକ ଚହଟା ଘାଟରେ ପୂଜାର୍ଚ୍ଚନା କରିବା ପରେ ଜଳଲାଗି ପାଇଁ ଆଠଗଡ଼ର ସର୍ପେଶ୍ୱର ପୀଠ ଅଭିମୁଖେ ବାହାରିଛନ୍ତି। ୫୦ ଫୁଟ୍ ଲମ୍ବ ଓ ୮ ଫୁଟ୍ ଉଚ୍ଚତା ବିଶିଷ୍ଟ ଶିବଧନୁ ଆକୃତିର ବାହୁଙ୍ଗୀ ନେଇ ସେମାନେ ଯାଉଛନ୍ତି। ଏହି ବାହୁଙ୍ଗୀ ତିଆରି କରିବା ପାଇଁ ସଂଘ ସଦସ୍ୟଙ୍କୁ ଏକ ସପ୍ତାହ ସମୟ ଲାଗିଛି। ବାଉଁଶ ଓ କାଠରେ ତିଆରି ହୋଇଥିବା ବାହୁଙ୍ଗୀକୁ ସୋଲ, ରଙ୍ଗୀନ ଫୁଲରେ ସଜ୍ଜିତ କରାଯାଇଛି। ଏଥିପାଇଁ ୧ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ବାହୁଙ୍ଗୀରେ ୧୦ କେଜି ଓଜନର ଘଣ୍ଟି ଲଗାଯିବା ସହ ୪୦ ଲିଟର କ୍ଷୀର ଓ ୨୦ ଲିଟର ଜଳ ନେଇ ସଂଘ ସଦସ୍ୟମାନେ ଜଳାଭିଷେକ କରିବେ। ଏହି ବାହୁଙ୍ଗୀ ଦେଖିବା ପାଇଁ ଚହଟା ଘାଟରେ ଲୋକଙ୍କ ଭିଡ଼ ଲାଗିଥିଲା। ଏନେଇ ସଂଘର ଯୁଗ୍ମ ସମ୍ପାଦକ ଗୋପାଳ ଚନ୍ଦ୍ର ବେହେରା କହିଛନ୍ତି, ସଂଘ ପକ୍ଷରୁ ପ୍ରାୟ ୧୮ ବର୍ଷ ହେବ ମହାଦେବଙ୍କ ନିକଟରେ ଜଳଲାଗି କରାଯାଉଛି। ସମସ୍ତେ ଏକ୍‌ଜୁଟ୍ ହୋଇ ଜଳଲାଗି କରିବାର ଉଦ୍ଦେଶ୍ୟ ହେଉଛି ଭାଇଚାରାର ବାର୍ତ୍ତା ବାଣ୍ଟିବା। ଏଥିସହ ସମାଜର ଉନ୍ନତି ଓ ଜନସାଧାରଣଙ୍କ ମଙ୍ଗଳ କାମନା କରି ସର୍ପେଶ୍ୱର ମହାଦେବଙ୍କୁ ଜଳାଭିଷେକ କରାଯିବ।



ତ୍ରିନାଥ ଯୁବକ କାଉଡ଼ିଆ ସଂଘର ସଦସ୍ୟମାନେ ବାହୁଙ୍ଗିରେ ଜଳ ନେଇ ସର୍ପେଶ୍ୱର ମନ୍ଦିରକୁ ଯାଉଛନ୍ତି।

## ଅଟୋ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

ବାରଙ୍ଗ,୨୮।୭(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ କଣ୍ଟାବାଡ଼ ମୁଖ୍ୟରାସ୍ତା ପାର୍ଶ୍ୱରେ ଏକ ଅଟୋ ଚାଳକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ନନ୍ଦନକାନନ ଥାନା ଅଧୀନ ପଦାସାହି ଗ୍ରାମର ମଙ୍ଗରାଜ ପରିଡ଼ା ଓରଫ ମଙ୍ଗୁ(୫୦)। ସେ ତାଙ୍କ ଅଟୋରେ ରବିବାର ବାରଙ୍ଗରୁ ଭଡ଼ାରେ ସାମଗ୍ରୀ ନେଇ କଣ୍ଟାବାଡ଼ ଆସୁଥିଲେ। କଣ୍ଟାବାଡ଼ଠାରୁ ଅଳ୍ପଦୂର ରାସ୍ତାପାର୍ଶ୍ୱରେ ଅଟୋ ରଖି ବିଶ୍ରାମ ନେଉଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଥିଲା। ତେବେ ମୃତ୍ୟୁର କାରଣ ଜାଣିବାକୁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଶିବିରରେ ୨୮୪ ଅଭିଯୋଗ ପଞ୍ଜୀକୃତ




ଅଭିଯୋଗ ଶୁଣାଣି ଶିବିରରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟମାନେ।

ଚୌଦ୍ୱାର,୨୮।୭(ଆଶୁତୋଷ ଦାସ)

ଚୌଦ୍ୱାର ପୌର ଟାଉନ୍‌ହଲ୍‌ରେ ରବିବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତିଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ବ୍ୟକ୍ତିଗତ ଓ ବିଭିନ୍ନ ସାଧାରଣ ସମସ୍ୟା ସମ୍ପର୍କିତ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ଶିବିରରେ ମୋଟ୍ ୨୮୪ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ କେତେକ ଅଭିଯୋଗର ସମାଧାନ କରାଯାଇଥିବାବେଳେ ଅନ୍ୟଗୁଡିକୁ ପରବର୍ତ୍ତୀ ପଦକ୍ଷେପ ପାଇଁ ନିଆଯାଇଥିଲା। ପ୍ରାରମ୍ଭରେ ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ଏମ୍‌ପି ମହତାବ, ଦଳର କଟକ ଜିଲା ସଭାପତି ରାମ ନାରାୟଣ ମହାନ୍ତି ଓ ଆବାହକ ନୟନ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ମଣ୍ଡଳ ସଭାପତି ସନ୍ତୋଷ କୁମାର ସାହୁ, ଅଜିତ୍ କୁମାର ସୁବୁଦ୍ଧିରାୟ, ରଶ୍ମି ପ୍ରଧାନ, ସଞ୍ଜିତ ମହାନ୍ତି, ମମତା ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ‘ଦ୍ରବ୍ୟ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ନାହିଁ’

କଟକ,୨୮।୭ (କାର୍ତ୍ତିକ ସାହୁ)

ଦି ୟୁନିଭର୍ସ ପକ୍ଷରୁ କେନ୍ଦ୍ର ବଜେଟ୍‌ରେ ସ୍ୱପ୍ନ ଓ ବାସ୍ତବତା ଶୀର୍ଷକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡ. ସତ୍ୟକାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବକ୍ତାଭାବେ ପ୍ରଫେସର ସୁରେନ୍ଦ୍ର ନାଥ ବେହେରା ଯୋଗଦେଇ କହିଛନ୍ତି, କେନ୍ଦ୍ର ବଜେଟରେ କେତେକ ଟ୍ୟାକ୍ସ ଉଠାଇ ଦିଆଯାଇ ନୂଆ ଉଦ୍ୟୋଗୀଙ୍କୁ ସାହାଯ୍ୟ କରାଯାଇଛି। ଚାଷ ଓ ଚାଷୀଙ୍କ ପାଇଁ ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। କିନ୍ତୁ ଉତ୍ପାଦନ ବା ଆମଦାନୀ ଦ୍ରବ୍ୟର ସଂରକ୍ଷଣ ପାଇଁ ଶୀତଳଭଣ୍ଡାରର ବ୍ୟବସ୍ଥା ନାହିଁ। ମହିଳା ସଶକ୍ତୀକରଣ ପାଇଁ ବ୍ୟବସ୍ଥା ହୋଇଛି। ଜରୁରିକାଳୀନ ଔଷଧ ଦାମ୍ କମିଛି। ପରିବେଶ ପାଇଁ ଯଥୋଚିତ ଧ୍ୟାନ ଦିଆଯାଇଛି। ଦୀର୍ଘ ମିଆଦୀ ଯୋଜନା ପ୍ରଣୟନ ହୋଇ ରୋଜଗାର ସୃଷ୍ଟି ହେଉ ଏବଂ ସ୍ୱଳ୍ପ ମିଆଦୀ ବ୍ୟବସ୍ଥାକୁ ଆପଣାଇ ଲୋକଙ୍କୁ କର୍ମକୁଣ୍ଠିତ କରା ନ ଯାଉ। ଡ. ଖାରବେଳ ମହାନ୍ତି, ସୋମନାଥ ମହାନ୍ତି, ଡ. ପ୍ରଜ୍ଞା ମିଶ୍ର, କାଶୀନାଥ ସ୍ୱାଇଁ, ବନମାଳୀ ଶୁକ୍ଳ, ସସ୍ମିତ ବେହେରା ଓ ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପାଦକ କିଶୋର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।




କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଅଭିପ୍ସା ପକ୍ଷରୁ ଅନୁଷ୍ଠିତ ବର୍ଷା ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ନବଗୁଞ୍ଜନରେ ଚମକିଲେ ନୃତ୍ୟଶିଳ୍ପୀ

**ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପ୍ରତିଯୋଗିତା**



ପ୍ରିୟଙ୍କା ଜେନା ନୃତ୍ୟ ପରିବେଷଣ କରୁଛନ୍ତି



କଳା ବିକାଶ କେନ୍ଦ୍ର ଅଡିଟୋରିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କଟକ,୨୮।୭ (କାର୍ତ୍ତିକ ସାହୁ)

ଓଡ଼ିଶାର ସ୍ୱନାମଧନ୍ୟ ନୃତ୍ୟାନୁଷ୍ଠାନ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ଉଦୀୟମାନ ନୃତ୍ୟଶିଳ୍ପୀଙ୍କୁ ନେଇ ଆୟୋଜନ କରିଛି ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ନବଗୁଞ୍ଜନ। ରବିବାର ସନ୍ଧ୍ୟାରେ କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଯନ୍ତ୍ରସଙ୍ଗୀତର ଝଙ୍କାରରେ ଚମକିଲେ ଉଦୀୟମାନ ନୃତ୍ୟଶିଳ୍ପୀମାନେ। ନୂଆ କରି ଓଡ଼ିଶୀ ନୃତ୍ୟର ଧାରାରେ ପାଦ ଥାପୁଥିବା ଏହି ଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଉକ୍ତ ଅନୁଷ୍ଠାନ ଗତ କିଛିବର୍ଷ ହେବ ଆୟୋଜିତ କରିଚାଲିଛି ଏହି ନବଗୁଞ୍ଜନ। ଏହା ମାଧ୍ୟମରେ ଓଡ଼ିଶୀ ନୃତ୍ୟର ପ୍ରଚାର, ପ୍ରସାର ଦିଗରେ ଉଦ୍ୟମ କରାଯାଉଥିବା ଜଣାପଡ଼ିଛି। ସକାଳେ ୧୦ରୁ ୧୬ ବର୍ଷ ବୟସର ନୃତ୍ୟଶିଳ୍ପୀଙ୍କ ମଧ୍ୟରେ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ସେମାନଙ୍କ ମଧ୍ୟରେ ଆଦ୍ୟାଶା ଅନିନ୍ଦିତା ପ୍ରଥମ, ଚିନ୍ମୟୀ ସାହୁ ଦ୍ୱିତୀୟ, ମିଲୋନି ମହାନ୍ତି ଓ ପୌଲମୀ ଦାସ ଯୁଗ୍ମ ତୃତୀୟ ହୋଇଥିଲେ। ସାନ୍ଧ୍ୟ ଉତ୍ସବରେ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି, ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ଡକ୍ଟର ସ୍ନେହପ୍ରଭା ସାମନ୍ତରାୟ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ନୃତ୍ୟଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ। ଏଥିସହ କୃତୀ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ପାଇଁ ୪ ହଜାର, ଦ୍ୱିତୀୟ ପାଇଁ ୩ ହଜାର ଓ ତୃତୀୟ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ୨ ହଜାର ଟଙ୍କା ଲେଖାଏ ଦିଆଯାଇଥିଲା। ନୃତ୍ୟଶିଳ୍ପୀ ପ୍ରିୟଙ୍କା ଜେନା, ମାହେଶ୍ୱରୀ ପ୍ରଧାନ ଓ ବିଶ୍ୱଭୂଷଣ ଚମ୍ପତିରାୟଙ୍କ ଏକକ ନୃତ୍ୟାଭିନୟରେ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଅନ୍ତିମ ପର୍ଯ୍ୟାୟରେ ଅନୁଷ୍ଠାନର ଉଦୀୟମାନ କଳାକାରମାନେ ସମବେତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଗୁଞ୍ଜନ୍‌ର ଗୁରୁ ମୀରା ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୦୭।୨୦୨୪

| | |
|---|---|
| ୬,୦୨, ୬୨୮ ଟଙ୍କା | |
| ସୁନା | ୧୧ ଗ୍ରାମ୍ |
| ରୁପା | ୫.୬୫୦ ଗ୍ରାମ୍ |

# ରାଜଧାନୀରେ ଡେଙ୍ଗୁ ସଂକ୍ରମଣ ୨ଶହ ଟପିଲା

### ଖଣ୍ଡଗିରି ହଟ୍‌ସ୍ପଟ



ଭୁବନେଶ୍ୱର, ୨୮।୭ (ବନ୍ଦନା ସେଠୀ)

ରାଜଧାନୀ ଭୁବନେଶ୍ୱରରେ ଧୀରେ ଧୀରେ କାୟା ମେଲାଉଛି ଡେଙ୍ଗୁ ସଂକ୍ରମଣ। ଏବେ ବର୍ଷାଋତୁ ଚାଲିଥିବାରୁ ସଂକ୍ରମଣ ବଢ଼ି ଚାଲିଛି। ଜୁଲାଇ ୧୬ ସୁଦ୍ଧା ସହରରୁ ୧୧୫ଜଣ ଡେଙ୍ଗୁ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏବେ ୨ଶହ ପାର୍ କରିଛି। ସେହିପରି ରାଜ୍ୟରୁ ପ୍ରାୟ ୧ହଜାର ସଂକ୍ରମଣ ଚିହ୍ନଟ ହୋଇଥିବାବେଳେ ଏଥର ମଧ୍ୟ ଖୋର୍ଦ୍ଧା ଜିଲା ଭୁବନେଶ୍ୱର ପାଇଁ ହଟ୍‌ସ୍ପଟ୍ ପାଲଟିଛି। ମିଳିଥିବା ତଥ୍ୟ ମୁତାବକ, ଗତ ୨୭ ତାରିଖ ସୁଦ୍ଧା ସହରରୁ ମୋଟ୍ ୨୧୧ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କେବଳ ଜୁଲାଇ ମାସରେ ୧୬୦ଜଣ ସଂକ୍ରମିତ ସହରରୁ ବାହାରିଥିବାବେଳେ ଶେଷ ୧୧ଦିନରେ ୯୬ଜଣ ନୂତନ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜାଗମରା, ସାଲିଆସାହି, ପଟିଆ ଆଦି ସ୍ଥାନରୁ ବେଶି ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଖଣ୍ଡଗିରି ହଟ୍‌ସ୍ପଟ୍ ପାଲଟିଛି। ଏଠାରୁ ସର୍ବାଧିକ ୨୧ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏପରିକି ଗତ ମାସେ ହବ ଏହି ଅଞ୍ଚଳରୁ ଦୈନିକ ଡେଙ୍ଗୁରୋଗୀ ବାହାରୁଥିବା ଜଣାପଡିଛି। ଜାନୁଆରୀରୁ ଜୁଲାଇ ୨୭ ପର୍ଯ୍ୟନ୍ତ ଭୁବନେଶ୍ୱରରେ ମୋଟ୍ ୧୧ ହଜାର ୯୧୦ ଟେଷ୍ଟିଂ ହୋଇଛି। ଏଥିରୁ ୪୬୭ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ବିଏମ୍‌ସି ଅଞ୍ଚଳର ୨୧୧ ଜଣ ଓ ଖୋର୍ଦ୍ଧା ଗ୍ରାମାଞ୍ଚଳରୁ ୮୩ଜଣ ରହିଛନ୍ତି। ବାକି ୧୭୩ଜଣ ସଂକ୍ରମିତଙ୍କ ସମ୍ପର୍କରେ କୌଣସି ତଥ୍ୟ ମିଳିପାରୁ ନାହିଁ। ଟେଷ୍ଟିଂ ସମୟରେ ଠିକ୍ ତଥ୍ୟ ଦେଇ ନ ଥିବାରୁ ସେମାନଙ୍କୁ ଟ୍ରେସିଂ କରିବା ସମ୍ଭବ ହୋଇପାରୁ ନ ଥିବା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

ଅପରପକ୍ଷେ ଡେଙ୍ଗୁ ରୋକିବା ପାଇଁ ବିଏମ୍‌ସି ପକ୍ଷରୁ ଯେଉଁଭଳି ଭାବେ ପଦକ୍ଷେପ ନିଆଯିବା କଥା ତାହା ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ବର୍ଷାଦିନ ଆରମ୍ଭ ହୋଇଯାଇଥିଲେ ବି ଏ ଯାଏ ଅନେକ ଡ୍ରେନ୍ ସଫା ହୋଇପାରି ନାହିଁ। ଏହାବାଦ୍ ରାସ୍ତାକଡ଼ରେ ପଡି ରହୁଥିବା ଭଙ୍ଗା ଟିଣ, ଟାୟାର, ଫୁଲକୁଣ୍ଡ ଆଦିରେ ପାଣି ଜମା ହୋଇ ରହୁଛି। ଗତବର୍ଷ ବିଏମ୍‌ସି ପକ୍ଷରୁ ଯେଉଁଭଳି ଭାବେ ଡ୍ରାଏ ଡେ' ପାଳନ କରାଯାଉଥିଲା ତାହା ଚଳିତ ବର୍ଷ ଦେଖିବାକୁ ମିଳୁନାହିଁ। ଫଳରେ ସଂକ୍ରମଣ ବଢୁଥିବା କୁହାଯାଉଛି। ଏନେଇ ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ(ଏଡିୟୁପିଏଚ୍) ଡା. ନୀଳମଣୀ ସେନାପତି କହିଛନ୍ତି, ହଟସ୍ପଟ୍ ଭାବେ ଚିହ୍ନଟ ହୋଇଥିବା ସ୍ଥାନଗୁଡ଼ିକରେ ସଚେତନତା ବୃଦ୍ଧି କରିବା ପାଇଁ ୩୦ଜଣ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ଏନେଇ ସେମାନଙ୍କୁ ତାଲିମ୍ ଦିଆଯିବା ସହ ୩ଟି ଦଳରେ ବିଭକ୍ତ କରାଯାଇଛି। ଏମାନେ ଘରଘର ବୁଲି ଲୋକଙ୍କୁ ସଚେତନ କରିବା ସହ ଡେଙ୍ଗୁ ଉତ୍ପତ୍ତିସ୍ଥଳ ନଷ୍ଟ କରୁଛନ୍ତି। ଅପରପକ୍ଷେ ତାରିଣୀବସ୍ତି ଏବଂ ଧର୍ମବିହାର ଅଞ୍ଚଳରେ ବ୍ରିଡିଂ ସୋର୍ସ ଅଧିକ ରହିଛି। ସମ୍ପୃକ୍ତ ଅଞ୍ଚଳରେ ଅଧିକାଂଶ ଲୋକ ଗାଈଗୋରୁ ରଖିଥିବାବେଳେ ସେମାନଙ୍କୁ ଖାଦ୍ୟ ଦେଉଥିବା କୁଣ୍ଡକୁ ନିୟମିତ ଭାବେ ପରିଷ୍କାର କରୁ ନାହାନ୍ତି। ତେଣୁ ସମ୍ପୃକ୍ତ ସ୍ଥାନରେ ମଶା ବଂଶବୃଦ୍ଧି କରୁଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ୫ରୁ ୬ଥର ସଚେତନ କାର୍ଯ୍ୟ କରାଯିବା ସହ ମଶା ଲାର୍ଭା ନଷ୍ଟ କରାଯାଇଥିଲେ ମଧ୍ୟ ଲୋକମାନେ ସଚେତନ ହେଉ ନ ଥିବାରୁ ବଂଶ ବୃଦ୍ଧି ପାଉଥିବା ଡା. ସେନାପତି କହିଛନ୍ତି। ସୂଚନାଯୋଗ୍ୟ, ୨୦୨୩ ଜୁଲାଇ ୧୪ ବେଳକୁ ସହରରୁ ୧୫୦ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୨୩ ତାରିଖ ବେଳକୁ ଏହା ୨୫୦ ପାର୍ କରିଥିଲା। ମାତ୍ର ବିଏମ୍‌ସି ଏହାକୁ ଗୁରୁତ୍ୱର ସହ ନେଇ ନ ଥିବାରୁ ଜୁଲାଇ ୩୦ ବେଳକୁ ସହରରେ ସଂକ୍ରମଣ ୬ଶହ ମୁହାଁ ଏବଂ ଅଗଷ୍ଟ ୧୧ବେଳକୁ ୧ହଜାର ପାର୍ କରିଥିଲା। ସେହିପରି ଚଳିତବର୍ଷ ମଧ୍ୟ ଧୀରେଧୀରେ ସଂକ୍ରମଣ ବଢି ଚାଲିଛି। ତେଣୁ ଏବେଠାରୁ ସ୍ଥିତିକୁ ଗୁରୁତର ସହ ନେଇ ପଦକ୍ଷେପ ନ ନେଲେ ଆଗକୁ ସ୍ଥିତି ଭୟାବହ ହେବାର ଯଥେଷ୍ଟ ଆଶଙ୍କା ରହିଛି।

## 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ପାଇବେ ରାମକ୍ରୀଷ୍ଣା, ହରିଲାଲ

### 'ଜାତୀୟ ହସ୍ତତନ୍ତ ପୁରସ୍କାର' ପାଇଁ ୩ ମନୋନୀତ

ଭୁବନେଶ୍ୱର, ୨୮।୭(ଶର୍ମିଷ୍ଠା ପାଣିଗ୍ରାହୀ)

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୁଭେଚ୍ଛା

୨୦୨୩ ବର୍ଷ ପାଇଁ 'ସନ୍ଥ କବୀର ହସ୍ତତନ୍ତ ପୁରସ୍କାର' ପାଇବାକୁ ବରଗଡ଼ର ବୁଣାକାର ରାମକ୍ରୀଷ୍ଣା ମେହେର ଓ ହରିଲାଲ ମେହେର ମନୋନୀତ ହୋଇଛନ୍ତି। ସେହିପରି 'ଜାତୀୟ ହସ୍ତତନ୍ତ ପୁରସ୍କାର' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ସୁବର୍ଣ୍ଣପୁରର ରସାନନ୍ଦ ମେହେର, ଉତ୍ତମ କୁମାର ମେହେର ଏବଂ ଡିଜାଇନର ଶ୍ୟାମ ସୁନ୍ଦର ମେହେର। ଅଗଷ୍ଟ ୭ରେ ଜାତୀୟ ହସ୍ତତନ୍ତ ଦିବସ ଉପଲକ୍ଷେ ସେମାନଙ୍କୁ ପୁରସ୍କୃତ କରାଯିବ। ଏ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ୍ସ ମାଧ୍ୟମରେ ଶୁଭେଚ୍ଛା ଜଣାଇ ଲେଖିଛନ୍ତି, ଆପଣମାନେ ଆମର ଗର୍ବ। ଏହି ସମ୍ମାନ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତକୁ ଲୋକପ୍ରିୟ କରିବା ସହ ଜାତୀୟ ସ୍ତରରେ ଓଡ଼ିଶାର ନାଁକୁ ଆହୁରି ଉଜ୍ଜ୍ୱଳ କରିବ।

## ଶ୍ରୀମନ୍ଦିର ଆନନ୍ଦ ବଜାର ଭିଡିଓ ଭାଇରାଲ

ପୁରୀ, ୨୮।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ପୁଣି ପ୍ରଶ୍ନ ଉଠିଛି। ସୋସିଆଲ ମିଡିଆରେ ଶ୍ରୀମନ୍ଦିର ଆନନ୍ଦବଜାର ଓ ଭୋଗମଣ୍ଡପର ଭିଡିଓ ଭାଇରାଲ୍ ହୋଇଥିବା ଦେଖିବାକୁ ମିଳିଛି। ସିଦ୍ଧାର୍ଥ ପାଣ୍ଡେ ନାମକ ଯୁବକ ଆନନ୍ଦ ବଜାରର ଫଟୋ ଭାଇରାଲ କରିବା ସହ ମହାପ୍ରସାଦ ଖାଇବାର ଭିଡିଓ କରି ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଅପ୍‌ଲୋଡ୍ କରିଛନ୍ତି। ଶ୍ରୀମନ୍ଦିର ଭିତରେ ଓ ଚାରିଦ୍ୱାର ସମ୍ମୁଖରେ ୨୪ ଘଣ୍ଟା ପୋଲିସ ଉପସ୍ଥିତ ରହି ଭକ୍ତଙ୍କୁ ଯାଞ୍ଚ କରୁଛି। ସେହିପରି ଶ୍ରୀମନ୍ଦିରକୁ ମୋବାଇଲ ନେବା ଉପରେ କଟକଣା ରହିଛି। ଏହାସତ୍ତ୍ୱେ ସମ୍ପୃକ୍ତ ଯୁବକ କିପରି ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେଲେ ଏବଂ ଭିଡିଓ କଲେ ତାହାକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି ଘଟଣା ସୁରକ୍ଷା ବ୍ୟବସ୍ଥାରେ ଅବହେଳା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜଗନ୍ନାଥପ୍ରେମୀମାନେ ଦାବି କରିଛନ୍ତି।

## ଏସ୍‌ସିବି ମେଡିକାଲରେ ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ

କଟକ, ୨୮।୭(ଶିଳ୍ପା ପ୍ରିୟଦର୍ଶିନୀ)



ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ ଅସୁସ୍ଥ ହୋଇ ରବିବାର ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମେଡିସିନ ବିଭାଗର ୩ ନମ୍ବର କ୍ୟାବିନ୍‌ରେ ତାଙ୍କର ଚିକିତ୍ସା ଜାରି ରହିଛି। ମେଡିସିନ ବିଭାଗୀୟ ମୁଖ୍ୟଙ୍କ ନେତୃତ୍ୱରେ ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଛି। ଏନେଇ ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ପଦ୍ମଶ୍ରୀ ସ୍ୱାଇଁ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସୂଚନାଯୋଗ୍ୟ, ପଦ୍ମଶ୍ରୀ ସ୍ୱାଇଁ ଅସୁସ୍ଥ ହେବାରୁ ତାଙ୍କୁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# 'ରଘୁରାଜପୁରକୁ ବିଶ୍ୱ ଐତିହ୍ୟ ଗ୍ରାମ ମାନ୍ୟତା ମିଳୁ'




ପୁରୀ, ୨୮।୭(ଅଜିତ୍ କୁମାର ମହାନ୍ତି)

### ୟୁନେସ୍କୋ ପ୍ରତିନିଧିଙ୍କୁ ରଘୁରାଜପୁର ଗ୍ରାମବାସୀଙ୍କ ନିମନ୍ତ୍ରଣ

ଦିଲ୍ଲୀରେ ଏବେ ୟୁନେସ୍କୋର ବିଶ୍ୱ ଐତିହ୍ୟ ସମିତିର ୪୬ତମ ଅଧିବେଶନ ଚାଲିଛି। ଅଧିବେଶନରେ ୧୫୦ରୁ ଊର୍ଦ୍ଧ୍ୱ ଦେଶର ପ୍ରତିନିଧି ଯୋଗଦାନ କରିଛନ୍ତି। ଏହି ଅବସରରେ ପୁରୀର ରଘୁରାଜପୁର ଗ୍ରାମବାସୀ ୟୁନେସ୍କୋର ସମସ୍ତ ପ୍ରତିନିଧିଙ୍କୁ ଗ୍ରାମକୁ ନିମନ୍ତ୍ରଣ ଜଣାଇଛନ୍ତି। ଗ୍ରାମବାସୀ ମିଳିତ ଭାବେ ରଘୁରାଜପୁରକୁ ବିଶ୍ୱ ଐତିହ୍ୟ ଗ୍ରାମ ହିସାବରେ ମାନ୍ୟତା ମିଳିବାର ଇଚ୍ଛା ଜାହିର କରିଛନ୍ତି। ପଟ୍ଟଚିତ୍ର କଳାର ଅନ୍ତୁଡ଼ିଶାଳ ରଘୁରାଜପୁର ଗାଁର ଇତିହାସ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ସହ ଜଡ଼ିତ। ବିଶ୍ୱ ଦରବାରରେ ଓଡ଼ିଶୀ ପରି ଶାସ୍ତ୍ରୀୟ ନୃତ୍ୟ ପହଞ୍ଚିପାରିଛି। ଗୋଟିପୁଅ ନୃତ୍ୟ ଶୈଳୀର ପ୍ରଥମ ସ୍ଥାନ ହେଉଛି ରଘୁରାଜପୁର। ଓଡ଼ିଆ କଳା ସଂସ୍କୃତିର ଏକକ ପରିଚୟ ରଘୁରାଜପୁର ବୋଲି ଗୁରୁ ହରିହର ମହାରଣା କହିଛନ୍ତି।

ରଘୁରାଜପୁର ଗଞ୍ଜପା ଭଳି ଏକ ପ୍ରାଚୀନ କଳାତ୍ମକ କ୍ରୀଡ଼ାର କେନ୍ଦ୍ରବିନ୍ଦୁ ଥିଲା। ତାହା ଆଜି ହାତଗଣତି ଲୋକଙ୍କ ଭିତରେ ସୀମିତ, ଯେଉଁମାନେ ଏବେ ବାର୍ଦ୍ଧକ୍ୟ ଆଉ ପରିଣତ ବୟସରେ ପହଞ୍ଚିସାରିଲେଣି। ଗୋବର ଦ୍ୱାରା କରାଯାଉଥିବା ହସ୍ତକଳା ଆଜି ସ୍ୱଳ୍ପସଂଖ୍ୟକ ମହିଳା ଚିତ୍ରକରଙ୍କ ମଧ୍ୟରେ ସୀମିତ ରହିଯାଇଛି। ୨୦୧୯ର ଫନୀ ମହାବାତ୍ୟା ଏବଂ ୨୦୨୦ର କରୋନା ପରଠାରୁ ଗ୍ରାମରେ ପର୍ଯ୍ୟଟକଙ୍କ ଆଗମନ କମିଛି। ତେବେ ପୂର୍ବାପେକ୍ଷା ଅଧିକ ଯୁବପିଢ଼ି ଏବେ ଏହି ପ୍ରାଚୀନ ଚିତ୍ରକଳାକୁ ବଞ୍ଚାଇ ରଖିଛନ୍ତି। ରଘୁରାଜପୁର ପ୍ରାଚୀନ କଳା ଆଉ ଜୀବନଶୈଳୀର ଏକ ସୁନ୍ଦର ଉଦାହରଣ ଏବଂ ଏହି ଗ୍ରାମକୁ ବିଶ୍ୱ ଐତିହ୍ୟ ଗ୍ରାମର ମାନ୍ୟତା ଆଶାରେ ରଘୁରାଜପୁରବାସୀଙ୍କ ୟୁନେସ୍କୋ ପ୍ରତିନିଧିଙ୍କୁ ନିମନ୍ତ୍ରଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହାକୁ ସମର୍ଥନ ଜଣାଇ ଗ୍ରାମବାସୀଙ୍କ ସହ ଯୋଡ଼ିହୋଇଛୁ ବୋଲି ପୁରୀସ୍ଥିତ ପର୍ଯ୍ୟଟନ ଷ୍ଟାର୍ଟ ଅପ୍ ମଟ୍‌ପ୍ୟାକର୍ସର ପ୍ରତିଷ୍ଠାତା ଅନନ୍ତ ପ୍ରସାଦ କହିଛନ୍ତି। ରଘୁରାଜପୁର ଓଡ଼ିଆ କଳାତ୍ମକ ଉତ୍କର୍ଷର ଏକ ବିଶେଷ ପରିଚୟ। ଦେଶ ବାହାରେ ରଘୁରାଜପୁର ଓଡ଼ିଶାର କଳା ତଥା ସାଂସ୍କୃତିକ ଐତିହ୍ୟର ଗୌରବ ଗାଥାକୁ ଆଗେଇ ନେଇ ଚାଲିଛି। ଗ୍ରାମର ଇତିହାସ ବୋଧେ କଳନା କରିବା କାଠିକର ପାଠ। ଗାଁର ଚିତ୍ରକରମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା କରି ଆସୁଛନ୍ତି। ବିଶ୍ୱ ଐତିହ୍ୟ ଗ୍ରାମ ହିସାବରେ ରଘୁରାଜପୁର ଏହି ସମ୍ମାନର ମର୍ଯ୍ୟାଦା ରଖିପାରିବ। ତେଣୁ ୟୁନେସ୍କୋର ପ୍ରତିନିଧିମାନେ ରଘୁରାଜପୁର ଗାଁ ବୁଲି ଆସନ୍ତୁ ଏବଂ ଏହି ପ୍ରାଚୀନ କଳା ସହ ପରିଚିତ ହୁଅନ୍ତୁ ବୋଲି ଗୁରୁ ଶରତ ଚନ୍ଦ୍ର ସ୍ୱାଇଁ କହିଛନ୍ତି।

### ରାଜ୍ୟ ସମାଜସେବୀ ମହାସଂଘ ପକ୍ଷରୁ ଚାରା ରୋପଣ

## ଓଡ଼ିଶାକୁ ସବୁଜିମାମୟ କରିବାକୁ ଶପଥ

ଭୁବନେଶ୍ୱର, ୨୮।୭ (ଶର୍ମିଷ୍ଠା ପାଣିଗ୍ରାହୀ)

ବୃକ୍ଷ ହିଁ ଜୀବନ। ବୃକ୍ଷ ବଞ୍ଚିଲେ ଏ ମଣିଷ ସମାଜ ବଞ୍ଚିବ। ଏହାର ମୂଲ୍ୟବୋଧକୁ ହୃଦ୍‌ବୋଧ କରି ରାଜ୍ୟ ସମାଜସେବୀ ମହାସଂଘ ଓଡ଼ିଶା ପକ୍ଷରୁ ରବିବାର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାୟ ୨୫ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇ ଓଡ଼ିଶାକୁ ସବୁଜିମାମୟ କରିବାର ଶପଥ ନେଇଥିଲେ। ସମାଜ ସେବୀ ମହସଂଘ ପକ୍ଷରୁ ନାରାୟଣ ସାହୁ, ସାଗର ଦାଶ, ଗଗନ ପାଇଟାଲ, ମାନସ ଥାଟୋଇ ପ୍ରମୁଖ ଉପସ୍ଥିତ ଥିବାବେଳେ ଯୁବ ନେତା ପ୍ରକାଶ ତ୍ରିପାଠୀଙ୍କ ସହାୟତାରେ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ବରିଷ୍ଠ ସାମ୍ବାଦିକ ରାମଜୀବନ ଗୋଚ୍ଛାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆର୍ଟ ଅଫ ସ୍ମାଇଲ୍‌ର ପ୍ରେସିଡେଣ୍ଟ ରୋଜା ଘୋଷ, ସିଏଫ୍‌ଟିର ଅଧକ୍ଷା ଅମୀୟବାଳା ପରିଡ଼ା, ହେଲ୍ପ ଇଣ୍ଡିଆର ସଭାପତି ପ୍ରଶାନ୍ତ ମିଥୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସାରା ଓଡ଼ିଶାରେ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯିବ ବୋଲି ସୂଚନା ଦିଆଯାଇଛି।

# ଇଞ୍ଜିନିୟରମାନେ ବର୍ତ୍ତମାନ ଯୁଗର ବିଶ୍ୱକର୍ମା

### 'ଟେକ୍ନୋସ୍କ୍ରାଇବ୍'ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ଭୁବନେଶ୍ୱର, ୨୮।୭(ଅନୁରାଧା ମହାରଣା)




ଉତ୍ସବରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ।

ଇଞ୍ଜିନିୟରମାନେ ବର୍ତ୍ତମାନ ଯୁଗର ବିଶ୍ୱକର୍ମା। ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି କୋଠାବାଡ଼ି, ରାସ୍ତା ଏବଂ ସେତୁ ନିର୍ମାଣ କ୍ଷେତ୍ରରେ ଆମ ଇଞ୍ଜିନିୟମମାନେ ଅନେକ କାର୍ଯ୍ୟ କରୁଛନ୍ତି। ଆମେ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନ ଦେଖୁଥିବାବେଳେ ଇଞ୍ଜିନିୟରଙ୍କ ଦକ୍ଷତାକୁ ଉପଯୋଗ କରି ଆମେ ଏହାକୁ ପୂରାକରି ପାରିବା ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବାସଂଘର ମୁଖପତ୍ର 'ଟେକ୍ନୋସ୍କ୍ରାଇବ୍'ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଡିପ୍ଲୋମା ଇଞ୍ଜିନିୟର୍ସଙ୍କ ମମତା ଓ ଆନ୍ତରିକତା ଅନ୍ୟମାନଙ୍କ ପାଇଁ ପ୍ରେରଣାପ୍ରଦ ହେବ। ନିର୍ମାଣ ହେଉଥିବା ପ୍ରକଳ୍ପର ସ୍ଥାୟିତ୍ୱ ଏବଂ ଉପଯୋଗିତା ବର୍ତ୍ତମାନ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ତେଣୁ ଏହାକୁ ଧ୍ୟାନରେ ରଖି ଇଞ୍ଜିନିୟରମାନେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରିବା ନେଇ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଖାଲିଥିବା ପଦବୀଗୁଡ଼ିକ ଶୀଘ୍ର ପୂରଣ ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଥିଲେ।

ଇଂ. ଶ୍ରୀକାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ଇଂ. ସଚିନ୍ଦ୍ର ମୋହନ ରାଉଳ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ଇଂ. ଶ୍ରୀଧର ବାରିକ ବିବରଣୀ ପାଠ କରିଥିଲେ। ଏହାପରେ ମୁଖ୍ୟ ଅତିଥି ମନ୍ତ୍ରୀ ହରିଚନ୍ଦନ ମୁଖପତ୍ର 'ଟେକ୍ନୋସ୍କ୍ରାଇବ୍'ର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିବା ସହ ପତ୍ରିକାର ପୂର୍ବତନ ସମ୍ପାଦକମାନଙ୍କୁ ସମ୍ମାନିତ କରିଥିଲେ। ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ବଡ଼ଚଣା ବିଧାୟକ ଅମର ନାୟକ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥଲେ। ସଂଘର ଉପସଭାପତି ଇଂ. ସୁଦର୍ଶନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜିତୁ



@ କରନ



@ ଲିପୁ



@ ରମେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏସ୍‌ସିବିରେ ମା' ହେଲେ କିଡ୍‌ନୀ ରୋଗୀ

କଟକ, ୨୮।୭(ଶିଳ୍ପା ପ୍ରିୟଦର୍ଶିନୀ)

କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ (ଏସ୍‌ସିବି)ରେ ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ଫଳରେ ବୃକକ୍ (କିଡ୍‌ନୀ) ରୋଗରେ ଆକ୍ରାନ୍ତ ଥିବା ଢେଙ୍କାନାଳ ଅଞ୍ଚଳର ବିସ୍ମିତା ସାହୁ(୨୩) ମାତୃତ୍ୱ ଲାଭ କରିଛନ୍ତି। ଗତବର୍ଷ ସେ ଅସୁସ୍ଥ ଥିବାରୁ ମେଡିକାଲରେ ପରୀକ୍ଷା କରାଇଥିଲେ। ପରେ ସେ ବୃକକ୍ ରୋଗରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ଡାକ୍ତର ତାଙ୍କୁ ଗର୍ଭଧାରଣ କରିବା ନେଇ ମନା କରିଥିଲେ। ହେଲେ କିଛିମାସ ପୂର୍ବେ ସେ ଗର୍ଭଧାରଣ କରିଥିବା ନେଇ ଡାକ୍ତରଙ୍କୁ ଜଣାଇଥିଲେ। ଫଳରେ ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ। ଗର୍ଭଧାରଣର ୭ ମାସରେ ବିସ୍ମିତାଙ୍କ ବୃକକ୍ ନଷ୍ଟ ହୋଇଯାଇଥିଲା। ଯାହାକି ଉଭୟ ମା' ଓ ଶିଶୁଙ୍କୁ ସୁସ୍ଥ ରଖିବା ନେଇ ଏସ୍‌ସିବିର ଡାକ୍ତରଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ସ୍ତ୍ରୀ ଓ ପ୍ରସୂତି ବିଭାଗ ପ୍ରଫେସର ଡା. ଲୁସି ଦାସ, ଡା. ବନ୍ଦନା, ଡା. ସ୍ୱାଗତ, ଡା. ଆଶୁତୋଷ, ଶିଶୁରୋଗ ବିଭାଗର ଡା. ନିବେଦିତା ପ୍ରଧାନ, ଆନାସ୍ଥେସିଆ ଡା. ତ୍ରିଷ୍ଣା ସାହୁଙ୍କୁ ନେଇ ଗଠିତ ଏକ ଟିମ୍ ବିସ୍ମିତାଙ୍କ ଅସ୍ତ୍ରୋପଚାର କରିଥିଲା। ବିସ୍ମିତା ଏକ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ଏନେଇ ମେଡିକାଲର ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ଡା. ଅରୁଣା ଆଚାର୍ଯ୍ୟ କହିଛନ୍ତି, ବୃକକ୍ ରୋଗରେ ଆକ୍ରାନ୍ତ ବିସ୍ମିତାଙ୍କୁ ଗର୍ଭଧାରଣ ନ କରିବାକୁ ପରାମର୍ଶ ଦିଆଯାଇଥିଲା। ହେଲେ ଭୁଲ୍‌ବଶତଃ ଏଭଳି ହୋଇଥିବା ସେ ଜଣାଇଥିଲେ। ପରେ ମେଡିକାଲର ଡାକ୍ତରୀ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଗୁରୁତ୍ୱ ଦେବା ସହ ସଫଳ ଅସ୍ତ୍ରୋପଚାର କରିଛି। ଏବେ ଉଭୟ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

# ୩ କି.ମି. ଯାଇ ପଛକୁ ଫେରିଲା ଟ୍ରେନ୍

ପୁରୀ /ଭୁବନେଶ୍ୱର, ୨୮।୭ (ଅଜିତ୍ କୁମାର ମହାନ୍ତି/ ଅନୁରାଧା ମହାରଣା)

### ପୁରୀ-ଚେନ୍ନାଇ ସୁପରଫାଷ୍ଟ ଏକ୍ସପ୍ରେସରେ ଯାନ୍ତ୍ରିକ ତ୍ରୁଟି

ପୁରୀ–ଚେନ୍ନାଇ ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଏପରିକି ମରାମତି ପରେ ଟ୍ରେନ୍‌ଟି ପୁରୀ ଷ୍ଟେଶନ ଛାଡିଥିଲେ ମଧ୍ୟ ପୁଣି ବାଟରେ ଖରାପ ହୋଇଥିଲା। ଫଳରେ ନିର୍ଦ୍ଧାରିତ ସମୟରୁ ବିଳମ୍ବରେ ଛାଡ଼ିବା ସତ୍ତ୍ୱେ ୩ କିଲୋମିଟର ଯାତ୍ରା କରିଥିବା ଏକ୍ସପ୍ରେସକୁ ପଛକୁ ଫେରାଇ ଆଣିବାକୁ ପଡ଼ିଥିଲା। ଏହାକୁ ନେଇ ଯାତ୍ରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।

ସୂଚନା ଥାଉ କି, ରବିବାର ଅପରାହ୍ନ ୫ଟା ୩୦ରେ ପୁରୀରୁ ପୁରୀ– ଚେନ୍ନାଇ ସୁପରଫାଷ୍ଟ ଏକ୍ସପ୍ରେସ ପୁରୀରୁ ଛାଡ଼ିବାର ଥିଲା। ଯାନ୍ତ୍ରିକ ତ୍ରୁଟି ଜଣାପଡିବା ପରେ ତୁରନ୍ତ ମରାମତି କରାଯାଇଥିଲା। ମରାମତି ପରେ ଟ୍ରେନ୍ ଯାତ୍ରା ଆରମ୍ଭ କରିଥିଲା। ଇଞ୍ଜିନିୟରମାନେ ଟ୍ରେନ୍‌ରେ ଯାନ୍ତ୍ରିକ ତ୍ରୁଟିଥିବା ପୁଣିଥରେ ଜାଣିବାକୁ ପାଇଥିଲେ। ତେଣୁ କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଟ୍ରେନ୍‌କୁ ପଛକୁ ଫେରାଇଅଣାଯାଇଥିଲା। ଏ ନେଇ ପୁରୀ ଆର୍‌ପିଏଫ୍ ଥାନା ଅଧିକାରୀ ଅପରେଶ ବେହେରା କହିଛନ୍ତି, ଟ୍ରେନ ଇଞ୍ଜିନ ବଗି ଛାଡ଼ି ଯିବାଭଳି କୌଣସି ଘଟଣା ଘଟିନାହିଁ। ରବିବାର ଅପରାହ୍ନ ୫ଟା ୩୦ରେ ପୁରୀ ରେଳଷ୍ଟେଶନରୁ ଟ୍ରେନ୍ ଛାଡ଼ିବାର ଥିଲା। ନିର୍ଦ୍ଧାରିତ ସମୟରେ ଟ୍ରେନ ପ୍ଲାଟଫର୍ମରୁ ବାହାରିଥିଲା। ତେବେ କିଛିବାଟ ଗଡ଼ିଯାଇଥିଲା ଅର୍ଥାତ ପ୍ଲାଟ୍‌ଫର୍ମ ଶେଷ ହୋଇଯାଇଥିଲା। ଏହି ସମୟରେ ଗୋଟିଏ କୋଚ୍ ଅନ୍‌ଫିଟ ବୋଲି ଜଣାପଡ଼ିଥିଲା। କିଛି ବୈଷୟିକ ତ୍ରୁଟି ଦେଖାଯାଇଥିଲା। ଫଳରେ ଟ୍ରେନକୁ ବ୍ୟାକ କରି ପ୍ଲାଟଫର୍ମକୁ ଅଣାଯାଇଥିଲା। ଅନଫିଟ ଥିବା ବଗିକୁ ଟ୍ରେନରୁ ଅଲଗା କରାଯାଇ ନୂତନ ବଗି ଲଗାଯାଇଥିଲା। ଏହାପରେ ସନ୍ଧ୍ୟା ୬ଟା ୫୦ରେ ଟ୍ରେନ ପ୍ଲାଟଫର୍ମ ଛାଡ଼ିଥିଲା। ଏଥିଯୋଗୁ ପ୍ରାୟ ୫୦ ମିନିଟ୍ ବିଳମ୍ବ ହୋଇଥିଲା। ଏଭଳି ସମସ୍ୟା ଅନେକ ସମୟରେ ଦେଖିବାକୁ ମିଳିଥାଏ ବୋଲି ବେହେରା କହିଛନ୍ତି।

# ପ୍ୟାରିସ୍ ଅଲିମ୍ପିକ୍ସରେ ବିବାଦ

**ଅଲିମ୍ପିକ୍ସ ପରି ବୃହତ କ୍ରୀଡା ଇଭେଣ୍ଟରେ ବେଳେ ବେଳେ ବିବାଦ ଦେଖା ଦେଇଥାଏ। ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ମଧ୍ୟ ସମାନ ଭାବରେ ଅନେକ ବିବାଦୀୟ ଘଟଣା ଦେଖିବାକୁ ମିଳିଛି। କିଛି ବିବାଦ ଏମିତି ରହିଥିଲା ଯାହାକୁ ନେଇ ଆୟୋଜକ କମିଟି ପକ୍ଷରୁ କ୍ଷମା ପ୍ରାର୍ଥନା ମଧ୍ୟ କରାଯାଇଥିଲା। ଏମିତି କିଛି ବିବାଦୀୟ ଘଟଣା ଉପରେ ନଜର....**



ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବରେ ପ୍ରଦର୍ଶିତ ବିବାଦୀୟ 'ଦ ଲାଷ୍ଟ ସପ୍ପର' କାର୍ଯ୍ୟକ୍ରମ।

## ଉଦ୍‌ଘାଟନୀ ସମାରୋହରେ ଡ୍ରାଗ୍ କୁଇନ୍

ପ୍ୟାରିସ୍ ୨୦୨୪ର ଉଦ୍‌ଘାଟନୀ ସମାରୋହ ଅନେକ କାରଣ ଦୃଷ୍ଟିରୁ ସ୍ୱତନ୍ତ୍ର ରହିଥିଲା। ପ୍ରଥମ ଥର ଏହା ଏକ ନଦୀ ଶଯ୍ୟାରେ ଆୟୋଜିତ ହୋଇଥିଲା। ୬ କି.ମି. ବ୍ୟାପୀ ଏହି ସମାରୋହର ଦୁଇଟି ଇଭେଣ୍ଟକୁ ନେଇ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ହୋଇଥିଲା। ତନ୍ମଧ୍ୟରୁ ଗୋଟିଏ ଥିଲା ଚତୁର୍ଦ୍ଦଶ-ଷୋଡ଼ଶ ଖ୍ରୀଷ୍ଟାବ୍ଦର ବିଶିଷ୍ଟ ଚିତ୍ରଶିଳ୍ପୀ ଲିଓନାର୍ଡୋ ଡା ଭିନ୍ସିଙ୍କ ଏକ ପେଣ୍ଟିଂ କୁ ଭିତ୍ତି କରି ଡ୍ରାଗ୍ କୁଇନ୍ (ମହିଳା ରୂପରେ ସଜ୍ଜିତ ପୁରୁଷ) ମାନଙ୍କ ଥିମ୍ ଉପରେ ଆଧାରିତ ଏକ କାର୍ଯ୍ୟକ୍ରମ, ଯାହାର ଶୀର୍ଷକ ଥିଲା 'ଦ ଲାଷ୍ଟ ସପ୍ପର'। କ୍ରୁଶବିଦ୍ଧ ହେବା ପୂର୍ବରୁ ଯୀଶୁଖ୍ରୀଷ୍ଟ ନିଜ ଅନୁଗାମୀଙ୍କ ସହ ମିଳିତ ଭୋଜନ ଦୃଶ୍ୟକୁ ଏଥିରେ ଏକ ବ୍ୟଙ୍ଗାତ୍ମକ ଶୈଳିରେ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମଟିରେ ଏକ ଲମ୍ବା ଟେବୁଲ ପଛରେ ୧୮ଜଣ କଳାକାରଙ୍କୁ ଭିନ୍ନ ଭଙ୍ଗୀରେ ଦେଖିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରେ ୩ ଜଣ ପରିଚିତ ଡ୍ରାଗ୍ ରେସ୍ ଫ୍ରାନ୍ସ କୁଇନ ଥିଲେ। ଏହି କାର୍ଯ୍ୟକ୍ରମ ବେଳେ ପୃଷ୍ଠଭୂମିରେ ସେନ୍ ନଦୀ ଓ ଆଇଫେଲ୍ ଟାୱାର ଶୋଭା ପାଉଥିଲା। ଏହି କାର୍ଯ୍ୟକ୍ରମଟି ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇଥିବା ଅଭିଯୋଗ ହେବାପରେ ଏହି ଭିଡିଓଟିକୁ ୟୁଟ୍ୟୁବ୍‌ରୁ ପ୍ରତ୍ୟାହାର କରିବା ସହ ଆୟୋଜକ କମିଟି କ୍ଷମା ପ୍ରାର୍ଥନା କରିଥିଲା। ବହୁ ସଂଖ୍ୟାରେ ଚର୍ଚ୍ଚ ଓ ବ୍ୟକ୍ତିବିଶେଷ ଏହାକୁ ଘୋର ବିରୋଧ କରିଥିଲେ। ଏଥି ସହ ଫରାସୀ ବିପ୍ଳବକୁ ଦେଖାଇବାକୁ ଯାଇ ଯେଉଁ ଭଳି ଢଙ୍ଗରେ ରାଣୀ ମେରୀ ଆଣ୍ଟୋନିଏଟଙ୍କ କଟାମୁଣ୍ଡ ଦେଖାଇଥିଲେ ଏହାକୁ ମଧ୍ୟ ସମାଲୋଚନା କରାଯାଇଥିଲା। ଉପରୋକ୍ତ ଦୁଇ ଘଟଣା ନେଇ ଆୟୋଜକ କମିଟି କ୍ଷମା ପ୍ରାର୍ଥନା କରିଥିଲା।

### ମାଇଗ୍ରାଣ୍ଟ ହଟିଲେ

ପ୍ୟାରିସ୍ ଅଲିମ୍ପିକ୍ସକୁ ଭବ୍ୟ କରିବା ପାଇଁ ଏହାର ଆୟୋଜକଙ୍କ ପକ୍ଷରୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି। ତେବେ ରାସ୍ତାକଡରେ ବସବାସ କରୁଥିବା ମାଇଗ୍ରାଣ୍ଟ ମାନଙ୍କୁ ଯେଉଁଭଳି ସ୍ଥାନାନ୍ତର କରାଗଲା ତାକୁ ନେଇ ବିବାଦ ଦେଖା ଦେଇଥିଲା। ପୋଲିସ୍ ଓ ସୁରକ୍ଷା ବଳଙ୍କ ପ୍ରୟୋଗ କରି ସଡକରେ ଅବସ୍ଥାନ କରୁଥିବା ଲୋକଙ୍କୁ ବଳପୂର୍ବକ ପ୍ୟାରିସ୍ ବାହାରେ ଛଡା ଯାଉଛି। ପ୍ୟାରିସ୍‌ରେ ପୂର୍ବରୁ ମଧ୍ୟ ଏପରି ଚାଲୁଥିବା ବେଳେ ଅଲିମ୍ପିକ୍ସ ସମୟରେ ଏହା ଜୋରଦାର ହୋଇଥିବା କହିଛନ୍ତି ନାଥାନ ଲେକ୍ୱେକ୍ସ ନାମକ ଜଣେ ସାମାଜିକ କର୍ମୀ।

### ହିଜାବ ବ୍ୟାନ୍

ଫ୍ରାନ୍ସର ଆଇନ ସର୍ବଦା କଡାକଡି ଭାବରେ ସମାନତାକୁ ଗୁରୁତ୍ୱ ଦେଇଥାଏ। ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ପକ୍ଷରୁ ହିଜାବ ତଥା ଅନ୍ୟାନ୍ୟ ଧାର୍ମିକ ବସ୍ତ୍ର ପିନ୍ଧି ଖେଳିବାର ଅନୁମତି ମିଳିଥାଏ। ତେବେ ଫ୍ରାନ୍ସରେ ଏହାକୁ କଡାକଡି ଭାବରେ ଲାଗୁ କରାଯାଇଛି। ଫ୍ରାନ୍ସ ୪୦୦ ମିଟର ମିକ୍ସଡ ରିଲେ ଟିମ୍‌ର ଆଥଲେଟ ସୋନକାମ୍ବା ସିଲାଙ୍କ ଅଭିଯୋଗ ପରେ ଏହା ସାମ୍ନାକୁ ଆସିଥିଲା। ସିଲା ହିଜାବ ପିନ୍ଧୁଥିବା କାରଣରୁ ତାଙ୍କୁ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେବାକୁ ଅନୁମତି ମିଳି ନ ଥିଲା।

### ସେନ୍ ନଦୀର ସ୍ୱଚ୍ଛତା



ପ୍ୟାରିସ୍ ଅଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହ ବ୍ୟତୀତ ସନ୍ତରଣର ଟ୍ରାଇଥଲନ ଓ ମାରାଥନ ଇଭେଣ୍ଟ ମଧ୍ୟ ଏଠାରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଏହି ନଦୀର ସ୍ୱଚ୍ଛତାକୁ ନେଇ ବିବାଦ ଦେଖା ଦେଇଛି। ଏହି ନଦୀରେ ସନ୍ତରଣ ଉପରେ ବିଗତ ଶହେ ବର୍ଷ ହେଲାଣି ବ୍ୟାନ୍ ଲାଗିଥିବା ବେଳେ ଅଲିମ୍ପିକ୍ସ ପୂର୍ବରୁ ଏହାକୁ ସୁଧାରିବା ପାଇଁ ୧.୫ ବିଲିୟନ ଡଲାର ବ୍ୟୟ ହୋଇଥିଲା। ଏପରିକି ସମସ୍ତଙ୍କୁ ଭୁଲ ପ୍ରମାଣିତ କରିବା ପାଇଁ ପ୍ୟାରିସ ମେୟର ଆନ୍ନି ହିଡାଲଗୋ ଅଲିମ୍ପିକ୍ସର ୯ ଦିନ ପୂର୍ବରୁ ଏଠାରେ ସନ୍ତରଣ କରିଥିଲେ। ସେନ୍ ନଦୀର ପାଣିରେ ଇ.କୋଲି ବ୍ୟାକ୍ଟେରିଆ ଉପସ୍ଥିତି କାରଣରୁ ବିଶ୍ୱ ଟ୍ରାୟାଥ୍ଲନ ଫେଡେରେଶନ ଏଠାରେ ଇଭେଣ୍ଟ ଆୟୋଜନ ନ କରିବା ପାଇଁ ମଧ୍ୟ ଘୋଷଣା କରିଥିଲା।

### ଡ୍ରୋନ୍ ଉଡ଼ାଇ ବିବାଦରେ କାନାଡା

ନ୍ୟୁଜିଲାଣ୍ଡ ମହିଳା ଦଳର ଅଭ୍ୟାସ ସେଶନରେ ଡ୍ରୋନ୍ ଉଡାଇବା ଅଭିଯୋଗରେ କାନାଡା ଦଳକୁ ଦଣ୍ଡିତ ହେବାକୁପଡିଛି। ଫିଫା ପକ୍ଷରୁ କାନାଡାର ୬ ପଏଣ୍ଟ କାଟି ଦିଆଯାଇଥିଲା। ଏହା ବ୍ୟତୀତ ଦଳକୁ କାନାଡା ଫୁଟ୍‌ବଲ ମହାସଂଘକୁ ୨୦୦,୦୦୦ ସୁଇସ୍ ଫ୍ରାଙ୍କ୍ (୨୨୬,୦୦୦ ଡଲାର) ଜରିମାନା ମଧ୍ୟ କରାଯାଇଥିଲା। ଏପରିକି ଦଳର ମୁଖ୍ୟ କୋଚ୍, ସହକାରୀ କୋଚ୍ ଓ ଆନାଲିଷ୍ଟଙ୍କୁ ବିଦା କରାଯାଇଥିଲା।

### ଫେରିଗଲେ ନାଇଜେରିଆ ଖେଳାଳି

ନାଇଜେରିଆ ମହିଳା ବାସ୍କେଟବଲ ଦଳର ଖେଳାଳି ମାନେ ପ୍ୟାରେଡ ଅଫ୍ ନେଶନ୍ସରେ ଅଂଶଗ୍ରହଣ ନ କରି ଗେମ୍ସ ଭିଲେଜକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଖେଳାଳି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଡଙ୍ଗାରେ ବସିବାକୁ ଯାଉଥିବା ବେଳେ ଜଣେ ଅଫିସିଆଲ ରୋକିଥିଲେ। ଉକ୍ତ ଡଙ୍ଗାରେ ଆବଶ୍ୟକତାରୁ ଅଧିକ ବ୍ୟକ୍ତି ଥିବାର କାରଣ ଦର୍ଶାଇଥିଲେ ଅଫିସିଆଲ। ଏଣ୍ଟ୍ରି ସୁଯୋଗ ନ ମିଳିବା ପରେ ଖେଳାଳି ମାନେ ଗେମ୍ସ ଭିଲେଜକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

### ଦକ୍ଷିଣ କୋରିଆ ପରିବର୍ତ୍ତେ ଉତ୍ତର କୋରିଆ

ଉଦ୍‌ଘାଟନୀ ଉତ୍ସବରେ ଦକ୍ଷିଣ କୋରିଆ ଆଥଲେଟମାନଙ୍କୁ ଉତ୍ତର କୋରିଆ ବୋଲି ପରିଚୟ କରାଇଥିବାରୁ ଅଲିମ୍ପିକ ଗେମ୍ସ ଆୟୋଜକ କ୍ଷମା ପ୍ରାର୍ଥନା କରିଛନ୍ତି। ଦକ୍ଷିଣ କୋରିଆର ଆଥଲେଟମାନେ ସେମାନଙ୍କ ଜାତୀୟ ପତାକା ଉଡାଉଥିବା ବେଳେ ସେମାନେ ଉଭୟ ଫ୍ରେଞ୍ଚ୍ ଓ ଇଂଲିଶ ଭାଷାରେ ଡେମୋକ୍ରାଟିକ୍ ପିପୁଲ୍ସ ରିପବ୍ଲିକ ଅଫ୍ କୋରିଆ ବୋଲି ଘୋଷଣା କରିଥିଲେ। ଦକ୍ଷିଣ କୋରିଆକୁ କିନ୍ତୁ ରିପବ୍ଲିକ ଅଫ୍ କୋରିଆ କୁହାଯାଇଥାଏ। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସେମାନଙ୍କର ଏକ ପୋଷ୍ଟରେ ଉଦ୍‌ଘାଟନୀ ଉତ୍ସବରେ କୋରିଆ ଦଳକୁ ପରିଚିତ କରିବା ବେଳେ ହୋଇଥିବା ତ୍ରୁଟିକୁ ନେଇ ଆମେ କ୍ଷମା ପ୍ରାର୍ଥନା କରୁଛୁ ବୋଲି କହିଛନ୍ତି।







ପ୍ୟାରିସ୍ ଅଲିମ୍ପିକ୍ସର ଶୁଟିଂରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତର ମନୁ ଭାକରଙ୍କୁ ରବିବାର ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ଶୁଭେଚ୍ଛା ଜଣାଉଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ।

## ନାଇଜେରିଆନ ମହିଳା ବକ୍ସର ଅଲିମ୍ପିକ୍ସରୁ ସସ୍‌ପେଣ୍ଡ

**ପ୍ୟାରିସ, ୨୮।୭(ଏପି):** ଡୋପ୍ ଟେଷ୍ଟରେ ଧରାପଡ଼ି ନାଇଜେରିଆର ସିନ୍ଥିଆ ଓଗୁନ୍ ସେମିଲୋର ଅଲିମ୍ପିକ ମହିଳା ବକ୍ସିଂ ପ୍ରତିଯୋଗିତାରୁ ସସ୍‌ପେଣ୍ଡ ହୋଇଛନ୍ତି। ଏହି ୨୨ବର୍ଷୀୟା ଆଫ୍ରିକାନ୍ ଗେମ୍ସ ଲାଇଟୱେଟ୍ ଚାମ୍ପିୟନଙ୍କଠାରୁ ଗତ ଗୁରୁବାର ସାମ୍ପଲ ସଂଗ୍ରହ କରାଯାଇଥିବା ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) କହିଛି। ସିନ୍ଥିଆଙ୍କଠାରୁ ସଂଗୃହୀତ ସାମ୍ପଲରେ ଡ୍ୟୁରେଟିକ୍ ଫ୍ୟୁରୋସେମିଡ୍ ନାମକ ଏକ ନିଷିଦ୍ଧ ଦ୍ରବ୍ୟ ଠାବ କରାଯାଇଥିଲା, ଯାହାକି ଶରୀରରେ ଅନ୍ୟ ଡ୍ରଗ୍ସଙ୍କ ଉପସ୍ଥିତିକୁ ଘୋଡ଼ାଇ ରଖିଥାଏ। ସିନ୍ଥିଆଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଛି। ସେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିପାରିବେ ନାହିଁ। ସୋମବାର ରାଉଣ୍ଡ ଅଫ୍ ୧୬ରେ ଏହି ଚତୁର୍ଥ ସିଡ୍ ବକ୍ସର ମହିଳା ୬୦ କିଲୋଗ୍ରାମ (୧୩୨ ପାଉଣ୍ଡ) ଶ୍ରେଣୀ ପ୍ରତିଯୋଗିତାରେ ଭାଗ ନେଇଥାନ୍ତେ। ସିନ୍ଥିଆ ତାଙ୍କ ଓଜନ ଶ୍ରେଣୀରେ ଗତବର୍ଷ ଆଫ୍ରିକାନ୍ ଗେମ୍ସରେ ସ୍ୱର୍ଣ୍ଣ ଜିତିଥିଲେ। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଚଳିତ ପ୍ୟାରିସ ଅଲିମ୍ପିକ୍ସରେ ଏହା ହେଉଛି ଦ୍ୱିତୀୟ ଡୋପ୍ ପଜିଟିଭ୍ ମାମଲା। ପୂର୍ବରୁ ଇରାକର ଜଣେ ଜୁଡୋକା ସାଜାଦ ସେହେନ୍ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ।

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଅଷ୍ଟ୍ରେଲିଆ | ୪ | ୨ | ୦ | ୬ |
| ଫ୍ରାନ୍ସ | ୩ | ୨ | ୨ | ୭ |
| ଜାପାନ | ୩ | ୨ | ୧ | ୬ |
| ଦ.କୋରିଆ | ୩ | ୨ | ୧ | ୬ |
| ଚାଇନା | ୩ | ୧ | ୨ | ୬ |
| ଆମେରିକା | ୨ | ୪ | ୩ | ୯ |
| କାଜାଖସ୍ତାନ | ୧ | ୦ | ୨ | ୩ |
| ବେଲଜିୟମ | ୧ | ୦ | ୧ | ୨ |
| ଜର୍ମାନୀ | ୧ | ୦ | ୦ | ୧ |
| ହଂକଂ | ୧ | ୦ | ୦ | ୧ |
| ଉଜବେକିସ୍ତାନ | ୧ | ୦ | ୦ | ୧ |
| ଇଟାଲୀ | ୦ | ୨ | ୩ | ୫ |
| ବ୍ରାଜିଲ | ୦ | ୧ | ୨ | ୩ |
| ବ୍ରିଟେନ | ୦ | ୧ | ୨ | ୩ |
| କାନାଡ଼ା | ୦ | ୧ | ୦ | ୧ |
| ଫିଜି | ୦ | ୧ | ୦ | ୧ |
| କୋସୋଭୋ | ୦ | ୧ | ୦ | ୧ |
| ମଙ୍ଗୋଲିଆ | ୦ | ୧ | ୦ | ୧ |
| ପୋଲାଣ୍ଡ | ୦ | ୧ | ୦ | ୧ |
| ଭାରତ | ୦ | ୦ | ୧ | ୧ |

(ରାତି ୧ଟା ସୁଦ୍ଧା)

## ସେନ୍ ନଦୀରେ ପ୍ରି-ରେସ୍ ଟ୍ରାଇଥଲନ ଇଭେଣ୍ଟ ବାତିଲ

**ପ୍ୟାରିସ୍, ୨୮।୭(ଏପି):** ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ଥିବା ସେନ ନଦୀଜଳର ଗୁଣବତ୍ତାକୁ ନେଇ ଚଳିତ ଅଲିମ୍ପିକ୍ସର ଆୟୋଜକଗଣ ଚିନ୍ତାରେ ପଡ଼ିଯାଇଛନ୍ତି। ସେମାନେ ଏହି ନଦୀରେ ରବିବାର ହେବାକୁଥିବା ଟ୍ରାଇଥ୍ଲନ ଇଭେଣ୍ଟର ପ୍ରି-ରେସ୍‌କୁ ବାତିଲ କରିବାକୁ ବାଧ ହୋଇଛନ୍ତି। ସୂଚନାଯୋଗ୍ୟ, ଖରାପ କ୍ୱାଲିଟିର ପାଣି ଯୋଗୁ ଏକ ଶତାବ୍ଦୀ ଧରି ନଦୀର ଏକ ବଡ଼ ଭାଗ ସନ୍ତରଣ ଉପରେ କଟକଣା ଜାରି କରାଯାଇଥିଲା। ଗେମ୍ସ ପାଇଁ ସେନ ନଦୀକୁ ପ୍ରସ୍ତୁତ କରିବା ଲାଗି ଆୟୋଜକଗଣ ୧.୫ ବିଲିୟନ ଡଲାର ବ୍ୟୟ କରିଥିଲେ। ସରକାର କହିଥିଲେ, ନଦୀ ଏବେ ପରିଷ୍କାର ଏବଂ ଏଥିରେ ହେବାକୁଥିବା ଇଭେଣ୍ଟଗୁଡ଼ିକ ଲାଗି ପ୍ରସ୍ତୁତ। ତନ୍ମଧ୍ୟରେ ଟ୍ରାଇଥ୍ଲନର ସନ୍ତରଣ ଅଂଶ ଏବଂ ମାରାଥନ ସନ୍ତରଣ ଇଭେଣ୍ଟ ସାମିଲ। ଜୁନ ମାସ ପ୍ରଥମ ଭାଗରେ ଦୈନିକ ସେନ ନଦୀ ଜଳର ଗୁଣବତ୍ତା ପରୀକ୍ଷା କରାଯାଇଥିଲା। ଏଥିରେ ଇ. କୋଲି ବ୍ୟାକ୍ଟେରିଆରର ମାତ୍ରା ଅଧିକ ଥିଲା, ଯାହାକି ଅସ୍ୱାସ୍ଥ୍ୟକର।

## ରାଜ୍ୟ ବନ୍ଧୁକଚାଳନା ପ୍ରତିଯୋଗିତା ଉଦ୍‌ଯାପିତ

**ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ)**

ଓଡ଼ିଶା ରାଇଫଲ ସଂଘ ଆନୁକୂଲ୍ୟରେ ତ୍ରୟୋଦଶ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ରବିବାର ଉତ୍କଳ କରାଟେ ସ୍କୁଲ ପରିସରରେ ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତା ଗତ ୨୫ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ବିଡିଓ ସାଗର ପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପଦକ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଓଡ଼ିଶା ରାଇଫଲ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ସଭାପତି ଗୌରୀ ମହାନ୍ତି, କୋଷାଧ୍ୟକ୍ଷ ବଳଭଦ୍ର ଦାସ, ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଓ ରୋମିଓକାନ୍ତ ନନ୍ଦ, ଯୁଗ୍ମ ସମ୍ପାଦକ ଆଶିଷ ନାୟକ, ସହ ସମ୍ପାଦକ ରାଜ ନାରାୟଣ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।




ରାଜ୍ୟ ଶୁଟିଂ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

